



ଜାନୁଆରୀ ୧୬ରେ ହ୍ୟାପି ପଟେଲ୍
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-160 ♦SATURDAY ♦6 DECEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୬୦ ♦ଶନିବାର ♦୬ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

## ସମ୍ପର୍କର ନୂଆ ଯୁଗ
# ଭାରତ-ରୁଷ ୧୯ ଚୁକ୍ତି

■ ନୂଆଦିଲ୍ଲୀ, ୫।୧୨ (ଏଜେନ୍ସି): ଆମେରିକାର ଟାରିଫ୍ ରଣନୀତି ଏବଂ ଚୀନ୍‌ର ବିସ୍ତାରବାଦୀ ରାଜନୀତିକୁ ପ୍ରତିହତ କରିବା ପାଇଁ ଭାରତ ତା'ର ମିତ୍ର ରାଷ୍ଟ୍ର ରୁଷ୍ ସହିତ ସମ୍ପର୍କର ନୂଆ ଯୁଗ ଆରମ୍ଭ କରିଛି। ଦୁଇଦିନିଆ ଭାରତ ଗସ୍ତରେ ଥିବା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରମାଣୁ, ତୈଳ, ଗ୍ୟାସ ଓ ବାଣିଜ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ୧୯ଟି ଚୁକ୍ତି ସ୍ୱାକ୍ଷର କରି ପରୋକ୍ଷରେ ଆମେରିକା ଓ ଚୀନ୍‌କୁ ଶକ୍ତ ଜବାବ ଦେଇଛନ୍ତି। ଅନ୍ୟପକ୍ଷରେ ଭାରତ ସହ ଥିବା ପୂର୍ବ ସମ୍ପର୍କକୁ ଅତୁଟ ରଖିବାର ଦୃଢ଼ ପ୍ରତିଶ୍ରୁତି ଦେଇ ରୁଷ୍ ରାଷ୍ଟ୍ରପତି ପୁଟିନ୍ ୨୦୨୬ ରୁଷ୍ ଶିଖର ବୈଠକରେ ଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆମନ୍ତ୍ରଣ କରି ଶୁକ୍ରବାର ରାତିରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଭାରତକୁ ଦୁଇ ଦିନିଆ ଗସ୍ତରେ ଆସି ଗୁରୁବାର ନୂଆଦିଲ୍ଲୀରେ ପହଞ୍ଚିଥିବା ପୁଟିନ୍ ଆଜି ସକାଳେ ହାଇଦ୍ରାବାଦ ହାଉସ୍‌ଠାରେ ଅନୁଷ୍ଠିତ ଶିଖର ବୈଠକରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ

**କେବଳ ତୈଳ ଓ ଗ୍ୟାସ ଆଲୋଚନା ପାଇଁ ଆସିନାହୁଁ: ପୁଟିନ**

**ରୁଷ୍ ସବୁଠୁ ଘନିଷ୍ଠ ବନ୍ଧୁ ଓ ଦୁଇ ଦେଶର ସମ୍ବନ୍ଧ ଧ୍ରୁବତାରା ଭଳି ସ୍ଥିର: ମୋଦୀ**

**୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ କାରବାର ୧୦୦ ବିଲିୟନ ଡଲାର ଛୁଇଁବ**

**ଆମେରିକାର ଦୋମୁହାଁ ନୀତିକୁ ରୁଷ୍ ରାଷ୍ଟ୍ରପତିଙ୍କ ସମାଲୋଚନା**

**କୁଡନକୁଲମରେ ଭାରତର ବଡ଼ ପରମାଣୁ କେନ୍ଦ୍ର ନିର୍ମାଣ**

**ନୂଆ ଅନ୍ତର୍ଜାତୀୟ ପରିବହନ ମାର୍ଗ ମଧ୍ୟ ନିର୍ମାଣ କରାଯିବ**



ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ପୁଟିନ ଗତ ୨୪ ଘଣ୍ଟା ମଧ୍ୟରେ ପରସ୍ପରକୁ ତିନି ଥର ଭେଟିଥିଲେ। ଉଭୟେ ନୈଶଭୋଜି, ଦ୍ୱିପାକ୍ଷିକ ଆଲୋଚନା, ମିଳିତ ସାମ୍ବାଦିକ ସମ୍ମିଳନୀ ଏବଂ ଭାରତ-ରୁଷ ବ୍ୟବସାୟିକ ଫୋରମକୁ ସମ୍ବୋଧିତ କରିଛନ୍ତି। ତେବେ ଏହି ସମୟରେ ଦୁଇ ଦେଶ ମଧ୍ୟରେ କୌଣସି ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇପାରି ନାହିଁ। ଏହା ପୂର୍ବରୁ ଲଢୁଆ ବିମାନ କିମ୍ବା ବଡ଼ ପ୍ରତିରକ୍ଷା ଚୁକ୍ତି ହେବ ବୋଲି କୁହାଯାଉଥିଲା। ମାତ୍ର ବ୍ୟବସାୟ ବୃଦ୍ଧି ପାଇଁ ଭାରତ-ରୁଷ ମଧ୍ୟରେ ୧୯ଟି ଚୁକ୍ତିରେ ମୋହର ବାଜିଛି। ଦୁଇ ଦେଶ ମଧ୍ୟରେ ଜାହାଜ ନିର୍ମାଣ, ଭାରତୀୟ ନାବିକଙ୍କୁ ▶ପୃଷ୍ଠା-୭

# ଟ୍ରମ୍ପଙ୍କୁ 'ଫୋମୋ'



■ ୱାଶିଂଟନ, ୫।୧୨ (ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ୨୭ ଘଣ୍ଟାର ଗସ୍ତ ଓ ଭାରତ ସହ ଅନେକ ବୁଝାମଣା ପରେ ଅକସ୍ମାତ 'ଫୋମୋ' (ଫିଅର ଅଫ୍ ମିସିଂ ଆଉଟ)ର ଶିକାର ହୋଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଭାରତ-ରୁଷ ମଧ୍ୟରେ ବଡ଼ ଚୁକ୍ତିନାମା ତାଙ୍କ ନିଦ ହଜାଇ ଦେଇଛି ଓ ଆକସ୍ମିକ ଭାବରେ ସେ ଭାରତକୁ ପ୍ରଶଂସା ସହ ୟୁରୋପୀୟ ଦେଶ ପ୍ରତି ଆକ୍ରମଣାତ୍ମକ ଟିପ୍ପଣୀ ଦେବା ଆରମ୍ଭ କରିଛନ୍ତି। ଏପରିକି ଚୀନ ବିରୋଧରେ ମୋର୍ଚ୍ଚା ଖୋଲିବା ନିମନ୍ତେ ଆମେରିକା ଭାରତର ସହଯୋଗ ଲୋଡ଼ିଛି।


**ଲୋଡ଼ିଲେ ଭାରତର ସହଯୋଗ**

ଟ୍ରମ୍ପ ପ୍ରଶାସନ ଦ୍ୱାରା ୩୩ ପୃଷ୍ଠା ବିଶିଷ୍ଟ ଜାତୀୟ ସୁରକ୍ଷା ରଣନୀତିରେ ଟ୍ରମ୍ପ ପ୍ରଶାସନ ୟୁରୋପୀୟ ଦେଶଗୁଡ଼ିକୁ କଠୋର ଶବ୍ଦରେ ସମାଲୋଚନା କରିଛି। ୟୁରୋପୀୟ ଦେଶମାନେ ଗଣତନ୍ତ୍ରକୁ ନଷ୍ଟ କରିବାକୁ ଲାଗିଛନ୍ତି ଓ ୟୁକ୍ରେନରେ ଶାନ୍ତି ପ୍ରତିଷ୍ଠା କରିବାକୁ ଚାହୁଁ ନାହାନ୍ତି। ଅର୍ଥନୀତିକୁ ଉନ୍ନତ କରିବା ପାଇଁ ରୁଷ ସହ ଶତ୍ରୁତା ଶେଷ କରିବା ଓ ୟୁକ୍ରେନ ସହ ଯୁଦ୍ଧ ରୋକିବା ୟୁରୋପୀୟ ଦେଶ ପାଇଁ ଅତ୍ୟନ୍ତ ଜରୁରୀ ବୋଲି କୁହାଯାଇଛି। ସେହିପରି ଜାତୀୟ ରଣନୀତିରେ ଚୀନକୁ ଏକ ଆର୍ଥିକ ଚ୍ୟାଲେଞ୍ଜ ଭାବରେ ଆମେରିକା ଉଲ୍ଲେଖ କରିଛି। ଚୀନ ବିରୋଧରେ ଆର୍ଥିକ ମୋର୍ଚ୍ଚାରେ ଭାରତ ଆମେରିକାର ବଡ଼ ସହଯୋଗୀ ହୋଇପାରିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ୱାଶିଂଟନ ଚୀନ ସହିତ ଆର୍ଥିକ ସମ୍ପର୍କକୁ ପୁନଃସନ୍ତୁଳନ କରିବା ପାଇଁ ପଦକ୍ଷେପ ନେବ ଓ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଯୁଦ୍ଧ ରୋକିବା ପାଇଁ ପ୍ରୟାସ କରିବ ବୋଲି କୁହାଯାଇଛି।

## ରାଜ୍ୟରେ ପୁଣି ପରୀକ୍ଷା ବିଭ୍ରାଟ; ବିଧାନସଭାରେ ହଙ୍ଗାମା
# ପରୀକ୍ଷା ପୂର୍ବରୁ ଏଏନ୍‌ଏମ୍ ପ୍ରଶ୍ନପତ୍ର ଲିକ୍

■ ଭୁବନେଶ୍ୱର, ୫।୧୨ (ସମିସ): ରାଜ୍ୟରେ ପୁଣିଥରେ ପରୀକ୍ଷା ବିଭ୍ରାଟ ଦେଖାଦେଇଛି। ପରୀକ୍ଷାର ଠିକ୍ ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଛି। ଶୁକ୍ରବାର ଏଏନ୍‌ଏମ୍ ପରୀକ୍ଷା ଥିବା ବେଳେ ପରୀକ୍ଷାର ୩ ଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ୍ ହୋଇଛି। ଦ୍ୱିତୀୟ ବର୍ଷ ପିଲାଙ୍କ ପଞ୍ଚମ ପେପର୍ 'ମିଡ ୱାଇଫେରୀ' ଦିନ ୨ଟା ବେଳେ ଆରମ୍ଭ ହେବାର ଥିଲା। ହେଲେ ଦିନ ୧୧ଟା ବେଳକୁ ଏହା ମୋବାଇଲ୍‌ରୁ ମୋବାଇଲ୍‌କୁ ଘୂରି ବୁଲିଥିଲା। ଏପରିକି, ବଜାରରେ ଏହାର ପ୍ରିଣ୍ଟ କପି ମଧ୍ୟ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ମାଲକାନାଗିରି ଓ

**କ୍ୟାପିଟାଲ ଥାନାରେ ଏତଲା; ଦୋଷୀଙ୍କ ବିରୋଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ**




ବଲାଙ୍ଗିରରୁ ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିବା ପରେ ଡିଏମ୍‌ଇଟି ପକ୍ଷରୁ ପରୀକ୍ଷାକୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି।


ବାରମ୍ବାର ପରୀକ୍ଷା ବିଭ୍ରାଟକୁ ନେଇ ଆଜି ବିଧାନସଭାରେ ବିରୋଧୀମାନେ ହଙ୍ଗାମା କରିଥିଲେ। ଏଏନ୍‌ଏମ୍ ପ୍ରଶ୍ନପତ୍ର ପ୍ରଘଟ ସମ୍ପର୍କରେ ବିବୃତି ରଖିବାକୁ ବାଚସ୍ପତି ସୁରମା ପାଢ଼ୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନ ଅଧିବେଶନରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ପ୍ରସଙ୍ଗରେ ଗୃହରେ ବିବୃତି ରଖିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ଏଏନଏମ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଏନେଇ ଏତଲା ପ୍ରଦାନ ▶ପୃଷ୍ଠା-୭

## ଉଡ଼ାଣ ଅଚଳ
### ଯାତ୍ରୀଙ୍କୁ କ୍ଷମା ମାଗିଲା ଇଣ୍ଡିଗୋ
# ଡିଜିସିଏର ତଦନ୍ତ ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୫।୧୨ (ଏଜେନ୍ସି): ଚତୁର୍ଥ ଦିନରେ ବି 'ଇଣ୍ଡିଗୋ'ର ବିମାନ ସେବାରେ ଅଚଳାବସ୍ଥା ଜାରି ରହିଛି। ପାଇଲଟ ଏବଂ କର୍ମଚାରୀଙ୍କ ଘୋର ଅଭାବ ପାଇଁ ଗତ ୪ ଦିନରେ ୧୭୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଦିଆଯାଇଛି। ଶତାଧିକ ବିମାନ ମଧ୍ୟ ବିଳମ୍ବରେ ଚାଲୁଛି। ଏଥିଯୋଗୁଁ ଦେଶର ପ୍ରାୟ ସବୁ ବିମାନବନ୍ଦରରେ ହଜାର ହଜାର ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଏହି ଘଟଣାରେ ଇଣ୍ଡିଗୋ ସିଇଓ ଦୁଃଖ ପ୍ରକାଶ କରିବା ସହ ଯାତ୍ରୀଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି। ଆସନ୍ତା ୧୦ରୁ ୧୫ତାରିଖ ମଧ୍ୟରେ ବିମାନ ▶ପୃଷ୍ଠା-୭

# କମିଲା ସୁଧ ହାର

■ ମୁମ୍ବଇ, ୫।୧୨ (ଏଜେନ୍ସି): ଦେଶରେ ହ୍ରାସ ପାଉଥିବା ଖୁଚୁରା ମୁଦ୍ରାସ୍ଫୀତିକୁ ନଜରରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଶୁକ୍ରବାର ଏହାର ପ୍ରମୁଖ ସୁଧ ହାର ବା ରେପୋ ହାରରେ ୨୫ ବେସିସ୍ ପଏଣ୍ଟ ଅର୍ଥାତ୍ ୦.୨୫% ହ୍ରାସ ଘଟାଇଛି। ଏହା ପରେ ରେପୋ ହାର ୫.୫୦%ରୁ ୫.୨୫%କୁ ଖସିଆସିଛି। ଆର୍‌ବିଆଇ ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକର ଚୂଡାନ୍ତ ଦିବସରେ ଆଜି କେନ୍ଦ୍ରୀୟ ବ୍ୟାଙ୍କ ସୁଧହାରରେ ଏହି ହ୍ରାସ ଘଟାଇଥିବା ଆର୍‌ବିଆଇ ଗଭର୍ଣ୍ଣର ▶ପୃଷ୍ଠା-୭




# ଦୁର୍ଘଟଣାରେ ଗଲା ୬ ଜୀବନ

■ ଯୋଡ଼ା/ବଡ଼ବିଲ, ୫।୧୨ (ସମିସ): କେନ୍ଦୁଝର ଜିଲ୍ଲାର ଜୀବନରେଖା କୁହାଯାଉଥିବା ୫୨୦ନମ୍ବର ଜାତୀୟ ରାଜପଥ ଆଜି ପୁଣି ୪ଜଣଙ୍କ ଜୀବନ ନେଇଛି। ବଡ଼ବିଲ ତହସିଲ ଅଧୀନ ଦୁଇଟି ପୃଥକ୍ ସ୍ଥାନରେ ଏହି ଅଘଟଣ ଘଟିଛି। ଗୋଟିଏ ସ୍ଥାନରେ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଏକ ଘଟଣାରେ ଜଣେ ପ୍ରାଣ ହରାଇଛନ୍ତି।

**ରାଜପଥରେ ଗଡ଼ିଲା ୪ ମୁଣ୍ଡ**

**ଜନ୍ମଦିନ କେକ୍ କିଣି ଫେରିବା ବେଳେ ମାଡ଼ିଗଲା ହାଇୱା**

ସଂଧ୍ୟା ପ୍ରାୟ ସାଢ଼େ ୬ଟାରେ ଯୋଡ଼ା ଥାନା ଅନ୍ତର୍ଗତ କଳାପାହାଡ଼ ଛକ ନିକଟରେ ବାଇକ୍ ଉପରେ ଏକ ଟ୍ରେଲର୍ ମାଡ଼ିଯିବାରୁ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଯୋଡ଼ା ୧ ନମ୍ବର ୱାର୍ଡ ତାରିଣୀ ହଟିଂର ଶଙ୍କର ବାହାଦୁର (୪୫), ଟୁନୁ ପାତ୍ର। ଅନ୍ୟ ଜଣଙ୍କର ପରିଚୟ ମିଳିପାରିନାହିଁ। ୩ଜଣ ଯାକ ଏକ ବାଇକ୍‌ରେ ଫେରୁଥିବା ବେଳେ ଟ୍ରେଲର (ଜେଏଚ୍ ୦୫ବିଏସ୍ ୬୫୧୭)ଟି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ୩ଜଣ ଯାକ ଗାଡ଼ିରୁ ଛିଟିକି ପଡ଼ିବା ପରେ ଟ୍ରେଲର୍‌ଟି ସେମାନଙ୍କୁ ଚାପି ଦେଇଥିଲା। ଫଳରେ ଘଟଣାସ୍ଥଳରେ ସମସ୍ତଙ୍କ ମୃତ୍ୟୁ ହୋଇଥିଲା। ଖବର ▶ପୃଷ୍ଠା-୭

## ୨ ବର୍ଷର ଶିଶୁକୁ ଛାଡ଼ି ଚାଲିଗଲେ ବାପା-ମା'

■ ଦିଗପହଣ୍ଡି, ୫।୧୨(ସମିସ): ଦିଗପହଣ୍ଡି-ବ୍ରହ୍ମପୁର ରାସ୍ତାର ଗଣିଆନାଳ ଛକ ନିକଟସ୍ଥ ମାଁ କୁରେଇଶୁଣି ମନ୍ଦିର ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ସ୍କୁଟି ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏଥିରେ ଏକ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ସାନଖେମୁଣ୍ଡି ବ୍ଲକ ଗଙ୍ଗାପୁର ପଞ୍ଚାୟତ ଢ଼େପାଗୁଡା ଗ୍ରାମର ପ୍ରତାପ ମଲ୍ଲିକ (୩୫) ଓ ସ୍ତ୍ରୀ ଲଳିତା ମଲ୍ଲିକ (୩୦)। ସେହିପରି ଏହି ଦୁର୍ଘଟଣାରେ ସେମାନଙ୍କ ୨ ବର୍ଷର ଶିଶୁ ଓ ଆର୍. ଉଦୟଗିରି ଅଞ୍ଚଳର ଜଣେ ବାଇକ୍ ଚାଳକ ସୁନୀଲ ଦଳାଇ (୩୬) ଗୁରୁତର ହୋଇଛନ୍ତି। ▶ପୃଷ୍ଠା-୭

# ଫେବ୍ରୁଆରୀ ୧୯ରୁ ମାଟ୍ରିକ୍ ପରୀକ୍ଷା

■ କଟକ, ୫।୧୨ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସଇ) ପକ୍ଷରୁ ମାଟ୍ରିକ୍ ପରୀକ୍ଷା-୨୦୨୬ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ପାଇଁ ସମ୍ପୂର୍ଣ୍ଣ ସୂଚୀ ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ୨୦୨୬ ଫେବ୍ରୁଆରୀ ୧୯ ତାରିଖରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବ। ରେଗୁଲାର୍ ଏବଂ ଏକ୍ସ-ରେଗୁଲାର୍ ଉଭୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିଦିନ ଗୋଟିଏ ବିଷୟର ପରୀକ୍ଷା ଗୋଟିଏ ସିଟିଂରେ ଅନୁଷ୍ଠିତ ହେବ। ଗଣିତକୁ ଛାଡ଼ିଦେଲେ, ଅନ୍ୟ ସମସ୍ତ ପରୀକ୍ଷା ସକାଳ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବ। ଗଣିତ ପରୀକ୍ଷା ପାଇଁ ଅତିରିକ୍ତ ୧୫ ମିନିଟ୍ ସମୟ ଦିଆଯିବ। ତେଣୁ ଏହା ୧୧ଟା ୪୫ରେ ଶେଷ ହେବ।

**ପ୍ରକାଶ ପାଇଲା ପରୀକ୍ଷା ସୂଚୀ**

**ଗଣିତ ପାଇଁ ଅତିରିକ୍ତ ୧୫ ମିନିଟ୍**

ସୂଚୀ ଅନୁଯାୟୀ, ଫେବ୍ରୁଆରି ୧୯ରେ ପ୍ରଥମ ଭାଷା, ୨୧ରେ ଇଂରାଜୀ, ୨୩ରେ ତୃତୀୟ ଭାଷା (ସଂସ୍କୃତ/ହିନ୍ଦୀ), ୨୫ରେ ବିଜ୍ଞାନ, ୨୭ରେ ସାମାଜିକ ବିଜ୍ଞାନ ଏବଂ ମାର୍ଚ୍ଚ ୨ରେ ଗଣିତ ପରୀକ୍ଷା ଅନୁଷ୍ଠିତ ହେବ। ▶ପୃଷ୍ଠା-୭

# ସରକାରୀ ସହାୟତା ଅପେକ୍ଷାରେ ବିଶ୍ୱ ଚାମ୍ପିଅନ ପିଙ୍କି



■ ଭୁବନେଶ୍ୱର, ୫।୧୨ (ସମିସ): ମହିଳା ସଶକ୍ତିକରଣର ସଂଜ୍ଞା କେବଳ ଆର୍ଥିକ କ୍ଷେତ୍ରରେ ସୀମିତ ନୁହେଁ। ଏହା ସାମାଜିକ, ମାନସିକ ଓ ଶାରୀରିକ ଭଳି ବ୍ୟାପକ କ୍ଷେତ୍ରକୁ ବୁଝାଏ। ଶାରୀରିକ ସଶକ୍ତିକରଣ ବିନା କ୍ରୀଡ଼ାନୈପୁଣ୍ୟ ଓ ଉତ୍କର୍ଷ ବିଷୟରେ ଚିନ୍ତା କରାଯାଇ ପାରେନା। ଅଥଚ ପିଙ୍କି ବେହେରାଙ୍କ ଭଳି ଯେଉଁ ମହିଳାମାନେ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି, ସେମାନେ ଉପଯୁକ୍ତ ମର୍ଯ୍ୟାଦା, ସମ୍ମାନ ଓ ନ୍ୟାୟରୁ ବଞ୍ଚିତ। ରାଜ୍ୟ ସରକାର ସମ୍ପ୍ରତି ମହିଳା ସଶକ୍ତିକରଣ ଓ କ୍ରୀଡ଼ା ବିକାଶକୁ ଅଗ୍ରାଧିକାର ଦେଉଥିବାରୁ ରାଜ୍ୟ ପାଇଁ ସୁନାମ ଆଣିଥିବା ମହିଳା କ୍ରୀଡ଼ାବିତ୍‌ମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ। କାରଣ ବଡି ବିଲଡିଙ୍ଗ୍‌ର ରାଜ୍ୟକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରି ସ୍ୱର୍ଣ୍ଣପଦକ ହାସଲ କରିଥିବା ଓଡ଼ିଆ କ୍ରୀଡ଼ାବିତ୍ ସରକାରୀ ସହାୟତା ଅପେକ୍ଷାରେ। ବଡି ବିଲଡିଙ୍ଗ୍‌ରେ ଓଡ଼ିଶାର ପ୍ରଥମ ମହିଳା ବଡି ବିଲଡର ଭାବେ ବିଶ୍ୱ ବିଜୟୀ ହୋଇ ମଧ୍ୟ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି ପିଙ୍କି।

**ବଡି ବିଲଡିଂରେ ଆଣିଥିଲେ ସ୍ୱର୍ଣ୍ଣ ପଦକ**

**ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ କରିଥିଲେ ଗୌରବାନ୍ୱିତ**

ସୂଚନାଯୋଗ୍ୟ, ୨୦୨୨ ମସିହାରେ କେରଳରେ ଅନୁଷ୍ଠିତ ବଲିବିଲଡିଂ ଚାମ୍ପିଅନସିପ୍‌ରେ ସେ ପ୍ରଥମେ ଭାଗ ନେଇଥିଲେ। ସେଠାରେ ଯଦିଓ କିଛି ସ୍ଥାନ ଅଧିକାର କରିନଥିଲେ ସେହିଦିନରୁ ତାଙ୍କର ଏଥିପ୍ରତି ଆଗ୍ରହ ▶ପୃଷ୍ଠା-୭

## ପୁତିନଙ୍କ ଭାରତ ଗସ୍ତ ନେଇ ବିଶ୍ୱ ଗଣମାଧ୍ୟମର ମିଶ୍ର ପ୍ରତିକ୍ରିୟା

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ଭାରତ ଗସ୍ତ ନେଇ ବିଶ୍ୱ ଗଣମାଧ୍ୟମ ମିଶ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆମେରିକାରୁ ୟୁକ୍ରେନ ପର୍ଯ୍ୟନ୍ତ ସବୁ ଗଣମାଧ୍ୟମ ପୁତିନଙ୍କ ଏହି ଭାରତ ଗସ୍ତକୁ ବେଶ୍ ଗୁରୁତ୍ୱ ଦେବା ସହ ଅଗ୍ରାଧିକାର ଦେଇ ଖବର ପରିବେଷଣ କରିଛନ୍ତି। ପୁତିନଙ୍କ ଏହି ଗସ୍ତ ପାଇଁ ସାରା ବିଶ୍ୱର ନଜର ଭାରତ ଉପରେ ରହିଛି। ୟୁକ୍ରେନ ବିରୋଧରେ ଚାଲିଥିବା ଯୁଦ୍ଧ କାରଣରୁ ଏହି ଗସ୍ତକୁ ବିଶ୍ୱର ସବୁ ବଡ଼ ଗଣମାଧ୍ୟମ ବେଶ୍ ଗୁରୁତ୍ୱ ଦେଇଛନ୍ତି।

### ରୁଷ ବିଶ୍ୱରେ ଏକଘରକିଆ ନୁହେଁ: ବ୍ରିଟେନ-ବିବିସି

ରୁଷଠାରୁ ତୈଳ କ୍ରୟ କମ୍ କରିବାକୁ ଆମେରିକା ଭାରତ ଉପରେ ଲଗାତର ଚାପ ପକାଉଥିବା ବେଳେ ପୁତିନଙ୍କ ଏହି ଗସ୍ତ ବେଶ୍ ଗୁରୁତ୍ୱ ବହନ କରୁଛି। ଦୁଇ ଦେଶ ମଧ୍ୟରେ ବନ୍ଧୁତ୍ୱ ବହୁ ପୁରୁଣା। ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ମଧ୍ୟରୁ ଅନ୍ୟତମ ଏବଂ ଭାରତ ପାଖରେ ଦେଢ଼ଶହ କୋଟି ଜନସଂଖ୍ୟା ବିଶିଷ୍ଟ ବଜାର ରହିଛି। ଏହି କାରଣରୁ ରୁଷ ଭାରତକୁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ବୋଲି ବିବେଚନା କରୁଛି। ତୈଳ ବାଣିଜ୍ୟ ନେଇ ଭାରତଠାରୁ ରୁଷ୍ ବହୁତ କିଛି ଆଶା କରେ। ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ଦୁଇ ଦେଶର ଭାଗୀଦାରି ଦୃଢ଼ ରହିଛି। ବହୁ ବର୍ଷ ଧରି ଭାରତ ରୁଷଠାରୁ ଅସ୍ତ୍ରଶସ୍ତ୍ର କ୍ରୟ କରିଆସୁଛି। ରୁଷ୍‌ଠାରୁ ଭାରତ ଏବେ ଲଢୁଆ ବିମାନ ଓ ଏୟାର ଡିଫେନ୍ସ ସିଷ୍ଟମ କ୍ରୟ କରିବା ନେଇ ବିଚାର କରୁଛି। ରୁଷିଆରେ ଦକ୍ଷ କର୍ମଚାରୀଙ୍କ ଅଭାବ ରହିଛି ଓ ଭାରତ ଏହା ପୁରଣ କରିପାରିବ ବୋଲି ରୁଷ ହୃଦୟଙ୍ଗମ କରିଛି। ଏହି ଗସ୍ତ ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବାର୍ତ୍ତା ବହନ କରୁଛି। ପାଶ୍ଚାତ୍ୟ ବିରୋଧ ଓ ୟୁକ୍ରେନେ ଯୁଦ୍ଧ ସତ୍ତ୍ୱେ ରୁଷ୍ ବିଶ୍ୱରେ ଏକ ଘରକିଆ ନୁହେଁ ବୋଲି ରୁଷି ପ୍ରମାଣ କରିବାକୁ ଚାହୁଁଛି ବୋଲି ବିବିସି ଉଲ୍ଲେଖ କରିଛି। ଆମେରିକାକୁ ରୁଷ ଓ ଭାରତ ଭୟ କରୁନାହାନ୍ତି ବୋଲି ଏହି ଗସ୍ତ ପ୍ରମାଣ କରୁଥିବା 'ଦି ଗାର୍ଡିଆନ' ଉଲ୍ଲେଖ କରିଛି।

### ଭାରତୀୟ କୂଟନୀତି ପାଇଁ ପରୀକ୍ଷା: କିଭ୍ ଇଣ୍ଡିପେଣ୍ଡେଣ୍ଟ

ପୁତିନଙ୍କ ଭାରତ ଗସ୍ତ ସହ ଏହି ସପ୍ତାହରେ ଭାରତୀୟ କୂଟନୀତି ପାଇଁ ବଡ଼ ପରୀକ୍ଷା ସୃଷ୍ଟି ହେବ ବୋଲି ୟୁକ୍ରେନର ପ୍ରମୁଖ ଗଣମାଧ୍ୟମଗୁଡିକ ଉଲ୍ଲେଖ କରିଛନ୍ତି। ରୁଷି ଓ ୟୁକ୍ରେନ ମଧ୍ୟରେ ସନ୍ତୁଳନ ବଜାୟ ରଖିବାକୁ ଭାରତ ଆଗରେ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ରୁଷ ସହିତ ଶକ୍ତି ଓ ପ୍ରତିରକ୍ଷା ସମ୍ପର୍କକୁ ମଜବୁତ କରିବାକୁ ଭାରତ ଚାହୁଁଛି। କିନ୍ତୁ ୟୁକ୍ରେନ, ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକ ରୁଷ ଯୁଦ୍ଧ ବନ୍ଦ କରିବା ନେଇ ଭାରତ ଚାପ ପକାଉ ବୋଲି ଚାହୁଁଛନ୍ତି। ପୁଣି ବିଶ୍ୱରେ ରୁଷ୍ ଏକଘରିକିଆ ନୁହେଁ ବୋଲି ପୁତିନ ଏହି ଗସ୍ତ ମାଧ୍ୟମରେ ପ୍ରମାଣ କରିବାକୁ ଚାହୁଁଛନ୍ତି। ଭାରତ ଓ ରୁଷର ବନ୍ଧୁତ୍ୱ ବହୁ ପୁରୁଣା, ପାକିସ୍ତାନ ବିପକ୍ଷ ୧୯୭୧ ଯୁଦ୍ଧରେ ରୁଷ ମଧ୍ୟ ଭାରତକୁ ଖୋଲାଖୋଲି ସମର୍ଥନ କରିଥିଲା। କିନ୍ତୁ ରୁଷ୍ ଓ ୟୁକ୍ରେନ ମାମଲାରେ ଭାରତ ସବୁବେଳେ ନିରପେକ୍ଷ ରହିବାକୁ ପ୍ରୟାସ କରିଛି। ଏପରିକି ଜାତିସଂଘରେ ରୁଷିଆ ବିପକ୍ଷରେ ଆସିଥିବା ପ୍ରସ୍ତାବ ନେଇ ହୋଇଥିବା ମତଦାନରୁ ନିଜକୁ ଦୂରେଇ ରଖିଛି। ତେଣୁ ଭାରତ କୂଟନୀତି ପାଇଁ ଏହା ଏକ ବଡ଼ ଚ୍ୟାଲେଞ୍ଜ ବୋଲି ୟୁକ୍ରେନ ଗଣମାଧ୍ୟମଗୁଡିକ କହିଛି।

### ରୁଷୀୟ ଭାଷାରେ ଗୀତା ଉପହାର ଦେଲେ ମୋଦୀ

ଭାରତ- ରୁଷିଆ ଶିଖର ସମ୍ମିଳନୀ (୨୩ତମ )ରେ ଯୋଗ ଦେବାକୁ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଗୁରୁବାର ଭାରତରେ ପହଞ୍ଚିଛନ୍ତି। ୪ ବର୍ଷ ପରେ ପୁତିନ ଭାରତ ଗସ୍ତରେ ଆସିଛନ୍ତି। ତାଙ୍କୁ ପାଛୋଟି ନେବାକୁ ପ୍ରଧାନମନ୍ତ୍ରୀ ମୋଦୀ ପ୍ରୋଟୋକଲ ଭାଙ୍ଗି ପାଲମ ବିମାନ ବନ୍ଦରରେ ପହଞ୍ଚିଥିଲେ। ଏହାପରେ ଦୁହେଁ ପ୍ରଧାନମନ୍ତ୍ରୀ ବାସଭବନରେ ପହଞ୍ଚିଥିଲେ। ପୁତିନଙ୍କ ସମ୍ମାନରେ ଏକ ନୈଶ୍ୟଭୋଜିର ମଧ୍ୟ ଆୟୋଜନ ହୋଇଥିଲା। ଏହି ଅବସରରେ ମୋଦୀ ତାଙ୍କୁ ରୁଷୀୟ ଭାଷାରେ ଲିଖିତ ଏକ ଗୀତା ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଏହାପରେ ପୁତିନ ରାଜଘାଟରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତା'ପରେ ଉଭୟ ନେତା ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ହାଇଦରାବାଦ୍ ହାଉସ୍ ଯାଇଥିଲେ।

### ମୋଦୀଙ୍କ ଭଳି ନେତା ପାଇ ଭାରତ ଭାଗ୍ୟବାନ: ପୁତିନ

ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଭାରତ ପାଖରେ ମୋଦୀଙ୍କ ଭଳି ନେତା ରହୁଥିବାରୁ ଏହି ଦେଶ ବେଶ୍ ଭାଗ୍ୟବାନ ବୋଲି ସେ କହିଛନ୍ତି। ମୋଦୀ କୌଣସି ଚାପ ଆଗରେ ମୁଣ୍ଡ ନୁଆଁନ୍ତି ନାହିଁ ବୋଲି ମସ୍କୋରେ ସାକ୍ଷାତ୍‌କାର ଦେବା ଅବସରରେ ପୁତିନ କହିଥିଲେ। ଭାରତ ଏବେ ବିଶ୍ୱର ଏକ ବଡ଼ ଶକ୍ତିଭାବେ ଉଭା ହୋଇଛି। ଫଳରେ ଅନ୍ୟ ଦେଶଗୁଡିକ ଭାରତ ପ୍ରତି ଈର୍ଷାନ୍ୱିତ ହୋଇ ପଡ଼ିଥିବା ବୋଲି ସେ କହିଛନ୍ତି। ଆମେରିକାର ଟାରିଫ୍ ନୀତି ନେଇ ପୁତିନ ସ୍ପଷ୍ଟ ଭାବେ ନିଜର ମତ ରଖିଛନ୍ତି। ଏ ନେଇ ଭାରତର ସ୍ୱତନ୍ତ୍ର ତଥା ସ୍ୱାଧୀନ ନୀତି ରହିଥିବା ସେ ସୂଚନା ଦେଇଛନ୍ତି।

### ନେହରୁଙ୍କୁ ଗାଈ ଉପହାର ଦେଇଥିଲା ରୁଷିଆ



ପଣ୍ଡିତ ଜବାହାରଲାଲ ନେହରୁ ଦ୍ୱିତୀୟଥର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହେବା ପରେ ୧୯୭୦ ମାର୍ଚ୍ଚ ୨୭ରେ ରୁଷିଆ ଅର୍ଥାତ ସେତେବେଳର ସୋଭିଏତ ୟୁନିୟନକୁ ଦୁଇ ଦିନିଆ ଗସ୍ତରେ ଯାଇଥିଲେ। ତାଙ୍କ ଏହି ଗସ୍ତରେ ରୁଷିଆ ସରକାର ତାଙ୍କୁ ଏକ ଗାଈ ଉପହାର ସ୍ୱରୁପ ପ୍ରଦାନ କରିଥିଲେ। ସୋଭିଏତ ରାଷ୍ଟ୍ରଦୂତ ଇଭାନ ବେନେଡିକ୍‌ଟୋଭ ଓ ତାଙ୍କ ପତ୍ନୀ ନେହରୁଙ୍କୁ ଗାଈର ଦଉଡି ପ୍ରଦାନ କରିଥିଲେ। ସଙ୍ଗେସଙ୍ଗେ ନେହରୁ ଗାଈକୁ ଖାଦ୍ୟ ଦେଇଥିଲେ। ଏଭଳି ଏକ ଭିନ୍ନ ଧରଣର ଉପହାର ପାଇଁ ନେହରୁ ଖୁସି ଜାହିର କରିଥିଲେ। ଏବେ ମଧ୍ୟ ଏହି ଘଟଣାକୁ ଦୁଇ ଦେଶର ନାଗରିକ ଓ ନେତାମାନେ ମନେ ରଖିଛନ୍ତି। ଦୁଇ ଦେଶ ପାଇଁ ଏହି ଘଟଣା ଏକ ସ୍ମୃତି ହୋଇ ରହିଛି।

## ଗୁଜରାଟରେ ୧୭ ଲକ୍ଷରୁ ଅଧିକ ମୃତ ଭୋଟର

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ଗୁଜରାଟରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରୁ ଚକିତ କଲା ଭଳି ତଥ୍ୟ ସାମ୍ନାକୁ ଆସିଛି। ବର୍ତ୍ତମାନର ତାଲିକାରେ ୧୭ ଲକ୍ଷ ଊର୍ଦ୍ଧ୍ୱ ମୃତ ଭୋଟର ସାମିଲ ଅଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଗତ ଏକ ମାସ ମଧ୍ୟରେ ୫ କୋଟିରୁ ଅଧିକ ପଞ୍ଜିକୃତ ଭୋଟରଙ୍କୁ ଫର୍ମ ବଣ୍ଟନ କରାଯାଇଛି। ୩୩ଟି ଜିଲ୍ଲାରେ



ଶତପ୍ରତିଶତ କାର୍ଯ୍ୟ ସମାପ୍ତ ହୋଇଛି। ଫେରସ୍ତ ଫର୍ମଗୁଡିକର ଡିଜିଟାଇଜେସନ କାର୍ଯ୍ୟ ଜାରି ରହିଛି। ୩୦ ଲକ୍ଷ ଭୋଟର ଗୁଜରାଟ ଛାଡି ସାରିଛନ୍ତି ବୋଲି ଜଣାପଡ଼ିଛି। ୬.୧୪ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ନିଜ ଠିକଣାରେ ନାହାନ୍ତି। ବୁଥ ସ୍ତରର ଅଧିକାରୀ (ବିଏଲ୍‌ଓ) ଙ୍କୁ ୩.୨୫ ଲକ୍ଷରୁ ଅଧିକ ଭୋଟର ରିପିଟେଡ ବର୍ଗରେ ମିଳିଛନ୍ତି। ଏହାର ଅର୍ଥ ଏମାନଙ୍କ ନାମ ଏକାଧିକ ସ୍ଥାନରେ ରହିଛି। ସେପଟେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସ୍‌ଆଇଆର୍‌କୁ ନେଇ ପୁଣି ଥରେ ବିଜେପିକୁ ସମାଲୋଚନା କରି ମନ୍ତବ୍ୟ ଦେଇଛନ୍ତି। ଏସ୍‌ଆଇଆର ସହିତ ଜଡିତ ଘଟଣାଗୁଡିକରେ ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ଅଧାରୁ ଅଧିକ ହିନ୍ଦୁ ବୋଲି ସେ କହିଛନ୍ତି। ମୁର୍ଶିଦାବାଦ୍‌ରେ ଏକ ରାଲିକୁ ସମ୍ବୋଧିତ କରିବା ବେଳେ ମମତା କହିଛନ୍ତି ଯେ, ୨୦୧୬ ବିଧାନସଭା ନିର୍ବାଚନ ପୂର୍ବରୁ ଧର୍ମକୁ ନେଇ ରାଜନୀତି ଆରମ୍ଭ କରିଛି। ଯେଉଁ ଡାଳରେ ବିଜେପି ବସିଛି ତାହାକୁ ହିଁ କାଟୁଛି। ପୁଣି ପଶ୍ଚିମବଙ୍ଗରେ ଏନ୍‌ଆରସି ବା ଡିଟେନସନ ହୋମର ଅନୁମତି ଦିଆଯିବ ନାହିଁ ବୋଲି ସେ କହିଛନ୍ତି।

## ଉତ୍ତରାଖଣ୍ଡରେ ସବୁ ଇଣ୍ଡିଗୋ ବିମାନର ଉଡ଼ାଣ ବାତିଲ୍

ଡେରାଡୁନ୍, ୫ ।୧୨(ଏଜେନ୍ସି): ଉତ୍ତରାଖଣ୍ଡରେ ଶୁକ୍ରବାର ଇଣ୍ଡିଗୋର ୧୫ଟି ବିମାନର ଉଡାଣକୁ ବାତିଲ କରି ଦିଆଯାଇଛି। ଡେରାଡୁନରୁ ଏହି ବିମାନଗୁଡିକ ଉଡାଣ ଭରିବାର କର୍ଯ୍ୟକ୍ରମ ଥିଲା। ଜଲିଗ୍ରାଣ୍ଟ ବିମାନ ବନ୍ଦରରୁ ୧୩ ଓ ଉଦ୍ଧମ ସିଂ ନଗରର ପନ୍ତ ନଗର ବିମାନ ବନ୍ଦରରୁ ୨ଟି ବିମାନ ଟେକ୍‌ଅଫ୍ କରିବାର ଥିଲା। ଯାତ୍ରା ପାଇଁ ପାଖାପାଖି ୧୦୦ ଯାତ୍ରୀ ବିମାନ ବନ୍ଦରରେ ପହଞ୍ଚିଥିଲେ। କିନ୍ତୁ ଶେଷ ମୁହୂର୍ତ୍ତରେ ବିମାନ ବାତିଲ କରି ଦିଆଯାଇଥିଲା। ଏଥିଯୋଗୁଁ ଯାତ୍ରୀମାନେ ଅସନ୍ତୋଷ ଜାହିର କରିଥିଲେ। ଯାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ବିମାନ ବନ୍ଦରରେ ଏକ ହେଲ୍ପ ଡେସ୍କ ଖୋଲାଯାଇଛି। ଯାତ୍ରୀଙ୍କୁ ଏହି ଡେସ୍କ ଲଗାତର ସୂଚନା ପ୍ରଦାନ କରୁଛି। ପନ୍ତନଗରରୁ ବିମାନଗୁଡିକ ଦିଲ୍ଲୀ ଓ କୋଲକାତା ପ୍ରସ୍ଥାନ କରିବାର କାର୍ଯ୍ୟକ୍ରମ ଥିଲା। ଦୁଇଟି ଯାକ ବିମାନରେ ୬୮ ଜଣ ଯାତ୍ରୀ




ଯାତ୍ରା କରିବାର ବ୍ୟବସ୍ଥା ଥିଲା। ସେହିପରି ଜଲିଗ୍ରାଣ୍ଟ ବିମାନ ବନ୍ଦରରୁ ବିମାନଗୁଡିକ ଦିଲ୍ଲୀ, ଲକ୍ଷ୍ନୌ, ବେଙ୍ଗାଲୁରୁ, ମୁମ୍ବଇ, ଜୟପୁର, ଅହମଦାବାଦ୍, ହାଇଦରାବାଦ୍, ଭୁବନେଶ୍ୱର, କୋଲକାତା ଓ ପୁଣେ ଯାତ୍ରା କରିବାର କାର୍ଯ୍ୟକ୍ରମ ଥିଲା।

# ଭାରତ-ରୁଷ ସମ୍ପର୍କର ନୂଆ ଅଧ୍ୟାୟ

ନୂଆଦିଲ୍ଲୀ (ସମିସ/ଏଜେନ୍ସି): ପଶ୍ଚିମ ଦେଶର ଧମକ, ଆମେରିକାର ନାଲିଆଖି ଓ ଚତୁର ରଣନୀତିକୁ ଉପେକ୍ଷା କରି ରୁଷ ରାଷ୍ଟ୍ରପତି ଭ୍ଲାଡ଼ିମିର ପୁତିନ୍‌ଙ୍କ ଭାରତ ଗସ୍ତ ବିଶ୍ୱ ଭୂ-ରାଜନୀତି ଇତିହାସରେ ସୃଷ୍ଟି କରିଛି ନୂଆ ଅଧ୍ୟାୟ। ଅନୁରୂପ ଭାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ସର୍ବଶ୍ରେଷ୍ଠ ବନ୍ଧୁଙ୍କୁ ଉତ୍ସାହର ସହ ସ୍ୱାଗତ ମଧ୍ୟ ସାରା ବିଶ୍ୱକୁ ସ୍ତବ୍ଧ କରିଛି। ପୁତିନ୍‌ଙ୍କ ଏହି ଗସ୍ତ ଓ ଭାରତର ଆନ୍ତରିକ ସ୍ୱାଗତ କେବଳ କୂଟନୈତିକସ୍ତରରେ ନୁହେଁ, ପଶ୍ଚିମ ଦେଶ ଓ ଆମେରିକାକୁ ଶକ୍ତ ଆଘାତ ଦେଇଛି। ୨୩ତମ ଭାରତ-ରୁଷ ବାର୍ଷିକ ଶିଖର ସମ୍ମିଳନୀରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିଗୁଡ଼ିକ ଭାରତ-ରୁଷ ସମ୍ପର୍କକୁ ଏପରି ଏକ ଶକ୍ତ ରଜ୍ଜୁରେ ବାନ୍ଧିଛି, ଯାହା କୌଣସି ଭୂ-ରାଜନୈତିକ ଝଡ଼ରେ ବି ତୁଟିବାର ସମ୍ଭାବନା ନାହିଁ। ୨୦୦୦ ମସିହାରେ ରାଷ୍ଟ୍ରପତି ଭାବରେ ଭ୍ଲାଦିମିର ପୁଟିନ ପ୍ରଥମ ଥର ପାଇଁ ଭାରତ ଗସ୍ତରେ ଆସିଥିବା ବେଳେ ବନ୍ଧୁତାର ଯେଉଁ ବୀଜବପନ ହୋଇଥିଲା ତାହା ୨୦୨୫ ମସିହାରେ ଏକ ବିଶାଳ ବଟବୃକ୍ଷରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ପୁଟିନ ଏକ ମିଳିତ ବିବୃତ୍ତିରେ ଏହି ସମ୍ପର୍କକୁ ବିଶ୍ୱାସ ଓ ପାରସ୍ପରିକ ସମ୍ମାନର ମୂଳଦୁଆ ଉପରେ ପର୍ଯ୍ୟବେଶିତ ବୋଲି ଉଲ୍ଲେଖ କରି ଏହାକୁ କେହି ଦୋହଲାଇ ପାରିବେ ନାହିଁ ବୋଲି କହିଛନ୍ତି।



### ବହୁଧ୍ରୁବୀୟ ବିଶ୍ୱର ଶ୍ରେଷ୍ଠ ସ୍ଥପତି

ଡିସେମ୍ବର ୫ ତାରିଖରେ ଜାରି ହୋଇଥିବା ମିଳିତ ବିବୃତ୍ତିର ପ୍ରତ୍ୟେକ ଶବ୍ଦ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏହି ବିବୃତି ଭାରତ ଓ ରୁଷକୁ ଏକ 'ବହୁଧ୍ରୁବୀୟ ବିଶ୍ୱ'ର ଶ୍ରେଷ୍ଠ ସ୍ଥପତି ଭାବରେ ପରିଚିତି ଦେଇଛି। ଦୁଇଟି ପ୍ରମୁଖ ଶକ୍ତି ଭାବରେ ସେମାନଙ୍କର ସହଭାଗୀତା ବିଶ୍ୱ ଶାନ୍ତି ଏବଂ ସ୍ଥିରତା ପାଇଁ କାର୍ଯ୍ୟ କରିବ ବୋଲି ଦୁଇ ଦେଶ ପ୍ରତିବଦ୍ଧତା ଘୋଷଣା କରିଛନ୍ତି ଏବଂ ନିଜ ଇଚ୍ଛା ଅନୁସାରେ ବିଶ୍ୱକୁ ନିୟନ୍ତ୍ରଣ ନିମନ୍ତେ ଆମେରିକାର ଏକଚ୍ଛତ୍ର ଆଧିପତ୍ୟକୁ ଏହା ସିଧାସଳଖ ଆହ୍ୱାନ ଦେବାକୁ ସକ୍ଷମ ହୋଇଛନ୍ତି। ଭବିଷ୍ୟତ ପାଇଁ ପ୍ରସ୍ତୁତ ରୋଡ଼ମ୍ୟାପରେ ଭାରତକୁ ଏକ ସାମରିକ ଓ ଆର୍ଥିକ ମହାଶକ୍ତିରେ ପରିଣତ କରିବାକୁ ବ୍ୟବସ୍ଥା କରାଯାଇଛି ଏବଂ ପ୍ରତିରକ୍ଷା, ମହାକାଶ, ପରମାଣୁଶକ୍ତି, ବାଣିଜ୍ୟ ଆଦି କ୍ଷେତ୍ରରେ ଭାରତକୁ ରୁଷ ସହଯୋଗ ଦେବାକୁ ସମ୍ମତ ହୋଇଛି।

### 'ମେକ୍ ଇନ୍ ଇଣ୍ଡିଆ'କୁ ପ୍ରୋତ୍ସାହନ

ପ୍ରତିରକ୍ଷା କ୍ଷେତ୍ର ସର୍ବଦା ଭାରତ-ରୁଷିଆ ସମ୍ପର୍କରେ ମେରୁଦଣ୍ଡ ରୂପେ ପରିଚିତ ହୋଇଛି। ମାତ୍ର ଏବେ ଭାରତ କେବଳ କ୍ରେତା ନୁହେଁ, ବିକ୍ରେତା ହେବାକୁ ସାମର୍ଥ୍ୟ ଅର୍ଜନ କରିବାକୁ ଯାଉଛି। ରୁଷ ରାଷ୍ଟ୍ରପତି ପୁଟିନ 'ଆତ୍ମନିର୍ଭରଶୀଳ ଭାରତ' ଅଭିଯାନକୁ ପୂର୍ଣ୍ଣ ସମର୍ଥନ କରିଛନ୍ତି। ମିଳିତ ବିବୃତ୍ତିରେ ଏହା ପ୍ରତିଫଳିତ ହୋଇଛି ଏବଂ ଭାରତ-ରୁଷ ସମ୍ପର୍କ 'କ୍ରୟବିକ୍ରୟ'ର ଊର୍ଦ୍ଧ୍ୱକୁ ଯାଇ 'ସହ-ବିକାଶ ଏବଂ ସହ-ଉତ୍ପାଦନ' ପର୍ଯ୍ୟନ୍ତ ପ୍ରଲମ୍ବିତ ହେବ ବୋଲି ଘୋଷଣା କରାଯାଇଛି। ରୁଷିଆ ଭାରତରେ ଏହାର ଅସ୍ତ୍ରଶସ୍ତ୍ର ପାଇଁ ଯନ୍ତ୍ରାଂଶ ଓ ସାମଗ୍ରୀ ସମଷ୍ଟି ନିର୍ମାଣ ନିମନ୍ତେ ପ୍ରତିଶ୍ରୁତି ଦେଇଛି। ଏହାର ଅର୍ଥ ହେଉଛି ଯୁଦ୍ଧ ସମୟରେ, ଭାରତକୁ ଆବଶ୍ୟକୀୟ ଯନ୍ତ୍ରାଂଶ ପାଇଁ ମସ୍କୋ ଯିବାକୁ ପଡ଼ିବ ନାହିଁ। ଏହା ସବୁ ଭାରତରେ ନିର୍ମାଣ ହେବ। ସେହିପରି ପ୍ରଯୁକ୍ତିବିଦ୍ୟା ଆଦାନପ୍ରଦାନ ମାଧ୍ୟମରେ ଭାରତର ସାମରିକ ବାହିନୀକୁ ରୁଷ ଏପରି ଶକ୍ତି ଦେବାକୁ ଯାଉଛି ଯାହା ଭାରତର ଶତ୍ରୁମାନଙ୍କୁ ଥରାଇ ଦେବ। ଏହା ବ୍ୟତୀତ, ଭାରତରେ ନିର୍ମିତ ଏହି ରୁଷୀ ଅସ୍ତ୍ରଶସ୍ତ୍ରଗୁଡ଼ିକୁ 'ବନ୍ଧୁ ଦେଶ'କୁ ମଧ୍ୟ ରପ୍ତାନି କରାଯାଇ ପାରିବ। ଯେଉଁ ପାଶ୍ଚାତ୍ୟ ଦେଶଗୁଡ଼ିକ ଭାରତକୁ ଅସ୍ତ୍ରଶସ୍ତ୍ର ବିକ୍ରି ନିମନ୍ତେ ବିଭିନ୍ନ ସର୍ତ୍ତ ରଖୁଥିଲେ, ସେମାନଙ୍କ ପାଇଁ ଏହି ନିଷ୍ପତ୍ତି ଏକ ବଡ଼ ଆଘାତ।

### ଡ଼ଲାର ବଦଳରେ 'ରୁପି'- 'ରୁବେଲ୍'

ଆର୍ଥିକ କ୍ଷେତ୍ରରେ ମୋଦି ଏବଂ ପୁଟିନଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଡଲାରର ଆଧିପତ୍ୟ ପ୍ରତି ଏକ ସିଧାସଳଖ ଆହ୍ୱାନ। ଉଭୟ ନେତା ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୧୦୦ ବିଲିୟନ ଡଲାରକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖିଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ବାଣିଜ୍ୟ ଡଲାର ବଦଳରେ ଦୁଇ ଦେଶର ଜାତୀୟ ମୁଦ୍ରା (ଟଙ୍କା ଏବଂ ରୁବେଲ୍) ରେ କାରବାର ହେବ। ଉଭୟ ଦେଶ ସେମାନଙ୍କର ଜାତୀୟ ଦେୟ ବ୍ୟବସ୍ଥାକୁ ଏକୀକୃତ କରିବା ପାଇଁ କାମ କରିବେ। ଏହା ପାଶ୍ଚାତ୍ୟ ପ୍ରତିବନ୍ଧକକୁ ପ୍ରତିଘାତ କରିବ ଏବଂ ନିରବଚ୍ଛିନ୍ନ ବାଣିଜ୍ୟକୁ ସୁନିଶ୍ଚିତ କରିବ। ଏହା ବ୍ୟତୀତ ଭାରତ ଏବଂ ୟୁରେସିଆନ୍ ଅର୍ଥନୈତିକ ସଂଘ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମାଉପରେ ଆଲୋଚନାକୁ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ଭାରତ ପାଇଁ ଏକ ବିଶାଳ ବଜାର ଖୋଲିବ। ୟେକାଟେରିନବର୍ଗ ଏବଂ କାଜାନରେ ଦୁଇଟି ନୂତନ ଭାରତୀୟ କନସୁଲେଟ୍ ଖୋଲାଯିବ, ଯାହା ଭାରତୀୟ ବ୍ୟବସାୟକୁ ଅଧିକ ଗତି ଦେବ।

### ଭାରତକୁ ଶକ୍ତି ସୁରକ୍ଷା ଗ୍ୟାରେଣ୍ଟି

ରୁଷ ଭାରତର ସର୍ବବୃହତ ଶକ୍ତି ସୁରକ୍ଷା ଅଂଶୀଦାର ଭାବରେ ଉଭା ହୋଇଛି। ମିଳିତ ବିବୃତ୍ତିରେ କୁଡାନକୁଲମ ପରମାଣୁ ଶକ୍ତି କେନ୍ଦ୍ରର କାର୍ଯ୍ୟ ତ୍ୱରାନ୍ୱିତ କରିବ। ଏହା ସହ ରୁଷ ଭାରତକୁ ୧୦୦ ଗିଗାୱାଟ ପରମାଣୁ ଶକ୍ତିର ଲକ୍ଷ୍ୟ ହାସଲ କରିବାରେ ସହାୟତା ଯୋଗାଇବ। ପୁନଶ୍ଚ ଭାରତକୁ ତେଲ, ଗ୍ୟାସ ଏବଂ ସାରର ଦୀର୍ଘକାଳୀନ ଯୋଗାଣର ଗ୍ୟାରେଣ୍ଟି ଦେଇଛି ରୁଷ। ବିଶ୍ୱ ଯେତେବେଳେ ଶକ୍ତି ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛି, ସେତେବେଳେ ଭାରତରେ ପ୍ରଗତିର ପରିବହନ ଚକ କେବେ ବି ବନ୍ଦ ହେବ ନାହିଁ ବୋଲି ରାଷ୍ଟ୍ରପତି ପୁତିନ୍ ଭାରତର ପ୍ରଧାନମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କୋଇଲା ଗ୍ୟାସିଫିକେସନ୍ ପ୍ରଯୁକ୍ତିବିଦ୍ୟା ହେଉ କିମ୍ବା ପେଟ୍ରୋକେମିକାଲ୍ସ, ପ୍ରତ୍ୟେକ ପଦକ୍ଷେପରେ ରୁଷ ଭାରତ ସହିତ ଠିଆ ହେବ ଏବଂ ଭାରତକୁ ତୈଳ, ଗ୍ୟାସ ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥରେ ସମୃଦ୍ଧ ଆର୍କଟିକ୍‌ର ସମ୍ପଦରେ ଅଂଶୀଦାର କରିବାକୁ ପୁଟିନ୍ ସମ୍ମତ ହୋଇଛନ୍ତି। ଅନୁରୂପ ଭାବରେ ଚେନ୍ନାଇ-ଭ୍ଲାଡିଭୋଷ୍ଟକ୍ ସାମୁଦ୍ରିକ କରିଡର ଏବଂ ଉତ୍ତର ସମୁଦ୍ର ପଥରେ ସହଯୋଗ ବୃଦ୍ଧି କରି ଚୀନର ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍‌କୁ ଭାରତ ଉପଯୁକ୍ତ ଜବାବ ଦେବାକୁ ସକ୍ଷମ ହୋଇଛି। ଏହି ନିଷ୍ପତ୍ତି ଫଳରେ ଆର୍କଟିକ ପଥ ଦେଇ ସିଧାସଳଖ ୟୁରୋପ ଓ ରୁଷ ସହିତ ସଂଯୋଗ କରିପାରିବ।

### ପାକିସ୍ତାନକୁ ସିଧାସଳଖ ଚେତାବନୀ

ଭାରତ-ରୁଷ ଶିଖର ସମ୍ମିଳନୀର ସଂଯୁକ୍ତ ବିବୃତ୍ତିର ଅନୁଚ୍ଛେଦ ୭୦ ପାକିସ୍ତାନ ପାଇଁ ଏକ ଦୁଃସ୍ୱପ୍ନଠାରୁ କମ୍ ନୁହେଁ। ୨୨ ଏପ୍ରିଲ୍ ୨୦୨୫ରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଓ ୨୨ ମାର୍ଚ୍ଚ ୨୦୨୪ରେ ମସ୍କୋର କ୍ରୋକସ୍ ସିଟି ହଲ୍ ଆକ୍ରମଣକୁ ଏଥିରେ କଠୋର ନିନ୍ଦା କରାଯାଇଛି। ଦୁଇ ଦେଶର ନେତା ଆତଙ୍କବାଦ ବିରୁଦ୍ଧରେ 'ଶୂନ୍ୟ ସହନଶୀଳତା' ନୀତି ଗ୍ରହଣ କରାଯିବ ବୋଲି ଘୋଷଣା କରିଛନ୍ତି। ଉଭୟ ଦେଶ ଆତଙ୍କବାଦୀଙ୍କ ନିରାପଦ ଆଶ୍ରୟସ୍ଥଳଗୁଡ଼ିକୁ ମୂଳପୋଛ କରିବାକୁ ପ୍ରତିଜ୍ଞା କରିଛନ୍ତି। ଆଫଗାନିସ୍ତାନ ବା ପାକିସ୍ତାନରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ଭାରତ ଏବଂ ରୁଷ ମିଳିତ ଭାବରେ ନିପାତ କରିବାକୁ ନିଷ୍ପତ୍ତି ନେଇଛନ୍ତି।

### ଜାତିସଂଘରେ ଭାରତକୁ ଭିଟୋ କ୍ଷମତା

ରୁଷ ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାର ଓ ଭାରତର ସ୍ଥାୟୀ ସଦସ୍ୟତା ସମର୍ଥନକୁ ପୁନର୍ବାର ଦୋହରାଇଛି ରୁଷ। ସଂଯୁକ୍ତ ବିବୃତିର ଅନୁଚ୍ଛେଦ ୪୨ରେ ଏହା ସ୍ପଷ୍ଟ କରାଯାଇଛି। ରୁଷ ଏକ ସଂସ୍କାରିତ ଓ ବିସ୍ତାରିତ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତାକୁ 'ଦୃଢ଼ ଭାବରେ ସମର୍ଥନ କରେ' ବୋଲି ଉଲ୍ଲେଖ କରିଛି। ଜାତିସଂଘରେ ଭାରତର ପଥକୁ ଅବରୋଧ କରିବାକୁ ଚେଷ୍ଟା କରୁଥିବା ଦେଶମାନଙ୍କ ପାଇଁ ରୁଷ ସ୍ପଷ୍ଟ ବାର୍ତ୍ତା ଦେଇଛି। ଜାତିସଂଘରେ ସ୍ଥାୟୀ ସଦସ୍ୟତା ପାଇଁ ଭାରତ ହକଦାର ଏବଂ ଭିଟୋ କ୍ଷମତା ଓ କୂଟନୈତିକ ଲାଭ ବ୍ୟବହାର ଏହାର ଅଧିକାର ବୋଲି ରୁଷ କହିଛି। ଏହା ସହିତ ପରମାଣୁ ଯୋଗାଣକାରୀ ଗୋଷ୍ଠୀରେ ଭାରତର ପ୍ରବେଶକୁ ରୁଷ ଦୃଢ଼ ସମର୍ଥନ ଜଣାଇଛି।

### ଗଗନଯାନରୁ ଗ୍ରହ ଅନୁସନ୍ଧାନ

ଦୁଇ ଦେଶ ମହାକାଶ କ୍ଷେତ୍ର, ମାନବ ମହାକାଶ ଉଡ଼ାଣ, ରକେଟ୍ ଇଞ୍ଜିନ୍ ବିକାଶ ଏବଂ ଗ୍ରହ ଅନୁସନ୍ଧାନରେ ପାରସ୍ପରିକ ସହଯୋଗ ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ଭାରତର ଗଗନଯାନ ମିଶନ ହେଉ କିମ୍ବା ଭବିଷ୍ୟତର ମହାକାଶ ଷ୍ଟେସନର ସ୍ୱପ୍ନ, ରୁଷ ପ୍ରଯୁକ୍ତିବିଦ୍ୟା ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହେବ। ଅନ୍ୟପକ୍ଷରେ ଆନ୍ତର୍ଜାତୀୟ ଉତ୍ତର-ଦକ୍ଷିଣ ପରିବହନ କରିଡରକୁ ସୁଦୃଢ଼ କରିବାରେ ରୁଷ ଭାରତକୁ ସହଯୋଗ କରିବାକୁ ନିଷ୍ପତ୍ତି ହୋଇଛି। ଏହି ମାର୍ଗ ଇରାନ ଓ ମଧ୍ୟ ଏସିଆ ଦେଇ ଭାରତକୁ ରୁଷ ଏବଂ ୟୁରୋପ ସହିତ ସଂଯୋଗ କରିବ। ଏହା ସ୍ୱେଜ୍ କେନାଲର ଏକ ବିକଳ୍ପ ହୋଇପାରିବ ଓ ବାଣିଜ୍ୟିକ ପରିବହନ ଖର୍ଚ୍ଚକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିପାରିବ। ରୁଷ ଓ ଭାରତୀୟ ରେଳବାଇ ମଧ୍ୟରେ ସହଯୋଗ ପ୍ରଯୁକ୍ତିବିଦ୍ୟା ବିନିମୟକୁ ସହଜ କରିବ।

### ଭବିଷ୍ୟତ ସମୟ ପାଇଁ ପ୍ରସ୍ତୁତି

ଆଜି ସମୟରେ ଯାହା ନିକଟରେ ମୂଲ୍ୟବାନ ଖଣିଜ ପଦାର୍ଥ ଓ ସେମିକଣ୍ଡକ୍ଟର ଚିପ୍‌ସ ଅଛି, ବିଶ୍ୱରେ ସେ ସବୁଠୁ ଶକ୍ତିଶାଳୀ। ମିଳିତ ବିବୃତ୍ତିର ଅନୁଚ୍ଛେଦ ୩୩ରେ ଉଚ୍ଚ ପ୍ରଯୁକ୍ତି ଶିଳ୍ପ ଏବଂ ବୈଦ୍ୟୁତିକ ଯାନବାହନ ପାଇଁ ଅତ୍ୟାବଶ୍ୟକ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ବିରଳ ପୃଥିବୀର ଅନୁସନ୍ଧାନ ଏବଂ ପ୍ରକ୍ରିୟାକରଣରେ ସହଯୋଗ ବିଷୟରେ ଆଲୋଚନା ହେଇଛି। ଦୁଇ ଦେଶ କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ଇଓ ଏବଂ ଡିଜିଟାଲ୍ ସୁରକ୍ଷାରେ ମଧ୍ୟ ଏକାଠି କାମ କରିବେ ବୋଲି ନିଷ୍ପତ୍ତି ହୋଇଛି।

■ ସଂସଦରେ ରିଜିଜୁ- ଡିଏମ୍‌କେ ଏମ୍‌ପି ମୁହାଁମୁହିଁ

## ବିଚାରପତିଙ୍କୁ ଆର୍‌ଏସ୍‌ଏସ୍ ଜଜ୍ କହିଲେ ଟିଆର ବାଲୁ

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ସଂସଦର ଶୀତକାଳୀନ ଅଧିବେଶନର ୫ମ ଦିନରେ ଏକ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଥିଲା। ଶୁକ୍ରବାର କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ଓ ତାମିଲନାଡୁର ଡିଏମ୍‌କେ ସାଂସଦ ଟିଆର ବାଲୁଙ୍କ ମଧ୍ୟରେ ଜୋରଦାର ଯୁକ୍ତିତର୍କ ଦେଖିବାକୁ ମିଳିଥିଲା। ଏକ ଘଟଣା ସମ୍ପର୍କରେ କହିବାକୁ ଯାଇ ଜଣେ ହାଇକୋର୍ଟ ବିଚାରପତିଙ୍କୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ଜଜ୍ ବୋଲି ବାଲୁ କହିବା ପରେ ଦୁହିଁଙ୍କ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଥିଲା। ଆପଣ ଜଣେ ହାଇକୋର୍ଟ ବିଚାରପତିଙ୍କୁ ଆରଏସ୍‌ଏସ୍‌ର ଜଜ୍ କିପରି କହି ପାରୁଛନ୍ତି ବୋଲି ରିଜିଜୁ ପ୍ରଶ୍ନ କରିଥିଲେ। ଏହା ଦ୍ୱାରା ସଂସଦୀୟ ମର୍ଯ୍ୟାଦାର ଉଲ୍ଲଂଘନ ହୋଇଛି। ଆପଣ ଜଣେ ବିଚାରପତିଙ୍କ ପ୍ରତି ଏଭଳି ଅଣ ସଂସଦୀୟ ଭାଷା ପ୍ରୟୋଗ କରିପାରିବେ ନାହିଁ। ଆପଣ କ୍ଷମା ମାଗନ୍ତୁ। ନ୍ୟାୟପାଳିକା ଉପରେ କଳଙ୍କ ଲଗାଇବାକୁ ଆପଣଙ୍କ ସାହସ କିପରି ହେଲା ବୋଲି ରିଜିଜୁ କହିଥିଲେ। ସେପଟେ ରାଜ୍ୟ ସଭାରେ ଇଣ୍ଡିଗୋ ବିମାନରେ କର୍ମଚାରୀଙ୍କ ଅଭାବକୁ ନେଇ ବିରୋଧୀ ଦଳ ପ୍ରଶ୍ନ ଉଠାଇଥିଲେ। ଏହା ଦ୍ୱାରା ଦେଶରେ ବିମାନ ସେବା ଠପ୍ ହୋଇଛି। ବିରୋଧୀ ଏ ନେଇ ଜବାବ ମାଗିଥିଲେ।

## ମର୍ଯ୍ୟାଦା ଭଙ୍ଗ ହେଉ ନ ଥିଲେ ମହିଳାଙ୍କ ଫଟୋ ଉଠାଇବା ଅପରାଧ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୫ ।୧୨(ଏଜେନ୍ସି): ମହିଳାଙ୍କ ଫଟୋ ଉଠାଇବା ନେଇ ଶୁକ୍ରବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଯଦି ଜଣେ ମହିଳା ବ୍ୟକ୍ତିଗତ ମୁହୂର୍ତ୍ତରେ ନାହାନ୍ତି, ତେବେ ତାଙ୍କ ସମ୍ମତି ବିନା ମୋବାଇଲ ଫୋନ୍ ଉଠାଇବା କିମ୍ବା ଭିଡିଓ ରେକର୍ଡିଂ କରିବା ଆଇପିସି ଧାରା ୩୫୪ସି ଅନୁସାରେ ଅପରାଧ ନୁହେଁ। ଜଷ୍ଟିସ ଏନ୍ କୋଟେଶ୍ୱର ସିଂ ଓ ଜଷ୍ଟିସ ମନମୋହନଙ୍କ ଖଣ୍ଡପୀଠ କୋଲକାତା ହାଇକୋର୍ଟଙ୍କ ରାୟକୁ ସମର୍ଥନ କରି ଜଣେ ଅଭିଯୁକ୍ତଙ୍କୁ ମୁକ୍ତ କରିଛନ୍ତି। ଏହିକ୍ରମରେ କୋର୍ଟ ପୁଲିସ୍ ଓ ଟ୍ରାଏଲ କୋର୍ଟଙ୍କୁ ଭର୍ତ୍ସନା କରିଛନ୍ତି। ଜଣେ ମହିଳା ଏକ ବିବାଦୀୟ ଜମିରେ ପ୍ରବେଶ କରୁଥିବା ବେଳେ ଏକ ଭିଡିଓ ରେକର୍ଡିଂକୁ ନେଇ ଏହି ମାମଲା ହୋଇଥିଲା। କିନ୍ତୁ ଏଥିରେ ମର୍ଯ୍ୟାଦାର ଉଲ୍ଲଂଘନ ହୋଇ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଥିଲେ। ଏଭଳି ଦୁର୍ବଳ ମାମଲାଗୁଡିକ ଶୁଣାଣି ନ କରିବାକୁ ପ୍ରୟାସ କରାଯିବା ଉଚିତ ଓ ଏହାଦ୍ୱାରା ନ୍ୟାୟାଳୟଗୁଡିକର ସମୟ ଅପଚୟ ହେଉଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ପାକିସ୍ତାନର ପ୍ରଥମ ସିଡିଏଫ୍ ହେଲେ ମୁନୀର

ଇସଲାମାବାଦ୍, ୫ ।୧୨(ଏଜେନ୍ସି): ପାକିସ୍ତାନ ସେନା ମୁଖ୍ୟ ତଥା ଫିଲ୍ଡ ମାର୍ଶାଲ ସୟଦ ଆସିମ ମୁନୀର ଆହୁରି ଶକ୍ତିଶାଳୀ ହୋଇଛନ୍ତି। ସେ ପାକିସ୍ତାନର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ନିଯୁକ୍ତି ହୋଇଛନ୍ତି। ସେ ଆଗାମୀ ୫ ବର୍ଷ ପାଇଁ ଏହି ଗୁରୁଦାୟିତ୍ୱ ବହନ କରିବେ। ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲି ଜର୍ଦ୍ଦାରୀ ଏନେଇ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ମୁନୀର ସିଡିଏଫ୍ ବିବେଚିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଶାହବାଜ ସରିଫ୍ ଉଭୟ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ସିଓଏଏସ୍) ଓ ସିଡିଏସ୍ ପଦ ପାଇଁ ମୁନୀରଙ୍କ ନାମ ସୁପାରିସ କରିଥିଲେ। ଏହାକୁ ଅନୁମୋଦନ କରାଯାଇଛି ବୋଲି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ତରଫରୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରାଯାଇଛି। ଉଲ୍ଲେଖଥାଉ କି, ଗତମାସରେ ପାକିସ୍ତାନ ସମ୍ବିଧାନରେ ୨୭ତମ ସଂଶୋଧନ କରାଯିବା ପରେ ମୁନୀର ସିଡିଏସ୍ ହେବା ନିଶ୍ଚିତ ହୋଇଥିଲା। ଏଥିସହ ଏୟାର ଚିଫ୍ ମାର୍ଶାଲ ଜାହିର ଅହମ୍ମଦ ବାବର ସିଦ୍ଧୁଙ୍କ କାର୍ଯ୍ୟକାଳ ଦୁଇବର୍ଷ ବୃଦ୍ଧି ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ମଧ୍ୟ ରାଷ୍ଟ୍ରପତି ଅନୁମୋଦନ କରିଛନ୍ତି। ମୁନୀର ୨୦୨୨ରେ ସେନା ପ୍ରମୁଖ ହୋଇଥିଲେ। ଚିଫ୍ ଅଫ୍ ଷ୍ଟାଫ୍ ବଦଳରେ ସିଡିଏଫ୍ ପଦ ସୃଷ୍ଟି କରାଯାଇଥିଲା। ସିଡିଏଫ୍ ଜଳ, ସ୍ଥଳ ଓ ବାୟୁ ସେନାର ସନ୍ତୁଳନ ରକ୍ଷା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବେ।

## ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଯାଞ୍ଚ ପରେ ମିଳିବ ଏଚ୍-୧ବି ଭିସା

ୱାସିଂଟନ, ୫ ।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଚ୍-୧ବି ଭିସା ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଏଚ-୧ବି ଭିସା ଆବେଦନକାରୀଙ୍କୁ ନିଜର ସୋସିଆଲ ମିଡିଆ ଆକାଉଣ୍ଟ ସାର୍ବଜନୀନ କରିବାକୁ ହେବେ। ଯାହା ଫଳରେ ଆମେରିକୀୟ ଅଧିକାରୀମାନେ ଆବେଦନକାରୀଙ୍କ ପ୍ରାଫୋଇଲ, ସୋସିଆଲ ମିଡିଆ ପୋଷ୍ଟ, ଲାଇକ୍ ଓ କମେଣ୍ଟ ଦେଖିପାରିବେ। ଯଦି ଆବେଦନକାରୀଙ୍କ କୌଣସି ସୋସିଆଲ ମିଡିଆ ଗତିବିଧି ଆମେରିକାର ହିତ ବିରୋଧରେ ଯାଉଥିବ, ତେବେ ତାଙ୍କୁ ଏହି ଭିସା ପ୍ରଦାନ କରାଯିବ ନାହିଁ। ଏଚ୍-୧ ବି ଭିସାର ଆଶ୍ରିତ (ପତ୍ନୀ, ପିଲା ଓ ପିତାମାତା)ଙ୍କ ଲାଗି ଜାରି ହୋଇଥିବା ଏଚ୍-୪ ଭିସା ପାଇଁ ମଧ୍ୟ ସୋସିଆଲ ମିଡିଆ ପ୍ରୋଫାଇଲ ସାର୍ବଜନୀନ କରିବାର ଜରୁରୀ ବୋଲି କୁହାଯାଇଛି। ପ୍ରଥମଥର ପାଇଁ ଏଚ୍-୧ବି ଭିସା ନେଇ ଏହି ନିୟମ ଜାରି ହେବ। ଡିସେମ୍ବର ୧୫ରୁ ଏହି ନିୟମ ଲାଗୁ ହେବ ଓ ଏ ସଂକ୍ରାନ୍ତରେ ଟ୍ରମ୍ପ ପ୍ରଶାସନ ସବୁ ଦୂତାବାସ୍‌କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଅଗଷ୍ଟରୁ ଷ୍ଟଡି ଭିସା ଏଫ୍-୧, ଏମ୍-୧ ଓ ଜେ-୧ ସହିତ ଭିଜିଟର ଭିସା

■ ଡିସେମ୍ବର ୧୫ରୁ ଲାଗୁ ହେବ ଏହି ନୂଆ ନିୟମ
■ ୩୦ ଦେଶ ଉପରେ ଯାତ୍ରା କଟକଣା ଲଗାଇବ ଆମେରିକା



ବି-୧, ବି-୨ ପାଇଁ ପୂର୍ବରୁ ସୋସିଆଲ ମିଡିଆ ପ୍ରୋଫାଇଲ ସାର୍ବଜନୀନ କରିବା ନିହାତି ଜରୁରୀ ଓ ଏ ନେଇ ନିୟମ ଜାରି ହୋଇସାରିଛି।

ଆମେରିକା ଏବେ ବିଶ୍ୱର ୩୦ଟି ଦେଶ ଉପରେ ଯାତ୍ରା ପ୍ରତିବନ୍ଧକ ଲଗାଇବାକୁ ପ୍ରସ୍ତୁତି ଆରମ୍ଭ କରିଛି। ଆମେରିକା ଅବଶ୍ୟ ପୂର୍ବରୁ ୧୯ଟି ଦେଶ ଉପରେ ଏହି ପ୍ରତବନ୍ଧକ ଲାଗୁ କରିସାରିଛି। ଆମେରିକାର ଗୃହ ବିଭାଗ ସଚିବ କ୍ରିଷ୍ଟି ନୋଏମ ଏନେଇ ସୂଚନା ଦେଇଛନ୍ତି। ଅତିକମ୍‌ରେ ୩୦ଟି କିମ୍ବା ତାଠାରୁ ଅଧିକ ସଂଖ୍ୟକ ଦେଶଗୁଡିକ ଉପରେ ଏହି ପ୍ରତିବନ୍ଧ ଲାଗୁ ହେବ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏ ଦିଗରେ ଗୁରୁତର ସହ ଚିନ୍ତା କରୁଛନ୍ତି ବୋଲି ସେ କହିଛନ୍ତି। ତେବେ କେଉଁ ଦେଶଗୁଡିକ ବିରୋଧରେ ଏହି ପ୍ରତିବନ୍ଧକ ଲାଗୁ ହେବ ସେ ନେଇ ନୋଏମ ସ୍ପଷ୍ଟ କରିନାହାନ୍ତି। ଏହାପୂର୍ବରୁ ଆମେରିକା ୧୯ଟି ଦେଶର ନାଗିରକଙ୍କୁ ଆମେରିକା ନାଗରିକତା ଓ ଗ୍ରୀନ୍‌କାର୍ଡ ଦେବା ପ୍ରକ୍ରିୟାକୁ ରୋକି ଦେଇଥିଲା। ଗତମାସରେ ହ୍ୱାଇଟ ହାଉସ ନିକଟରେ ଜଣେ ଆଫଗାନ ଶରଣାର୍ଥୀ ନ୍ୟାସନାଲ ଗାର୍ଡଙ୍କ ଉପରେ ଗୁଳି ଚଳାଇବା ଘଟଣା ପରେ ଏହି ନିଷ୍ପତ୍ତି ନିଆଯାଇଥିଲା ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଥିଲା।

# ବନପାଳଙ୍କୁ ଜୋତାରେ ପିଟିଲେ ଗ୍ରାମବାସୀ

**ରାଇରଙ୍ଗପୁର/କରଞ୍ଜିଆ, ୫।୧୨(ସମିସ):** ଶ୍ରମିକଙ୍କ ବକେୟା ଟଙ୍କା ପ୍ରଦାନ ଦାବିରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ବନ କର୍ମଚାରୀମାନଙ୍କୁ ଗ୍ରାମବାସୀମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ଏହାର ଏକ ଭିଡିଓ



ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଗ୍ରାମବାସୀମାନେ ବନପାଳଙ୍କୁ ଜୋତାରେ ନିର୍ଦ୍ଧୁମ ମାଡ଼ ମାରୁଥିବା ବେଳେ ଅଟକାଇବାକୁ ଯାଇଥିବା ଅତିରିକ୍ତ ବନ ସଂରକ୍ଷକ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ଶିମିଳିପାଳ ଅଭୟାରଣ୍ୟ ଉତ୍ତର ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ବରେହିପାଣି ରେଞ୍ଜ କାର୍ଯ୍ୟାଳୟରେ ଏହି ଘଟଣା ଘଟିଛି।

ବନ ବିଭାଗ କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଶ୍ରମିକ ଭାବେ କାମ କରିଥିଲେ। କିନ୍ତୁ ତାଙ୍କର ବକେୟା ଟଙ୍କା ବନ କର୍ମଚାରୀମାନେ ପ୍ରଦାନ କରୁନାହାନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ବକେୟା ମଜୁରୀ ଟଙ୍କା ପାଇଁ ନିର୍ଦ୍ଧୁମ ପିଟିଛନ୍ତି। ବରେହିପାଣି ରେଞ୍ଜ ବନପାଳ କାଳୀଚରଣ ନାଏକ ଓ ଚହଲା ଅତିରିକ୍ତ ବନ ସଂରକ୍ଷକ ଲମ୍ବୋଦର ବାସ୍କେ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଲୋକେ ବକେୟା ଟଙ୍କା ପ୍ରଦାନ ଦାବିରେ ବରେହିପାଣି ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ହଠାତ୍ ବନପାଳଙ୍କୁ ଦେଖି କାର୍ଯ୍ୟାଳୟକୁ ଧସେଇ ପଶି ଆକ୍ରମଣ କରିଥିଲେ। ଜୋତାରେ ମାଡ଼ ମାରିବା ସହ ଠେଲାପେଲା କରିଥିଲେ। ଏହାର ଏକ ଭିଡିଓ ମୋବାଇଲ୍‌ରେ କଏଦ ହୋଇଥିବାବେଳେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ଏ ଘଟଣାକୁ ନେଇ ଥାନାରେ ବନ ବିଭାଗ ପକ୍ଷରୁ କୌଣସି ଅଭିଯୋଗ ହୋଇଥିବାର ସୂଚନା ନାହିଁ। ଏନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି। ତେବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ନିଜସ୍ୱ ଅଞ୍ଚଳରେ ବନ କର୍ମଚାରୀ ଆକ୍ରମଣର ଶିକାର ହୋଇଛନ୍ତି।

**୩ ଦିନ ପରେ ବାରବାଟୀ ମୁକାବିଲା**

# ବାଉନ୍ସର୍‌ଙ୍କ ଉପସ୍ଥିତିରେ ଟିକଟ ବିକ୍ରି

**କଟକ, ୫।୧୨ (ସମିସ):** ବାରବାଟୀ ମୁକାବିଲା ନିମନ୍ତେ ଟିକଟ ବିକ୍ରି ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଶୁକ୍ରବାର ବକ୍ସ ଅଫିସ୍‌ରେ ୧୦ ହଜାର କାଉଣ୍ଟର ଟିକଟ ବିକ୍ରି କରାଯିବା ସହ ସମସ୍ତ ଟିକଟ ଶେଷ ହୋଇଯାଇଛି। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କାଉଣ୍ଟର ଖୋଲା ରହିବ ବୋଲି ପୂର୍ବରୁ ଘୋଷଣା ହୋଇଥିଲା।

**ଅମାନିଆଙ୍କୁ ଅଡୁଆ କଲା ସର୍ପେଣ୍ଟାଇନ୍ ବ୍ୟାରିକେଡ୍**







ମାତ୍ର ବ୍ୟାରିକେଡ୍‌ରେ ଅପେକ୍ଷାରତ ଦର୍ଶକଙ୍କୁ ନିରାଶ ନକରିବାକୁ ବକ୍ସ ଅଫିସ୍ ଆଉ ଘଣ୍ଟାଏ ଖୋଲା ରଖାଯାଇଥିଲା। ସନ୍ଧ୍ୟା ପ୍ରାୟ ୭ଟାରେ ଟିକଟ ଶେଷ ହୋଇଥିବା ନେଇ ପୁଲିସ ପକ୍ଷରୁ ସୂଚନା ଦିଆଯାଇଥିଲା। ଯେଉଁମାନେ ଅନଲାଇନ୍ ଜରିଆରେ ଟିକଟ ବୁକ୍ କରିଥିଲେ ସେମାନଙ୍କୁ ଆସନ୍ତା ୮ ଏବଂ ୯ ତାରିଖରେ ଟିକଟ୍ ପ୍ରଦାନ କରାଯିବ। ଏଥି ନିମନ୍ତେ କେମ୍ବ୍ରିଜ ସ୍କୁଲରେ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲିବ।

ପୂର୍ବତ୍ରୁଟିକୁ ସୁଧାରିବା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଏବଂ ପୁଲିସ ପକ୍ଷରୁ ହୋଇଥିବା ଯୋଜନା ଫଳପ୍ରଦ ହୋଇଥିଲା। ସର୍ପେଣ୍ଟାଇନ୍ (ଜିକଜ୍ୟାକ୍) ଶୈଳୀରେ ବ୍ୟାରିକେଡ ବନ୍ଧା ଯାଇଥିଲା। ଯଦ୍ୱାରା ସର୍ଭିସ ବ୍ୟାରିକେଡ୍ ଟପି ଟିକଟ ଆଶାୟୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବ୍ୟାରିକେଡରେ ପ୍ରବେଶ କରିବା ଅମାନିଆଙ୍କ ନିମନ୍ତେ କାଠିକର ପାଠ ହୋଇଥିଲା। ଏତଦ୍‌ବ୍ୟତୀତ ପ୍ରଥମଥର ବକ୍ସ ଅଫିସ ସମ୍ମୁଖରେ ବାଉନ୍ସର ନିୟୋଜିତ ହୋଇଥିଲେ। ପ୍ରତ୍ୟେକ କାଉଣ୍ଟର ଆଗରେ ଜଗି ରହିଥିଲେ ୪ରୁ ୬ଜଣ ବାଉନ୍ସର। ଏଣୁ ବକ୍ସ ଅଫିସରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ମଧ୍ୟ କେହି ସାହସ କରିନଥିଲେ। କାଉଣ୍ଟର ଖୋଲିବା ପୂର୍ବରୁ ତଥା ସକାଳ ପ୍ରାୟ ୯ଟାରେ କ୍ରିକେଟପ୍ରେମୀଙ୍କ ଭିତରେ ଠେଲାପେଲା ହେବା ସହ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏହାକୁ ଲକ୍ଷ୍ୟରେ ରଖି ପୁଲିସ ଘଟଣାସ୍ଥଳରେ ଲାଠିଚାଳନା କରିଥିଲା। ତେବେ ଦିନ ସମୟରେ କେତେକ ଦିବ୍ୟାଙ୍ଗ ଟିକଟ କିଣିବାକୁ ଆସି ହଟହଟା ହୋଇଥିବା ଦେଖିବାକୁ ମିଳିଥିଲା। ଲମ୍ବା ଧାଡିରେ ଛିଡ଼ା ହୋଇ ଟିକଟ କିଣି ନପାରି ଫେରିବାକୁ ବସିଥିବା ବେଳେ କମିଶନରେଟ ପୁଲିସ ଏବଂ ଓସିଏ ପକ୍ଷରୁ ଆଲୋଚନା କରାଯାଇ ଦିବ୍ୟାଙ୍ଗଙ୍କ ପାଇଁ ଟିକଟ ବିକ୍ରିର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ଦିବ୍ୟାଙ୍ଗଙ୍କୁ ଟିକଟ ବିକ୍ରି କରାଯାଇଥିଲା।

ପ୍ରକାଶ ଥାଉକି, ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଟି-୨୦ ମୁକାବିଲାକୁ ଆଉ ୪ଦିନ ବାକି। ଟିକଟ ବିକ୍ରି ଶେଷ ହୋଇଥିବା ବେଳେ ଏବେ ମ୍ୟାଚ୍‌କୁ ଅପେକ୍ଷା। ଚଳିତଥର ୫ଟି କାଉଣ୍ଟରରେ ଅଫଲାଇନ୍ ଟିକଟ ବିକ୍ରି କରାଯାଇଥିଲା। ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ନିକଟରେ ୩ଟି ଟିକଟ କାଉଣ୍ଟର ଖୋଲିଥିଲା। ଯେଉଁଥିରେ ଗ୍ୟାଲେରୀ ଏବଂ ସ୍ପେସିଆଲ ଏନକ୍ଲୋଜର ଟିକଟ ବିକ୍ରି କରାଯାଇଥିଲା। ହର୍ଷ ଗେଟ୍ ନିକଟରେ ଦାମୀ ଟିକଟ ବିକ୍ରି ହୋଇଥିଲା।

**ଭତ୍ତା ପାଇଁ ହୀନସ୍ତା**

# ଝୁଡ଼ିରେ ୩ କିମି ବୁହା ହେଲେ ବୃଦ୍ଧା

**ରାୟଗଡ଼ା/କାଶୀପୁର, ୫।୧୨ (ସମିସ):** ଭତ୍ତା ପାଇଁ ଝୁଡ଼ିରେ ୩ କିମି ବୁହା ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଗଲେ ବୃଦ୍ଧା। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ଉପରକୋଡିଙ୍ଗା ଗ୍ରାମରେ ସରକାରୀ ବ୍ୟବସ୍ଥାର ଏପରି ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ଏହାକୁ ନେଇ ବୁଦ୍ଧିଜୀବୀମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନାର ଲାଭ ଯେପରି ତୃଣମୂଳସ୍ତରରେ ପହଞ୍ଚି ପାରିବ, ସେଥିପାଇଁ ସରକାର ବ୍ୟବସ୍ଥା କରିଥିବା କହୁଥିବା ବେଳେ ବାସ୍ତବ ସ୍ଥିତି ଯେ କେତେ ଭିନ୍ନ; ତାହା ଏହି ଘଟଣା ବୟାନ କରୁଛି ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ଖାଲି ଏହି ଗୋଟିଏ ଘଟଣା ନୁହେଁ, ପୂର୍ବରୁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରୁ ଭତ୍ତା ପାଇଁ ବରିଷ୍ଠ ନାଗରିକମାନେ ଏପରି ହନ୍ତସନ୍ତ ହେବାର ନଜିର ରହିଛି।

କାଶୀପୁର ବ୍ଲକ ବାଙ୍କାମ୍ବ ପଞ୍ଚାୟତ ଅନ୍ତର୍ଗତ ଉପରକୋଡିଙ୍ଗା ଗ୍ରାମର ଜଲକି ଝୋଡ଼ିଆ(୭୦)। ଆଉ ବଳବୟସ ନାହିଁ। ଚାଲିବାକୁ ବି ଦେହରେ ବଳ ନାହିଁ। ସରକାର ମାସକୁ ଯେଉଁ ଭତ୍ତା ଟଙ୍କା ଗଣ୍ଡିକ ଦିଅନ୍ତି, ସେଇଥିରେ ଚଳନ୍ତି। କିନ୍ତୁ ୨ମାସ ହେବ, ଭତ୍ତା ଟଙ୍କା ନ ମିଳିବାରୁ ଦିନକୁ ଦୁଇ ଓଳି



ଖାଇବା ବି ତାଙ୍କ ପାଇଁ ମୁସ୍କିଲ ହୋଇଗଲା। କାହିଁକି ଭତ୍ତା ଟଙ୍କା ମିଳୁନି, ତାହା ପଚାରିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଯିବାକୁ ତାଙ୍କ ପାଖରେ ସାମର୍ଥ୍ୟ ନାହିଁ କି ଅଟୋରେ ଯିବା ପାଇଁ ପାଖରେ ପାହୁଲାଟିଏ ବି ନାହିଁ। ତେଣୁ, ସ୍ୱାମୀ ଓ ସମ୍ପର୍କୀୟମାନେ ଜଲକିଙ୍କୁ ଏକ ଝୁଡ଼ିରେ ବୋହି ପଞ୍ଚାୟତ କାର୍ଯ୍ୟାଳୟକୁ ନେଇଥିଲେ। ଏ ସଂପର୍କରେ କାଶୀପୁର ବ୍ଲକ୍ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଜ୍ୟୋତିର୍ମୟୀ ଦାଶଙ୍କୁ ଯୋଗାଯୋଗ କରିବାରୁ ଏହି ଘଟଣା ସମ୍ପର୍କରେ ଆମେ ସାମାଜିକ ଗଣମାଧ୍ୟମରେ ସୂଚନା ପାଇଲୁ। ଏହାର ତଦନ୍ତ କରି ଶୀଘ୍ର ତାଙ୍କୁ ବ୍ୟାଙ୍କ ଏକାଉଣ୍ଟ ମାଧ୍ୟମରେ କିମ୍ବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ତାଙ୍କ ଘରକୁ ଯାଇ ନଗଦ ଅର୍ଥ ଭାବେ ଭତ୍ତା ଟଙ୍କା ଦିଆଯିବ ବୋଲି କହିଛନ୍ତି।

ଜିଲ୍ଲା ସାମାଜିକ ସୁରକ୍ଷା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଯେ ଉକ୍ତ ବୃଦ୍ଧାଙ୍କୁ ଡିବିଟି ମାଧ୍ୟମରେ ଭତ୍ତା ଟଙ୍କା ସିଧାସଳଖ ତାଙ୍କ ବ୍ୟାଙ୍କ ଜମାଖାତାରେ ଜମା ହେଉଛି। କିନ୍ତୁ ସେମାନେ ଏ ବିଷୟରେ ନଜାଣି ଭତ୍ତା ନେବା ପାଇଁ ଚାଲି ଆସିଥିଲେ। ତଥାପି ଆସନ୍ତା ମାସରେ ବୃଦ୍ଧାଙ୍କ ଘରେ ବାର୍ଦ୍ଧକ୍ୟ ଭତ୍ତା ପାଇବାର ବ୍ୟବସ୍ଥା କରି ଦିଆଯିବ ବୋଲି କହିଛନ୍ତି।

# ଧାନ ବିଲରେ ମୃତ ହାତୀ ଛୁଆ

**କେନ୍ଦୁଝର, ୫।୧୨(ସମିସ):** କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପିଢ଼ ରେଞ୍ଜ କସଡ଼ା ଗାଁ ନିକଟସ୍ଥ ଏକ ଚାଷ ବିଲରୁ ମାଈ ହାତୀ ଛୁଆର ଶବକୁ ଜବତ କରାଯାଇଛି। ବନବିଭାଗ ଟିମ ହାତୀ ଛୁଆଟିର ମୃତ୍ୟୁ କାରଣ ଖୋଜୁଛି। ଛୁଆର ବୟସ ୮ରୁ ୧୦ବର୍ଷ ହେବ।



ମୃତ୍ୟୁର କାରଣ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ବନବିଭାଗ କହିଛି। ଶନିବାର ହାତୀ ଛୁଆଟିର ଶବ ବ୍ୟବଚ୍ଛେଦ କରାଯିବ। ଶୁକ୍ରବାର ଅପରାହ୍ଣରେ ଖବର ପାଇ ଭୂୟାଁ ଜୁଆଙ୍ଗ ପୀଢ ଏସିଏଫ୍ ଡ ସୁଦୀପ୍ତ ପଣ୍ଡା, ରେଞ୍ଜର ନୟନକାନ୍ତ ସାହୁ, ଶୁଆକାଟୀ ବିଟ୍ ଫରେଷ୍ଟର ଜ୍ୟୋତିର୍ମୟ ପଟ୍ଟନାୟକ, ଫରେଷ୍ଟ ଗାର୍ଡ ଚନ୍ଦ୍ରକାନ୍ତ ମହାନ୍ତ ଏବଂ ହାତୀ ସ୍କ୍ୱାଡ୍ ଘଟଣାସ୍ଥଳକୁ ଯାଇଥିଲେ। ସେ ଅଞ୍ଚଳରେ ବୁଲାବୁଲି କରୁଥିବା ୪୦ଟି ହାତୀ ମଧ୍ୟରୁ ଛୋଟ ମାଈ ହାତୀଟି ମୃତ୍ୟୁ ପରେ ଅଲଗା ହୋଇଥିବା ଅନୁମାନ କରାଯାଉଛି। ଉକ୍ତ ହାତୀ ଦଳ ନିକଟସ୍ଥ ଲୁଣଘର ଜଙ୍ଗଲ ଅଞ୍ଚଳରେ ରହିଥିବା ସୂଚନା ମିଳିଛି।

# ଭିଜିଲାନ୍ସ ଜାଲରେ ଫରେଷ୍ଟର

**ଝାରସୁଗୁଡା/ଇବ ଥର୍ମାଲ, ୫।୧୨(ସମିସ):** ୫ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ଫରେଷ୍ଟର୍ ଗୌରାଙ୍ଗ ସାହୁ। ବନ୍ଧବାହାଲ ଅଞ୍ଚଳରେ ମୋହିତ ପ୍ରଧାନଙ୍କୁ ଗଛକଟା ଅନୁମତି ଦେବା ପାଇଁ ଫରେଷ୍ଟର୍ ଶ୍ରୀ ସାହୁ ଆଜି ନିଜ ଅଫିସ୍‌ରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ସୂଚନାନୁଯାୟୀ, ବନ୍ଧବାହାଲ ଅଞ୍ଚଳରେ ନିଜ ଜମିରେ ଥିବା ଏକ ଶୁଖିଲା ନୀଳଗିରି ଗଛକୁ କାଟିବା ଏବଂ ପରିବହନ କରିବା ପାଇଁ ମୋହିତ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ରେଞ୍ଜ ଅଧୀନ ବନ୍ଧବାହାଲ



ସେକ୍ସନର ଫରେଷ୍ଟରଙ୍କ ନିକଟରେ ଆବେଦନ କରିଥିଲେ। ଅନୁମତି ଦେବା ପାଇଁ ଫରେଷ୍ଟର ଗୌରାଙ୍ଗ ଆବେଦନକାରୀ ମୋହିତଙ୍କୁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ନ ଦେଲେ କାମ ହେବ ନାହିଁ ବୋଲି ରୋକଠୋକ୍ ମନା କରିଦେଇଥିଲେ। ଏନେଇ ମୋହିତ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ଫରେଷ୍ଟର୍‌ଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା।







# ସାରଥୀଙ୍କ ବିରୋଧରେ ଚାର୍ଜଫ୍ରେମ୍

**କଟକ, ୫।୧୨ (ସମିସ):** କଟକ ସ୍ୱତନ୍ତ୍ର ଅଦାଲତରେ ଆଜି ସନ୍ତୋଷ କୁମାର ରାଉଳ ଓରଫ୍ ବାବା ସାରଥୀଙ୍କ ବିରୋଧରେ ଚାର୍ଜଫ୍ରେମ୍ ହୋଇଛି। ଅଦାଲତରେ ସାରଥୀ ଭର୍ଚୁଆଲରେ ଓ ଅନ୍ୟ ଅଭିଯୁକ୍ତ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ପରେ ସାରଥୀ ଓ ଅନ୍ୟମାନଙ୍କ ବିରୋଧରେ ଚାର୍ଜଫ୍ରେମ ହୋଇଥିଲା। ପରେ ମାମଲାରେ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହେବ। ଜାନୁଆରି ୧୬କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ସୂଚନାଯୋଗ୍ୟ, ସାରଥୀଙ୍କ ବିରୋଧରେ ରୁଜୁ ମୂଳ ମାମଲାର ତଦନ୍ତ କରି ଆଇପିସିର ଦଫା ୪୨୦, ୧୨୦ ବି, ୪୬୭, ୪୬୮, ୪୭୧, ୩୪୧, ୫୦୬, ୩୭୯, ୪୧୧, ୪୨୩, ୩୪ ସହ ଏସ୍‌ସି ଆଣ୍ଡ ଏସ୍‌ଟି (ପି.ଏ) ଆଇନର ଧାରା ୩, ଆର୍ମସ୍ ଆକ୍ଟର ଧାରା ୨୫ ଓ ରିଲିଜିୟସ୍ ଇନ୍‌ଷ୍ଟିଚ୍ୟୁସନସ୍ (ପ୍ରିଭେନ୍‌ସନ୍ ଅଫ୍ ମିସ୍ ୟୁଜ୍ ଆକ୍ଟ)ର ଧାରା ୭ରେ କ୍ରାଇମବ୍ରାଞ୍ଚ ଚାର୍ଜସିଟ୍ ଦାଖଲ କରିଥିଲା। ଏହି ମାମଲାରେ ସାରଥୀଙ୍କ ସହ ତାଙ୍କ ପୁଅ ସତ୍ୟମ, ସନ୍ତୋଷ ଗୋଛାୟତ, ପିଲୁ ଓରଫ୍ ପିଲାସ୍କି ସ୍ୱାଇଁ, ସିଲୁ ଓରଫ୍ ବିଶ୍ୱଜିତ୍ ପଟ୍ଟନାୟକ ଓ ହରିଶ୍ଚନ୍ଦ୍ର ଦାସ ଓରଫ୍ ବୁଲୁଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଏହି ମାମଲାରେ ସମସ୍ତ ଅଭିଯୁକ୍ତ ଜାମିନରେ ଅଛନ୍ତି। ସାରଥୀଙ୍କ ପକ୍ଷରୁ ଆଇନଜୀବୀ ମାନସ ଚାନ୍ଦ ମାମଲା ପରିଚାଳନା କରୁଛନ୍ତି।

**ଫୁଲବାଣୀ ସଦର ଥାନା ଅଧିକାରୀ ନିଲମ୍ବନ ଘଟଣା**

# ଗଞ୍ଜେଇ କାରବାର ପଛରେ କୋଟି କୋଟି ଟଙ୍କାର ଡିଲ୍ !

**ଭୁବନେଶ୍ୱର, ୫।୧୨(ସମିସ):** ଫୁଲବାଣୀ ସଦର ଥାନା ଅଧିକାରୀ ତଥା ଡିଏସ୍‌ପି ସତୀଶ ଚନ୍ଦ୍ର ନାଏକ ନିଲମ୍ବନ ହେବା ପରେ ଖାକିରେ ଗଞ୍ଜେଇ ଦାଗ ଲାଗିଛି। ଗଞ୍ଜେଇ କାରବାର କରିବାକୁ କୋଟି କୋଟି ଟଙ୍କାର ଡିଲ୍ ହୋଇଥିବା କଥା ପଦାକୁ ଆସିବା ସହ ଖାକି ବାବୁମାନଙ୍କ ଗୁମର ଖୋଲୁଛି। ପୁଲିସର ଛବିକୁ ପୂରା ମଳିନ ନ କରିବା ପାଇଁ ଘଟଣାରେ ସଂପୃକ୍ତ ଜଣେ ସବ୍-ଇନ୍ସପେକ୍ଟରଙ୍କୁ ବଦଳି କରିଦିଆଯାଇଛି। କିନ୍ତୁ ବଦଳିକୁ ପ୍ରାୟ ୩ମାସ ବିତି ଯାଇଥିଲେ ମଧ୍ୟ ବାବୁ ଏପର୍ଯ୍ୟନ୍ତ ଥାନା ଛାଡ଼ି ନାହାନ୍ତି। ସେପଟେ, ଏହି ଘଟଣାରେ ଅନ୍ୟତମ କରିତକର୍ମା ଥାନା ସ୍କର୍ପିଓ ତଥା ବେସରକାରୀ ଚାଳକ ଉପରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଥାନା ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ସଂପୃକ୍ତ ଏସ୍‌ଆଇ ଓ ଚାଳକଙ୍କୁ କାହିଁକି ଅନୁକମ୍ପା ଦେଖାଯାଉଛି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପୂରା ଘଟଣା ଥିଲା ଏମିତି; ଗତ ସେପ୍ଟେମ୍ବରରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଫୁଲବାଣୀ ସଦର ଥାନା ପୁଲିସ କସକଠି-ମିନିଆ ରାସ୍ତାରେ ଚଢ଼ଉ କରିଥିଲା। ଗଞ୍ଜେଇ ଭର୍ତ୍ତି କାର ଜବତ କରିବା ସହ ଚାଳକକୁ ଗିରଫ କରିଥିଲା। ପାଖାପାଖି ୭ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିବା ବେଳେ ମାତ୍ର ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଥିବା କାଗଜପତ୍ରରେ ଦେଖାଇଥିଲା। ବାକି ତକ ଗଞ୍ଜେଇକୁ ଖାକି ବାବୁମାନେ ମିଶି ଥାନା ସ୍କର୍ପିଓ ଚଳାଉଥିବା ବେସରକାରୀ ଚାଳକ ଘରେ ନେଇ ଗଚ୍ଛିତ ରଖିଥିଲେ। ଏସ୍‌ପିଙ୍କ ପାଖରେ ଏଭଳି ଖବର ପହଞ୍ଚିବା ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ସ୍କର୍ପିଓ ଚାଳକଙ୍କ ଘରୁ ବିପୁଳ ପରିମାଣର ଗଞ୍ଜେଇ ମଧ୍ୟ ଜବତ ହୋଇଥିଲା। ଘଟଣାର ସତ୍ୟାସତ୍ୟ ଜଣାପଡ଼ିବା ପରେ

> **ବଦଳିରେ ସୀମିତ ଏସ୍‌ଆଇଙ୍କ ଉପରେ କାର୍ଯ୍ୟାନୁଷ୍ଠାନ**
>
> **ତଥାପି ଗାଦି ଛାଡ଼ିନାହାନ୍ତି ବାବୁ**
>
> **ସ୍କର୍ପିଓ ଚାଳକଙ୍କୁ ଅନୁକମ୍ପା କାହିଁକି**

ଥାନାଧିକାରୀ ସତୀଶଙ୍କୁ ମୁଖ୍ୟାଳୟକୁ ବଦଳି କରିବା ସହ ସଂପୃକ୍ତ ଏସ୍‌ଆଇଙ୍କୁ ଅନ୍ୟ ଥାନାକୁ ପଠାଇ ଦିଆଯାଇଥିଲା।

ଏତିକିରେ ଘଟଣା ସରି ନଥିଲା; ପରେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ବିଭାଗୀୟ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଡିଏସ୍‌ପିଜଣକ ଥାନାକୁ ଯାଇ ପୂରା ଘଟଣାର ତଦନ୍ତ କରିଥିଲେ। ତଦନ୍ତ ବେଳେ ସାଙ୍ଘାତିକ କଥା ପଦାକୁ ଆସିଥିଲା। ଜବତ ହୋଇଥିବା ଗଞ୍ଜେଇ ଓ ମାଲଖାନାରେ ଥିବା ଗଞ୍ଜେଇ ମଧ୍ୟରେ ତାଳମେଳ ନଥିଲା। ଜବତ ଗଞ୍ଜେଇଠାରୁ ଅଧିକ ପରିମାଣର ଗଞ୍ଜେଇ ମାଲଖାନାରେ ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ସଂପୃକ୍ତ ଥାନାର ପୁଲିସ ଅଧିକାରୀମାନେ ଗଞ୍ଜେଇ ଧରିବା ପରେ କମ୍ ପରିମାଣର ଗଞ୍ଜେଇ ଜବତ ଦେଖାଇ ଅବଶିଷ୍ଟକୁ ବେଆଇନ ଭାବେ ବିକ୍ରି କରୁଥିବା କଥା ଏକପ୍ରକାର ସ୍ପଷ୍ଟ ହୋଇଥିଲା। ମାଲଖାନା ଗଞ୍ଜେଇରେ ମଧ୍ୟ ହେରଫେର୍ ହୋଇଥିବା ଜଣାପଡ଼ିବା ପରେ ତଦନ୍ତକାରୀ ଅଧିକାରୀ ଏସପିଙ୍କୁ ରିପୋର୍ଟ ଦେଇଥିଲେ। ସଂପୃକ୍ତ ଥାନା ଅଧିକାରୀ, ଏସ୍‌ଆଇ, ସ୍କର୍ପିଓ ଚାଳକ ଓ ଅନ୍ୟ କିଛି କର୍ମଚାରୀ ବେଆଇନ କାରବାରରେ ଲିପ୍ତ ଥିବା ସଂପୃକ୍ତ ରିପୋର୍ଟରେ ଉଲ୍ଲେଖ ରହିଥିବା ସୂଚନା ମିଳିଛି। ପରେ ଫୁଲବାଣୀ ସଦର ଥାନା ଅଧିକାରୀ ତଥା ଡିଏସପି ସତୀଶ ଚନ୍ଦ୍ର ନାଏକଙ୍କୁ ନିଲମ୍ବନ କରାଯାଇଥିଲା।

ସେପଟେ ସଂପୃକ୍ତ ଏସ୍‌ଆଇଙ୍କ କାରନାମାର ତାଲିକା ମଧ୍ୟ ବେଶ୍ ଲମ୍ବା। ଫିରିଙ୍ଗିଆ ଥାନା ପୋଡ଼ି ପୂର୍ବରୁ ଏସ୍‌ଆଇଜଣଙ୍କ ସେଠାରେ କିଛି ଦିନ ଦାୟିତ୍ୱରେ ଥିଲେ। ସେହି ସମୟରେ ଗଞ୍ଜେଇ ଚାଷ କରୁଥିବା ଲୋକଙ୍କୁ ଅନୁକମ୍ପା ଦେଖାଇ ଥିଲେ। ଫଳରେ ତାଙ୍କୁ ଅନ୍ୟ ଥାନାକୁ ବଦଳି କରାଯାଇଥିଲା। ଏବେ ଗଞ୍ଜେଇ କାରବାର ଘଟଣାରୁ ନଜର ହଟାଇବା ଲାଗି ଡିଏସପି ଶ୍ରୀ ନାଏକଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଏସ୍‌ଆଇଙ୍କର କେବଳ ବଦଳି କରାଯାଇଛି। ସଂପୃକ୍ତ ଏସ୍‌ଆଇ ଓ ସ୍କର୍ପିଓ ଚାଳକଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବାରୁ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସ୍‌ଆଇଜଣଙ୍କ ବାରମ୍ବାର ବେଆଇନ କାର୍ଯ୍ୟରେ ସଂପୃକ୍ତ ରହୁଥିବା ବେଳେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଉଚ୍ଚ ଅଧିକାରୀଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

# ରାଉରକେଲା ବିମାନବନ୍ଦରକୁ ବନ୍ଦ କରିଦେବାକୁ ଚକ୍ରାନ୍ତ

**ରାଉରକେଲା, ୫।୧୨(ସମିସ)**




ରାଉରକେଲା ବିମାନବନ୍ଦରକୁ ସ୍ଥାଣୁ କରି ପରିଶେଷରେ ସମ୍ପୂର୍ଣ୍ଣ ବନ୍ଦ କରିଦେବା ପାଇଁ ଜଣେ ଓଡ଼ିଆ ଆଇଏଏସ୍ ଅଫିସର ଚକ୍ରାନ୍ତ କରିଛନ୍ତି। ବିଶ୍ୱକପ୍ ହକି ଚାମ୍ପିଅନ୍ ଅବ୍ୟବହିତ ପୂର୍ବରୁ ତତ୍କାଳୀନ ୫-ଟି ସଚିବ ଜଣେ ଅଣ ଓଡ଼ିଆ ଆଇଏଏସ୍ ଅଫିସର ହୋଇ ବି ରାଉରକେଲାରୁ ଭୁବନେଶ୍ୱର ଓ କଲିକତାକୁ ଦୈନିକ ବିମାନ ଚଳାଚଳ ଆରମ୍ଭ କରିଥିଲେ। ହେଲେ ଏବେ ସମ୍ବଲପୁର ଅଞ୍ଚଳର ଜଣେ ପ୍ରଭାବଶାଳୀ ଓଡ଼ିଆ ଆଇଏଏସ୍ ଅଫିସର ଝାରସୁଗୁଡ଼ା ବିମାନବନ୍ଦରକୁ ଚଳଚଞ୍ଚଳ କରି ରଖିବା ଉଦ୍ଦେଶ୍ୟରେ ରାଉରକେଲା ବିମାନ ବନ୍ଦରକୁ ବନ୍ଦ କରିଦେବା ପାଇଁ ଯେଉଁ ହୀନ ଚକ୍ରାନ୍ତ କରିଛନ୍ତି, ତାକୁ ରାଉରକେଲାବାସୀ କେବେ ବି କ୍ଷମା କରିବେ ନାହିଁ ବୋଲି ହିନ୍ଦ ମଜଦୁର ସଭାର ସାଧାରଣ ସମ୍ପାଦକ ଶ୍ରମିକ ନେତା ଦିଗମ୍ବର ମହାନ୍ତି ଅଭିଯୋଗ ଆଣିଛନ୍ତି। ବିଶ୍ରାଛକ ସ୍ଥିତ ଏଚ୍ଏମ୍ଏସ୍ କାର୍ଯ୍ୟାଳୟ ଠାରେ ଶୁକ୍ରବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଲେ ଓଡ଼ିଶାର ପ୍ରଥମ ଇସ୍ପାତ ଶିଳ୍ପ ସହର ରାଉରକେଲାରେ ୧୯୬୪ରେ ରାଜ୍ୟର ଦ୍ୱିତୀୟ ବିମାନବନ୍ଦର ସ୍ଥାପନ ହୋଇଥିଲା ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଉଡାଣ ଯୋଜନାରେ ରାଉରକେଲା ବିମାନବନ୍ଦରରୁ ଉଡ଼ିଥିଲା ବିମାନ। ବିଶେଷକରି ୨୦୨୩ ବିଶ୍ୱକପ୍ ହକି ପୂର୍ବରୁ ଏଠାରୁ ଦୈନିକ ୭୨ ସିଟ୍ ବିଶିଷ୍ଟ ଏକ ବିମାନ ଭୁବନେଶ୍ୱର ଓ କଲିକତା ଯାତାୟାତ କରିଥିଲା। ଦୈନିକ ଯାତ୍ରୀ ସଂଖ୍ୟା ହ୍ରାସ ପାଇନଥିଲା। ଏହା ସତ୍ତ୍ୱେ ବି ଯାତ୍ରୀ ନ ହେବା ଆଳ ଦେଖାଇ ରାଉରକେଲାରୁ ବିମାନ ଉଡାଣ ବନ୍ଦ କରାଯାଇଥିଲା।

**ଓଡ଼ିଆ ଆଇଏଏସ୍ ଅଫିସରଙ୍କ ଚକ୍ରାନ୍ତ ଆଗରେ ବଳି ପଡ଼ିଲା ଅଣଓଡ଼ିଆ ଆଇଏଏସ୍ ଅଫିସରଙ୍କ ସ୍ୱାର୍ଥ : ହିନ୍ଦ ମଜଦୂର ସଭା**

ସୂଚନାଯୋଗ୍ୟ ଯେ ଝାରସୁଗୁଡା ବିମାନ ବନ୍ଦରରେ ଏବେ ଯେତିକି ସଂଖ୍ୟକ ଯାତ୍ରୀ ହେଉଛନ୍ତି, ତାର ୭୦ ପ୍ରତିଶତ ଯାତ୍ରୀ ହେଉଛନ୍ତି ରାଉରକେଲା ଓ ସୁନ୍ଦରଗଡ଼ର। ଯଦି ରାଉରକେଲା ବିମାନବନ୍ଦର ଚଳଚଞ୍ଚଳ ହୋଇଯିବ ତେବେ ଝାରସୁଗୁଡ଼ା ବିମାନବନ୍ଦରରେ ଯାତ୍ରୀ ସଂଖ୍ୟା ହ୍ରାସ ପାଇବା ସହ ଏହା ବିମାନବନ୍ଦରକୁ ଭବିଷ୍ୟତରେ ପ୍ରଭାବିତ କରିବା ଆଶଙ୍କା ରହିଛି। ସେ ଆହୁରି କହିଛନ୍ତି ଯେ ନିକଟରେ ରାଜସ୍ୱମନ୍ତ୍ରୀ ଯେପରି ଗଣମାଧ୍ୟମ ଜରିଆରେ ରାଉରକେଲା ବିମାନବନ୍ଦର ସମ୍ପର୍କରେ ସହରବାସୀଙ୍କୁ ଭୁଆଁ ବୁଲାଇଗଲେ ତାହା ଏବେ ଦାଣ୍ଡରୁ ପଡ଼ି ହାଟରେ ଗଡୁଛି। ରାଉରକେଲା ବିମାନବନ୍ଦରକୁ ବଡ଼ ବିମାନ ଆସିବା ପଛରେ ପ୍ରତିବନ୍ଧକ ହେଉଛି ରାଉରକେଲା ଇସ୍ପାତ କାରଖାନାର ଏକ ଚିମିନି। ତେବେ ଶ୍ରୀ ମହାନ୍ତିଙ୍କ ଅଭିଯୋଗ ହେଲା ମନ୍ତ୍ରୀ କହିଥିବା ଆରଏସପିର ଉକ୍ତ ଚିମିନି ଠାରୁ ରାଉରକେଲା ବିମାନବନ୍ଦରର ଦୂରତା ହେଉଛି ୨୮ କିଲୋମିଟର। ତେବେ ଝାରସୁଗୁଡ଼ାରେ ମଧ୍ୟ ଏକ ଚିମିନି ବିମାନବନ୍ଦର ନିକଟରୁ ୧୪ କିଲୋମିଟର ଦୂରରେ ଅବସ୍ଥିତ। ସେଠାରେ ଯଦି ନିୟମିତ ବିମାନ ଚଳାଚଳରେ କୌଣସି ଅସୁବିଧା ହେଉନାହିଁ, ତାହାଲେ ରାଉରକେଲାରେ ୨୮ କିଲୋମିଟର ଦୂରରେ ଚିମିନି ରହିଥିଲେ ଅସୁବିଧା କେଉଁଠି ରହିଲା ବୋଲି ପ୍ରଶ୍ନ କରିଛନ୍ତି। ଝାରସୁଗୁଡ଼ାର ନୂଆକରି ଆରମ୍ଭ ବିମାନବନ୍ଦରରେ ଇଣ୍ଡିଗୋ ବିମାନ ସେବା କାର୍ଯ୍ୟକାରୀ କରିଛନ୍ତି। ରାଉରକେଲାର ଏନଆଇଟିରୁ ସିଧାସଳଖ ଦିନକୁ ଦୁଇ ଥର ଭଲଭୋ ଲକ୍ଷ୍ମୀ ବସ୍‌ର ସମସ୍ତ ଯାତ୍ରୀ ଝାରସୁଗୁଡ଼ା ବିମାନ ବନ୍ଦରରୁ ଭୁବନେଶ୍ୱର ଓ ଅନ୍ୟାନ୍ୟ କସମୋପଲିଟନ ଟାଉନକୁ ଯାଉଛନ୍ତି। ଯଦି ରାଉରକେଲାବାସୀଙ୍କ ଦାବିକୁ ଯଥାର୍ଥ ଭାବି ଫେବୃଆରୀ ୧ ତାରିଖ ୨୦୨୫ ଦିନ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱମନ୍ତ୍ରୀ ତାଙ୍କର ଘୋଷଣାକୁ କାର୍ଯ୍ୟକାରୀ କରି ରାଉରକେଲା ବିମାନବନ୍ଦରକୁ ୪ସି ଲାଇସେନ୍ସ ଏୟାରପୋର୍ଟ ଏବଂ ନାଇଟ ଲ୍ୟାଣ୍ଡିଂ ସିଷ୍ଟମ ଓ ଆଇଏଲ୍ଏସ୍ ଲଗାଇ ଦେଇଥାନ୍ତେ ତେବେ ଝାରସୁଗୁଡ଼ା ବିମାନବନ୍ଦରକୁ କେବେବି ଇଣ୍ଡିଗୋ ଏୟାର ଲାଇନ୍ ନେଇ ନଥାନ୍ତା ଓ ରାଉରକେଲା ବାସିନ୍ଦାଙ୍କୁ ଶାନ୍ତ କରିବାକୁ ୯ ସିଟ ବିଶିଷ୍ଟ ଏକ ଛୋଟ ପ୍ଲେନ୍ ଅଣାଯାଇଛି ଯାହାକି ହେଲିକପ୍ଟର ପରି, ଏହା ରାଉରକେଲା ବାସୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ମୁଖ୍ୟମନ୍ତ୍ରୀ ଦେଇଥିବା କଥା ଯଦି ନ ରଖନ୍ତି, ତେବେ ଆସନ୍ତା ନୂଆବର୍ଷରୁ ରାଉରକେଲା ବିମାନବନ୍ଦର ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ହିନ୍ଦ୍ ମଜଦୁର ସଭା ତରଫରୁ ଚେତାବନୀ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ହିନ୍ଦ୍ ମଜଦୁର ସଭାର ହରିକୃଷ୍ଣ ପାଢ଼ୀ, ଦିଗମ୍ବର ମହାନ୍ତି, ବିଜେଡି ନେତା ଗଗନ ପଣ୍ଡା ଓ ଜଗବନ୍ଧୁ ଜେନା, ଦିଲୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ



**କୋଇଡ଼ା, ୫।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲାରେ ହେବାକୁ ଥିବା ଖେଲୋଇଣ୍ଡିଆ ପକ୍ଷରୁ ସାଂସଦ ଖେଳ ମହୋତ୍ସବର ଉଦ୍‌ଘାଟନ କୋଇଡା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। କୋଇଡ଼ାରେ ମଶାଲ୍ ଯାତ୍ରା ପରିକ୍ରମା କରି କାଲଟା ବାଟ ଦେଇ ଲହୁଣୀପଡ଼ା ବ୍ଲକ ଓ ପରିଶେଷରେ ସୁନ୍ଦରଗଡ଼ ଜିଲ୍ଲା ହେଡ କ୍ୱାର୍ଟର୍ସଠାରେ ପହଞ୍ଚିବ। ଶନିବାରଠାରୁ ସମଗ୍ର ଜିଲ୍ଲା ରେ ବିଭିନ୍ନ ଖେଳରେ ଭାଗ ନେବେ ଲକ୍ଷାଧିକ ଛାତ୍ରଛାତ୍ରୀ। କୋଇଡା ଉଦ୍‌ଘାଟନ ଉତ୍ସବରେ ବ୍ଲକର ସମସ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀ ସମେତ କୋଇଡା ବିଡିଓ ସମରେନ୍ଦ୍ର ସାରା, କୋଇଡା ତହସିଲଦାର ଅନୀଲ ବିଶ୍ୱାଳ, କୋଇଡା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି, କୋଇଡା ସିଡିପିଓ ଅନିତା ସାହୁ, ବିଜେପି ମଣ୍ଡଳ ସଭାପତି ରାମଚନ୍ଦ୍ର ପଲେଇ, ସାଂସଦ ପ୍ରତିନିଧି ଚେତନାଦିପ୍ତ ନାୟକ, ଦିପକ ବାର୍ଲା, ମେଲେରି ବାରିକ, ଦିଲୀପ ପାତ୍ର ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଅତିଥି ଯୋଗଦେଇ ପାରମ୍ପରିକ ନୃତ୍ୟ ଗାନ, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମହୋତ୍ସବ ପାଇଁ ସୁନ୍ଦରଗଡ଼ ଜିଲ୍ଲା ସାଂସଦ ତଥା କେନ୍ଦ୍ର ଆଦିବାସୀ କଲ୍ୟାଣ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଶୁଭେଚ୍ଛା ବାର୍ତ୍ତା ପ୍ରେରଣ କରିଛନ୍ତି।

## ୧୩ ପଞ୍ଚାୟତରେ ଖେଳ ମହୋତ୍ସବ

**ବଣାଇଁ, ୫।୧୨(ସମିସ):** ବଣାଇଁଗଡ଼ ବ୍ଲକ ଅଧୀନ ୧୩ ଟି ପଞ୍ଚାୟତରେ ଶୁକ୍ରବାର ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସମସ୍ତ ପଞ୍ଚାୟତରେ ଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ଖେଳରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ବଣାଇଁଗଡ଼ ବିଡିଓ ଦିବ୍ୟଶଙ୍କର ଜୟପୁରିଆଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଣାଇଁ ବିଇଓ ସୁନୀଲ ମୁଣ୍ଡୁ, ସହକାରୀ ନିର୍ବାହୀଯନ୍ତ୍ରୀ ଅଶୋକ ନାୟକ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ବରିଷ୍ଠ କାର୍ଯ୍ୟକର୍ତ୍ତା ମନୋଜ ପ୍ରଧାନ, ହେମନ୍ତ ସାହୁ, ଦିବ୍ୟ ମଞ୍ଜରୀ ଶେଖର ଦେଓ, ଦୁଃଖିଶ୍ୟାମ ନନ୍ଦ, ବଣାଇଁ ମଣ୍ଡଳ ସଭାପତି ମିଥିଲା ପାତ୍ର, ବୈକୁଣ୍ଠ ଗର୍ଡ଼ିଆ, ଶଙ୍କର୍ଷଣ ସେନାପତି, କେନ୍ଦ୍ରିକଳା ସରପଞ୍ଚ ଉଗ୍ରେସନ କିଷାନଙ୍କ ସମେତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସିଆରସିସି, ଖେଳଶିକ୍ଷକ ଓ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ଶନିବାର ବଣାଇଁରେ ବ୍ଲକସ୍ତରୀୟ ଖେଳ ମହୋତ୍ସବ ଅନୁଷ୍ଠିତ ହେବ।

## ମାଲିକ ସପକ୍ଷବାଦୀ ଶ୍ରମକୋଡ୍ ପ୍ରତ୍ୟାହାର ଦାବିରେ ବିକ୍ଷୋଭ



**ରାଉରକେଲା, ୫।୧୨(ସମିସ):** ମୋଦି ସରକାର ଦେଶର ଶ୍ରମିକଶ୍ରେଣୀ ପ୍ରତି ବିଶ୍ୱାସଘାତକତା କରି ଶ୍ରମିକ ଶ୍ରେଣୀ ସ୍ୱାର୍ଥ ରକ୍ଷା ପାଇଁ ଉଦ୍ଦିଷ୍ଟ ୨୯ଟି ଶ୍ରମ ଆଇନକୁ ସମ୍ପୂର୍ଣ୍ଣ ରଦ୍ଦ କରି ପୁଞ୍ଜିପତି, କର୍ପୋରେଟ ମାଲିକଙ୍କ ସ୍ୱାର୍ଥରକ୍ଷା କରିବା ପାଇଁ ୪ଟି ଶ୍ରମ କୋର୍ଡ ବା ଶ୍ରମ ସଂହିତା ନଭେମ୍ବର ୨୧ରେ ଲାଗୁ କରିଛନ୍ତି। ଯାହା ଦେଶର ଶ୍ରମିକ ଶ୍ରେଣୀକୁ ସମ୍ପୂର୍ଣ୍ଣ କ୍ରିତଦାସରେ ପରିଣତ କରିବ।

**ସମାଧାନ ନ ହେବା ଯାଏଁ ଜାରି ରହିବ ଆନ୍ଦୋଳନ**

ଏହି ଶ୍ରମ ସଂହିତା ଶ୍ରମିକ ବିରୋଧୀ ଓ ମାଲିକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ମୋଦୀ ସରକାର ଆଣିଛନ୍ତି ବୋଲି ଅଭିଯୋଗ କରି ଶୁକ୍ରବାର ସିଆଇଟିୟୁ ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସାଧାରଣ ସମ୍ପାଦକ ତଥା ରାଜ୍ୟ ଉପସଭାପତି ବିମାନ ମାଇତିଙ୍କ ସଭାପତିତ୍ୱରେ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ବସନ୍ତ ନାୟକ, ଶ୍ରୀମନ୍ତ ବେହେରା, ବି ପି ମହାପାତ୍ର, ରାଜକିଶୋର ପ୍ରଧାନ, ଅଜୟ ଶର୍ମା, ଯଯାତି କେଶରୀ ସାହୁ, ଅଜିତ ଏକ୍କା, ଏନ୍ ଏନ୍ ପାଣିଗ୍ରାହୀ, ଲକ୍ଷ୍ମୀଧର ନାୟକ, ଦିବାକର ମହାରଣା, ସମ୍ବିତ ସ୍ୱାଇଁ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଅଜିତ ଦାସ୍ ପ୍ରମୁଖ ବକ୍ତବ୍ୟ ରଖି ମୋଦି ସରକାର ଶ୍ରମିକ ଶ୍ରେଣୀ ପ୍ରତି ଆକ୍ରମଣକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ଓଡ଼ିଶା ସରକାର ଶ୍ରମ କୋର୍ଡ ଲାଗୁ କରିବାକୁ ଯାଇ ଶ୍ରମିକ ମାନଙ୍କ କାର୍ଯ୍ୟ ଦିବସ ୮ ଘଣ୍ଟାରୁ ବୃଦ୍ଧି କରି ୧୦ ଘଣ୍ଟା କରିବା ସହିତ ମହିଳାମାନେ ରାତ୍ରିକାଳୀନ କାର୍ଯ୍ୟ କରିବା ପାଇଁ ନୋଟିଫିକେସନ କରିଛନ୍ତି। ଏହାକୁ ପ୍ରତ୍ୟାହାର ନ କଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବକ୍ତାମାନେ କହିଥିଲେ। ଉପେନ୍ଦ୍ର ତ୍ରିପାଠୀ, ରଞ୍ଜନ ବେହେରା, ଅନିଲ୍ ସାହା, କ୍ଷିରୋଦ ବେହେରା, ଭବାନୀ ସାହୁ, ସରୋଜ ବାର୍ଲା, ବୁଧନୀ ମୁଣ୍ଡାରୀ, ଶାନ୍ତି ମିଞ୍ଜ, ବିନତୀ ଟପ୍ପୋ, ସି ଦିବାକର ରାଓ, ଜୟନ୍ତୀ ମୋହିନୀ, ଶତ୍ରୁଘ୍ନ ବେହେରା, ଅନିତା ନାୟକ, କବି ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲା ବେଳେ ଶତାଧିକ ଶ୍ରମିକ ସାମିଲ ହୋଇଥିଲେ।

## ରାଉରକେଲା କଲେଜର କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ



**ରାଉରକେଲା, ୫।୧୨(ସମିସ):** ରାଉରକେଲା କଲେଜରେ ୩୯ତମ ବାର୍ଷିକ କ୍ରୀଡା ଓ ଦୌଡ଼-କୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଅଧ୍ୟକ୍ଷ ଡ.ରବୀନ୍ଦ୍ର କୁମାର ଜେନାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ରାଉରକେଲା ମହାନଗରର ରାସ୍ତା ଓ ଗୃହନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଯଶସ୍ୱିନୀ ମିଶ୍ର। ଯୁବ ବର୍ଗ ଦ୍ୱନ୍ଦ୍ୱ ଠାରୁ ମୁକ୍ତ ହେବା ଜରୁରୀ। +୩ ଉପ-ସଭାପତି କରୁଣାକର ପାଟଶାଣୀ ଏବଂ +୨ ଉପ-ସଭାପତି ଅଜିତ୍ ବେକ ନିଜ ନିଜର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଉଭୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି କ୍ରୀଡ଼ା ମହୋତ୍ସବରେ ପ୍ରାୟ ୩୦୦ ଜଣ ଛାତ୍ର-ଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ବିଶେଷଜ୍ଞ ନିଖିଳ କଳାକାର ପ୍ରଧାନ, ବିଶେଷଜ୍ଞ ସମୀର ସାହୁ, ଈଶ୍ୱର ଚନ୍ଦ୍ର ଟୁଡୁ, ପ୍ରଭାତ ରାଉଳ, ପ୍ରକାଶ ପଣ୍ଡା, ଅଶୋକ ପ୍ରସାଦ, ଅଭିଜିତ ପ୍ରସାଦ, ସାହାବ ଖାଁ ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। +୩ ବିଭାଗର ସହଯୋଗୀ ଅଧିକାରୀ ରଶ୍ମିପ୍ରଭା ମାଥାନ ଓ ରଞ୍ଜିତ ପ୍ରଧାନ ଏବଂ +୨ ବିଭାଗର ସହଯୋଗୀ ଅଧିକାରୀ ଅନୁପ ଏକ୍କା ଓ ତରଣି ନାୟକ ସମସ୍ତ ପ୍ରତିଯୋଗିତାର ଦାୟିତ୍ୱ ଗ୍ରହଣ କରିଥିଲେ। +୩ ପୁରୁଷ ବିଭାଗରେ ଅବିନାଶ ମୁଣ୍ଡାରୀ, ମହିଳା ବିଭାଗରେ ଅଙ୍କିତା କୁଲ୍ଲୁ, ପ୍ରିୟଙ୍କା ଲୁଗୁନ ଏବଂ +୨ ବାଳକ ବିଭାଗରେ ଦୀପକ ଭୂମିଜ ଓ ବାଳିକା ବିଭାଗରେ ଅସ୍ମିତା ଟପ୍ପୋ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ +୩ ବିଭାଗରେ ଅଜୟ କୁମାର ଯାଦବ, ରାଜଶ୍ରୀ ରାଉତିଆ, +୨ ବିଭାଗରେ ଅଞ୍ଜଳି ସାହୁ, ଧୀରଜ ଅଭିଜିତ ମିଞ୍ଜ୍ ସମ୍ମାନିତ ହୋଇଥିଲେ। କଲେଜ ପରିଚାଳନା ମଣ୍ଡଳୀ କହିଛନ୍ତି ଯେ ଏପରି କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ ଛାତ୍ର-ଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ତଥା ପୂର୍ଣ୍ଣ ବ୍ୟକ୍ତିତ୍ୱ ନିର୍ମାଣରେ ଅତ୍ୟନ୍ତ ଦରକାରୀ। କଲେଜର ପ୍ରଶାସନିକ ଅଧିକାରୀ ରଶ୍ମୀ ରଞ୍ଜନ ରାଉତ ମଞ୍ଚ ପରିଚାଳନା କରିଥିଲେ। ପ୍ରାଧାପିକା ଭାରତୀ ବରୱା, ବନ୍ଦନା ସୋରେନ, ମନୋଜ କୁମାର ଦଳେଇ, ଦୀପାଳି ପ୍ରଧାନ, ମୌସୁମୀ ଦାସ, ସୌମ୍ୟରଞ୍ଜନ ପ୍ରଧାନ, ଅରବିନ୍ଦ ପ୍ରଧାନ, ମୀନକେତନ ନାଏକ, ଏଲିଜା ଡୁଙ୍ଗଡୁଙ୍ଗ, ଶ୍ୱେତା ସାହୁ, ଦିବ୍ୟା ଦୀପ୍ତି ଷଡ଼ଙ୍ଗୀ, ଅଙ୍କିତା ପାଇକରାୟ, ରଚନା ମିଶ୍ର, ରଞ୍ଜିତା ପାଣିଗ୍ରାହୀ, ସାଗରିକା ନାୟକ, ଗୀତାଞ୍ଜଳି ପାଣିଗ୍ରାହୀ ପ୍ରମୁଖ ଅଧାପିକା-ଅଧାପକ ତଥା ଅନ୍ୱେଷା ନାୟକ, ଚାନ୍ଦିନୀ ଗିରି, ଦୀପକ କୁମାର ଶାହା, ନରମୀ ମହାକୁଡ଼, କବିତା କିଷାନ, ଇସରାନ୍ତି ମୁଣ୍ଡା, ପୂଜା ତିର୍କି, ଆୟୁଷୀ ସିଂ, ଦିଶା ସିଂ, କାହ୍ନା ମହାରଣା, ଝରଣା ଭଞ୍ଜ, ବିଜୟ କୁମାର ଯାଦବ, ରାଜା ଖେସ, ଜଗନ ମହାନ୍ତି, ବିକି ନାଗ, ରୋହିତ ବେବର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ।

## ଡିଭାଇଡରକୁ ପିଟିଲା ଟ୍ରକ୍

**ରାଉରକେଲା, ୫।୧୨(ସମିସ):** ରିଙ୍ଗରୋଡ୍‌ଠାରେ ଡିଭାଇଡରକୁ ଟ୍ରକ୍ ଧକ୍କା ଦେଇଛି। ଫଳରେ କିଛି ସମୟ ଟ୍ରାଫିକ ସମସ୍ୟା ଅନିୟନ୍ତ୍ରିତ ହୋଇଛି। ଏଭଳି ଘଟଣା ଉଦିତନଗର ଥାନା ଅଧୀନ ସିଂହାସିନୀ ମନ୍ଦିର ସମ୍ମୁଖ ରିଙ୍ଗରୋଡ ଠାରେ ଘଟିଥିଲା। ସୂଚନା ମୁତାବକ, ଉକ୍ତ ରାସ୍ତାଦେଇ ଟ୍ରକ୍ ଯାଉଥିବା ବେଳେ ହଠାତ୍ ଡିଭାଇଡରକୁ ଧକ୍କା ଦେଇ ଚଢ଼ି ଯାଇଥିଲା। ଫଳରେ ରାସ୍ତା ଉପରେ ଟ୍ରକ୍ ରହିଯିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକକୁ କ୍ରେନ୍ ଯୋଗେ ଅନ୍ୟ ସ୍ଥାନକୁ ନେଇଥିଲା। ବେପରୁଆ ଗାଡ଼ି ଚାଳନା ଯୋଗୁଁ ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

## ଆର୍‌ଏସ୍‌ପିର ୨୦୨୫-୨୬ ଆର୍ଥିକ ବର୍ଷର ଶ୍ରେଷ୍ଠ ପ୍ରଦର୍ଶନ

**ରାଉରକେଲା, ୫।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନାର ନୂତନ ୟୁନିଟ୍ ଗୁଡ଼ିକ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୮ ମାସରେ ଅର୍ଥାତ୍ ଅପ୍ରେଲ-ନଭେମ୍ବର ମଧ୍ୟରେ ସେମାନଙ୍କର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛନ୍ତି। ଦେଶର ସର୍ବ ବୃହତ କାର୍ଯ୍ୟକ୍ଷମ ବ୍ଲାଷ୍ଟ ଫର୍ଣ୍ଣେସ ମଧ୍ୟରୁ ଅନ୍ୟତମ ବ୍ଲାଷ୍ଟ ଫର୍ଣ୍ଣେସ୍-୫ (ବିଏଫ୍ -୫) 'ଦୁର୍ଗା' ଏପ୍ରିଲ-ନଭେମ୍ବର ମଧ୍ୟରେ ୨୧, ୩୩, ୪୦୬ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ କରି ଏହାର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିବା ସହିତ ଅନୁରୂପ ପୂର୍ବବର୍ଷ ଅବଧିର ୨୦, ୩୩, ୦୬୮ ଟନ ପୂର୍ବ ଶ୍ରେଷ୍ଠ ଉତ୍ପାଦନ ପରିମାଣକୁ ଅତିକ୍ରମ କରିଛି। ପୁନଃନିର୍ମିତ ବ୍ଲାଷ୍ଟ ଫର୍ଣ୍ଣେସ୍-୧ ମଧ୍ୟ ସମାନ ଅବଧିରେ ଏହାର ସର୍ବକାଳୀନ ଶ୍ରେଷ୍ଠ ୭, ୨୧, ୪୭୩ ଟନ୍ ଉତ୍ତପ୍ତଧାତୁ ଉତ୍ପାଦନ ରେକର୍ଡ ହାସଲ କରିଛି। ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ ଏପ୍ରିଲ-ନଭେମ୍ବର ମଧ୍ୟରେ ୧୭, ୪୫, ୭୧୪ ଟନ୍ ଏଚ୍ଆର କଏଲ ରୋଲିଙ୍ଗ ପୂର୍ବକ ଏହାର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛି ଏବଂ ଅନୁରୂପ ପୂର୍ବବର୍ଷ ଅବଧି ତୁଳନାରେ ୪.୬୨% ଅଭିବୃଦ୍ଧି ହାସଲ କରିଛି। ନୂତନ ପ୍ଲେଟ୍ ମିଲ୍ ମଧ୍ୟ ଅନୁରୂପ ଅବଧିରେ ୬, ୪୫, ୯୦୫ ଟନ୍ ପ୍ଲେଟ୍ ପ୍ରସ୍ତୁତ କରି ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛି। ଏଚ୍ଏସ୍ଏମ୍-୨ ବିଭାଗର ସିଟ୍ ସିୟରିଂ ଲାଇନ ମଧ୍ୟ ସମାନ ଅବଧି ମଧ୍ୟରେ ୨, ୦୬, ୦୭୩ ଟନ୍ ଏଚ୍ଆର ପ୍ଲେଟ୍ ଉତ୍ପାଦନ ସହକାରେ ଏହାର ସର୍ବଶ୍ରେଷ୍ଠ ଉତ୍ପାଦନ ପଞ୍ଜିକୃତ ପୂର୍ବକ ଏହାର ପୂର୍ବ ଶ୍ରେଷ୍ଠ ୧, ୬୧, ୦୮୬ ଟନ୍ ରେକର୍ଡକୁ ଅତିକ୍ରମ କରିଛି। ଗତ ୨୦୨୫ ନଭେମ୍ବର ମାସରେ ଅନେକ ୟୁନିଟ୍ ମଧ୍ୟ ବ୍ୟକ୍ତିଗତ ରେକର୍ଡ ପଞ୍ଜିକୃତ କରିଛନ୍ତି। ନଭେମ୍ବର ୨୮ ତାରିଖରେ ସିଣ୍ଟର ପ୍ଲାଣ୍ଟ ସମୂହ ୨୨୫୪୩ ଟନ୍ ସିଣ୍ଟର ଉତ୍ପାଦନ କରି ଏକ ନୂତନ ଏକ ଦିବସୀୟ ଉତ୍ପାଦନ ରେକର୍ଡ ସ୍ଥାପନ କରିଛନ୍ତି। ଏଚ୍ଏସ୍ଏମ୍-୨ ବିଭାଗ ନଭେମ୍ବର ୮ ତାରିଖରେ ରେକର୍ଡ ୧୦୦୩୪ ଟନ୍ ସ୍ଲାବ୍ ରୋଲିଙ୍ଗ କରି ୯୮୨୨ ଟନ୍ ଏଚ୍ଆର କଏଲ୍ ଉତ୍ପାଦନ ସହ ଏକ ନୂତନ ଏକଦିବସୀୟ ଉତ୍ପାଦନ ରେକର୍ଡ ସ୍ଥାପନ କରିଥିଲା।

## ପ୍ରାକ୍ତନ ପୌରନିର୍ବାହୀ ଅଧିକାରୀଙ୍କ ପରଲୋକ

**ରାଉରକେଲା, ୫।୧୨(ସମିସ):** ପ୍ରାକ୍ତନ ପୌରନିର୍ବାହୀ ଅଧିକାରୀ ଗୋଲକବିହାରୀ ପଣ୍ଡାଙ୍କ ଶୁକ୍ରବାର ଭୋର୍ ସମୟରେ ଛେଣ୍ଡ କଲୋନୀସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୭ ବର୍ଷ ହୋଇଥିଲା। ସେ ରାଉରକେଲା ପ୍ରାକ୍ତନ ଏନଏସି (ଏସଟି)ରେ ହେଡ୍‌କ୍ଲର୍କ ଥିଲେ। ପରେ ସେ ପଦୋନ୍ନତି ପାଇ ବେଲପାହାଡ଼ ଏନଏସିରେ ପୌର ନିର୍ବାହୀ ଅଧିକାରୀ ଭାବେ ଯୋଗ ଦେଇଥିଲେ। ଶେଷରେ ସେ ବୀରମିତ୍ରପୁର ପୌରପାଳିକାରୁ ପୌରନିର୍ବାହୀ ଅଧିକାରୀ ଭାବେ ଅବସର ଗ୍ରହଣ କରିଥିଲେ। ଆଜି ତାଙ୍କର ଦେହାନ୍ତ ଖବର ପାଇ ସହରରେ ଶୋକର ଛାୟା ଖେଳିଯାଇଛି। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଭୁବନେଶ୍ୱରରୁ ତାଙ୍କ ବିୟୋଗରେ ଗଭୀରଶୋକ ପ୍ରକାଶ କରି କହିଛନ୍ତି ଯେ ରାଉରକେଲା ଜଣେ ଭଲଲୋକଙ୍କୁ ହରାଇଲା। ତାଙ୍କ ପରଲୋକ ଖବର ପାଇ ବିଜେଡିର ବରିଷ୍ଠ ନେତା ଗଗନ ବିହାରୀ ପଣ୍ଡା, ବିଜେଡି ନେତ୍ରୀ ଛବି ମହାନ୍ତି, ସନ୍ଧ୍ୟା ଲାକ୍ରା, ଜ୍ୟୋତ୍ସ୍ନାରାଣୀ ନାୟକ, ଯୁବ ସଭାପତି ସୁଶାନ୍ତ ରାଉତ, କାବୁଲି ପ୍ରତିହାରୀ, ଅଙ୍କିତ, ରଞ୍ଜନ ନାୟକ, ଜୟନ୍ତ କୁମାର ମିଶ୍ର, ସଞ୍ଜୀବ ଛୋଟରାୟ, ସୁଧାଂଶୁ ସାମଲଙ୍କ ସମେତ ବହୁ ସଂଖ୍ୟାରେ ଲୋକ ପହଞ୍ଚି ଶେଷ ଦର୍ଶନ କରିଥିଲେ।



## ସୁନ୍ଦରଗଡ଼ ମାଇନ୍ସ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ୍‌ର ସମ୍ମିଳନୀ

**କୋଇଡ଼ା, ୫।୧୨(ସମିସ):** ସିଆଇଟିୟୁ ଅନୁବନ୍ଧିତ ସୁନ୍ଦରଗଡ଼ ମାଇନ୍ସ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ୍‌ର ନବମ କର୍ମୀ ଓ ସାନଇନ୍ଦିପୁର ମାଇନ୍ସ ମଜଦୂର ସଂଘର ଦ୍ୱିତୀୟ ସମ୍ମିଳନୀ କୋଇଡା ସ୍ଥିତ ସିଆଇଟିୟୁ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ବଣାଇଁ ବିଧାୟକ ତଥା ସୁନ୍ଦରଗଡ଼ ମାଇନ୍ସ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ୍ ସଭାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସମ୍ମିଳନୀରେ ଉପସଭାପତି ପ୍ରମୋଦ କୁମାର ସାମଲ, ସାଧାରଣ ସମ୍ପାଦକ ପ୍ରଭାତ ପଣ୍ଡା, ସମ୍ପାଦକ ବାଦଲ ବାରିକ, ଉପସଭାପତି ପ୍ରଭାତ ପାତ୍ର, ଜିଲ୍ଲା ବରିଷ୍ଠ କର୍ମୀ ଜାହାଙ୍ଗିର ଅଲ୍ଲୀ, ଜିଲ୍ଲା କୃଷକ ସଭା ସଭାପତି ସୁରେନ୍ଦ୍ର ଦାଶ, ଅଶୋକ ସାମଲ, ସୁରେଶ ମୁଦୁଲି, କୃଷ୍ଣଚନ୍ଦ୍ର ବାରିକ, ଚନ୍ଦ୍ର ମଣି ନାଏକ ଲକ୍ଷ୍ମଣ ମହାକୁଡ଼, ଅସିତ ଚୌଧୁରୀ, ହରିଶ ରାୟ, ସହଦେବ ନାଏକ, ଜନ ଡୁଙ୍ଗଡୁଙ୍ଗ, ଆଶୁତୋଷ ସିହ୍ନା ପ୍ରମୁଖଙ୍କ ସହ ଶତାଧିକ କର୍ମୀ ସମ୍ମିଳନୀ ରେ ଯୋଗଦେଇଥିଲେ। ସମ୍ମିଳନୀରେ ସର୍ବସମ୍ମତି କ୍ରମେ ୬୧ ଜଣିଆ କମିଟି ଗଠନ କରାଯାଇଥିଲା। ଯେଉଁଥିରେ ୧୨ ଜଣ କାର୍ଯ୍ୟାଳୟ ପାଇଁ ବରିଷ୍ଠ ପଦାଧିକାରୀ ଚୟନ ହୋଇଥିଲେ। ୟୁନିୟନ୍ ଜରିଆରେ ଆଗକୁ ଶ୍ରମିକଙ୍କ ଅଧିକାର, ନ୍ୟାୟ, ପ୍ରାପ୍ୟ, ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା।

**ଇସ୍ପାତ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

# ଉପହାର ପକ୍ଷରୁ 'ଶେଷ ଚିଠି' ମଞ୍ଚସ୍ଥ






**ରାଉରକେଲା, ୫।୧୨(ସମିସ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ପୃଷ୍ଠପୋଷାକତା ଏବଂ ଆରଏସପି ଆନୁକୂଲ୍ୟରେ ଏକତ୍ର ରାଉରକେଲା ଦ୍ୱାରା ଆୟୋଜିତ ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ସ୍ଥାନୀୟ ସିଭିକସେଣ୍ଟର ଠାରେ ନାଟ୍ୟାନୁଷ୍ଠାନ ଉପହାର ତରଫରୁ ନାଟକ 'ଶେଷ ଚିଠି' ନାଟକ ମଞ୍ଚସ୍ଥ ହୋଇଯାଇଛି। ପ୍ରଥମ ସ୍ତ୍ରୀ ମରିଗଲା ପରେ ଦ୍ୱିତୀୟ ବିବାହ କରନ୍ତି ଅଭିନାଶ ବାବୁ। ପ୍ରଥମ ସ୍ତ୍ରୀର ଜନ୍ମିତ ଶିଶୁକୁ ଲାଳନପାଳନ କରି ବଡ଼ ମଣିଷ କରିବା ପାଇଁ ଶାନ୍ତି ଦେବୀ ନିଜ ମାତୃତ୍ୱକୁ ବନ୍ଧା ପକେଇ ଦିଅନ୍ତି। ସାବତ ପୁଅ ନ ଭାବି ପୁଅକୁ ମଣିଷ ପରି ମଣିଷ ଟିଏ ଗଢି ତୋଳିବା ପାଇଁ ସ୍ୱପ୍ନ ଦେଖନ୍ତି। ପୁଅ ସ୍ୱାଧୀନକୁ ପାଠ ପଢେଇବା ପାଇଁ ସାହୁକାରଙ୍କ ପାଖରେ ଘର ଡିହକୁ ବନ୍ଧା ପକେଇ ଟଙ୍କା କରଜ କରନ୍ତି ଏବଂ ପୁଅ ଚାକିରି କଲେ ସୁଝି ଦେବି ବୋଲି କୁହନ୍ତି। କିନ୍ତୁ ତାଙ୍କ ଆଶା, ଆଶାରେ ରହିଯାଏ। ପୁଅ ପାଠପଢ଼ି ହାକିମ ହୁଏ। ଧୀରେଧୀରେ ନିଜର ଗାଆଁ ଭିଟାମାଟିକୁ ଭୁଲି ଯାଇ ସହରରେ ରହିଯାଏ। ଅଭିନାଶ ବାବୁ ଆଉ ଶାନ୍ତି ଦେବୀ ପୁଅର ବାଟକୁ ଅନେଇ ଥାଆନ୍ତି। ପୁଅ ଟଙ୍କା ଦେଲେ ସାହୁକାରଠାରୁ ଆଣିଥିବା କରଜ ଟଙ୍କା ସୁଝି ଘର ଡିହକ ମୁକୁଳେଇବା ପାଇଁ। ଚିଠି ପରେ ଚିଠି ଦେଇ ଚାଲନ୍ତି। କିନ୍ତୁ ଚିଠିର ଉତ୍ତର କିଛି ମିଳେନି। ସାହୁକାର ବାରମ୍ବାର ଆସି ସେମାନଙ୍କୁ କଟୁ କଥା କହି ଚାଲିଯାଏ। ଶାନ୍ତି ଦେବୀ ପୁଅର ବାଟକୁ ଚାତକ ପକ୍ଷୀ ପରି ଅନେଇ ଥାଆନ୍ତି। କେବେ ସ୍ୱାଧୀନର ଚିଠି ଆସିବ। ଶେଷରେ ଅଭିନାଶ ବାବୁ ଲେଖନ୍ତି ତାଙ୍କର 'ଶେଷ ଚିଠି'। ଏଭଳି ଏକ ସାମାଜିକ କାହାଣୀର ବିଷୟବସ୍ତୁକୁ ନେଇ ଗତିଶୀଳ ହୋଇଥିଲା ନାଟକ 'ଶେଷ ଚିଠି'। ନାଟ୍ୟକାର ସୂର୍ଯ୍ୟକାନ୍ତ ସାହୁ ତଥା ନିର୍ଦ୍ଦେଶକ ଅଭିରାମ ପ୍ରଧାନଙ୍କ ନିର୍ଦ୍ଦେଶିତ ନାଟକ 'ଶେଷ ଚିଠି'ରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଦେବେନ୍ଦ୍ର ନାଥ ରଣା। ଆଲୋକ ସଜ୍ଜାରେ ବିଷ୍ଣୁ ସ୍ୱାଇଁ ଦାୟିତ୍ୱ ନିର୍ବାହ କରିଥିବାବେଳେ ବିଭିନ୍ନ ଭୂମିକାରେ ଅଭିରାମ ପ୍ରଧାନ, ପ୍ରଫୁଲ୍ଲ ଜେନା, ଯୁବଜାନି ବେଜ, ସୌମ୍ୟ ପରିଡ଼ା, ଦିବ୍ୟାଂଶୁ ସାହୁ, ଆୟୁଷ ବାରିକ, ରାଜଲକ୍ଷ୍ମୀ ପ୍ରଧାନ, ନିଲେଶ୍ୱରୀ ନାୟକ, ଅର୍ଚ୍ଚନା ମହାପାତ୍ର, ଲକ୍ଷ୍ମୀପ୍ରିୟା ସାହୁ, ପୁଷ୍ପଲତା ବାରିକ, ଫୁଲ ମୁର୍ମୁ, ସସ୍ମିତା ପରିଡ଼ା, ଖୁସିପ୍ରିୟ ସେଠୀ, ପୂର୍ଣ୍ଣମାସୀ ସାହୁ ଏବଂ ନନ୍ଦିନୀ ପ୍ରମୁଖ ନିଖୁଣ ଅଭିନୟ କରିଥିଲେ। ଏଥିରେ ଆରଏସପିର ପ୍ରାକ୍ତନ ମହାପ୍ରବନ୍ଧକ ଙ୍କ ଅଭୟ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲା ବେଳେ ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର କୁମାର ପଟ୍ଟନାୟକ ଉଦଘାଟକ ଭାବେ ଯୋଗ ଦେଇଥିଲେ। ମୁଖ୍ୟଦର୍ଶକ ଭାବେ ୱାଟରକ୍ରାଫ୍ଟ ର ମୁଖ୍ୟ ନିହାରିକା ବସ୍ତିଆ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଏକତ୍ରର ଉପସଭାପତି ଆଲୋକ ବୋଷ ସଭାପତିତ୍ୱ ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ କାଶୀନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଝିଲିମା ମହାନ୍ତି ସଂଯୋଜନା କରିଥିଲେ। ପ୍ରସନ୍ନ କୁମାର ମହାନ୍ତି, ପ୍ରଜ୍ଞାନନ୍ଦ ମହାନ୍ତି, କଲ୍ୟାଣୀ ଦାଶ, ସନ୍ଧ୍ୟା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

ଲେଲିହାନ ଶିଖା
ସେବା, ତ୍ୟାଗ, ମୂଲ୍ୟବୋଧ ରାଜନୀତିର ମୂର୍ତ୍ତିମନ୍ତ ପ୍ରତୀକ
ସ୍ୱର୍ଗତ ରବି ଲାବଣ୍ୟ
'ସକାଳ' ଖବର କାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ପ୍ରଚଣ୍ଡ ସ୍ୱାଭିମାନୀ, ନିର୍ଭିକ, ସ୍ପଷ୍ଟବାଦୀ, ଓଡିଆ ପ୍ରାଣ, ସମାଜବାଦୀ, ମହାନ ବିପ୍ଳବୀ ଜନନେତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଅମ୍ଳାନ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ।
ନିବେଦକ
'ବନ୍ଦେ ଉତ୍କଳ ଜନନୀ'



ସକାଳ
THE SAKALA

Wishing 'The Sakala'
a very happy
5th Anniversary.
Your commitment to
delivering timely &
relevant News is a vital service
and we look
forward to your continued
Success & Growth"..

A well-wisher
Kalahandi



ସକାଳ
THE SAKALA

# ସମ୍ପାଦକୀୟ



ଯଦି କୃଷି ବିପର୍ଯ୍ୟସ୍ତ ହୁଏ, ତେବେ ଦେଶର ଅନ୍ୟ ସବୁ ବ୍ୟବସ୍ଥା ବିଗିଡ଼ି ଯିବ।
-ଏମ୍ ଏସ୍ ସ୍ୱାମୀନାଥନ୍

## ପୁଣି ପ୍ରତିଶ୍ରୁତି ହୁଡ଼ିଲେ

ଗତ ନିର୍ବାଚନ ବେଳେ ରାଜ୍ୟର ଚାଷୀମାନଙ୍କର ସମର୍ଥନ ହାସଲ ପାଇଁ ବିଜେପି ଧାନ କ୍ରୟ ଉପରେ ଏମ୍ଏସ୍‌ପି ବାଦ କ୍ୱିଣ୍ଟାଲ୍ ପିଛା ୮୦୦ ଟଙ୍କା ବୋନସ (ଇନ୍‌ପୁଟ୍ ସବ୍‌ସିଡି) ଦେବା ସକାଶେ ପ୍ରତିଶ୍ରୁତି ଦେଇଥିଲା। ବଡ଼ କଥା ହେଲା, କ୍ଷମତାକୁ ଆସିବା ପରେ ଦଳ ତା'ର ପ୍ରତିଶ୍ରୁତି ରକ୍ଷା କରିଛି। ଚଳିତ ଖରିଫ୍ ଋତୁ ପାଇଁ କେନ୍ଦ୍ର ସରକାର ଧାନର ଏମ୍ଏସ୍‌ପି କ୍ୱିଣ୍ଟାଲ୍ ପିଛା ୬୯ ଟଙ୍କା ବୃଦ୍ଧି କରିଥିବାରୁ ସେହି ଅନୁପାତରେ ଓଡ଼ିଶା ଚାଷୀ କ୍ୱିଣ୍ଟାଲ୍ ପିଛା ୩୧୬୯ ଟଙ୍କା ପାଇବା କଥା। କିନ୍ତୁ ୩୧୦୦ ଟଙ୍କା ହିଁ ଚାଷୀ ପାଇବେ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି। ସହାୟକ ମୂଲ୍ୟ ଯେତେ ବଢ଼ିଲେ ମଧ୍ୟ ଧାନ କ୍ୱିଣ୍ଟାଲ ସେହି ୩୧୦୦ ଟଙ୍କାରେ ସୀମିତ ରଖିବା ନୀତି ଯେ ପ୍ରତିଶ୍ରୁତିର ଖିଲାପ ଏକଥା ସ୍ୱୀକାର କରିବାକୁ ପଡ଼ିବ। ଏହାର ସାଧାସିଧା ଅର୍ଥ ହେଲା ସରକାର ୮ ଶହ ଟଙ୍କା ବଦଳରେ ଚାଷୀଙ୍କୁ ଏଥର କ୍ୱିଣ୍ଟାଲ ପିଛା ୭୩୧ ଟଙ୍କା ବୋନସ ଦେଉଛନ୍ତି। ଆଗକୁ ଯଦି କେନ୍ଦ୍ର ସରକାର ବଜାର ଦର ଓ ଚାଷର ବ୍ୟୟଭାରକୁ ବିଚାର କରି ଧାନର ଏମଏସପି ବଢ଼ାନ୍ତି ତେବେ ରାଜ୍ୟ ସରକାର କ'ଣ ତାଙ୍କ ପ୍ରତିଶ୍ରୁତି ବୋନସ ରାଶିରୁ ତାହାକୁ କାଟି ସଂଗ୍ରହ ଦର ଧାର୍ଯ୍ୟ କରିବେ? ସରକାରଙ୍କ ଏପ୍ରକାର ପ୍ରତାରଣା ସଂପର୍କରେ ଧାନ ଚାଷୀ ବିଚାର କରିବାର ସମୟ ଏବେ ଉପସ୍ଥିତ।

ଆମ ରାଜ୍ୟରେ ପ୍ରତ୍ୟକ୍ଷ ଭାବେ ଚାଷ ଓ ଅମଳ ସହ ସଂପୃକ୍ତ ବଡ଼ ଚାଷୀଙ୍କ ସଂଖ୍ୟା ଅପେକ୍ଷାକୃତ କମ୍। ଅସଲରେ ଭାଗଚାଷୀ ଓ କ୍ଷୁଦ୍ରଚାଷୀଙ୍କ ହାତରେ ରହିଛି ଧାନ ଚାଷ। ଏବେ ସରକାର ଯେଉଁ ୨ ଲକ୍ଷ ୧୭ ହଜାର ଅଧିକ ଚାଷୀ ଚଳିତ ଖରିଫ ଋତୁ ଧାନ ଚାଷ କରିଥିବା ଦର୍ଶାଇଛନ୍ତି ତାହା ପ୍ରକୃତରେ ସେହି ବଡ଼ ଚାଷୀଙ୍କ ଜମି ଚଷିଥିବା ଭାଗ ଚାଷୀ। ତେଣୁ ଧାନ ବିକିବା ପାଇଁ ପଞ୍ଜୀକରଣ କରିଥିବା ଚାଷୀଙ୍କ ସଂଖ୍ୟା ବଢ଼ିବା ସ୍ୱାଭାବିକ। ସରକାର ଭାବି ପାରନ୍ତି କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ବୋନସ ପାଇଁ ଚାଷୀ ଉତ୍ସାହୀ ହୋଇପଡ଼ିଛନ୍ତି। ଏତଦ୍‌ବ୍ୟତୀତ ପଞ୍ଜିକରଣ ଜନିତ ସମସ୍ୟା ପାଇଁ ବହୁ ଚାଷୀ ଏହି ଧାନ ସଂଗ୍ରହ ପ୍ରକିୟାରୁ ବଞ୍ଚିତ ହେଉଛନ୍ତି। ଚଳିତ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାରେ ବିଳମ୍ବ ପରିଲକ୍ଷିତ ହୋଇଛି। ପଶ୍ଚିମ ଓଡ଼ିଶାରେ କେବଳ କାଁ ଭାଁ ମଣ୍ଡି ଖୋଲିଛି। ଏହି ବିଳମ୍ବ ପାଇଁ ରାଜ୍ୟରେ ଧାନର ଅଭାବୀ ବିକ୍ରି ହେଉଛି। କାରଣ ଏବେ ମଧ୍ୟ ଛୋଟ ଚାଷୀ ମହାଜନୀ ଋଣ ବା କରଜ ଉପରେ ନିର୍ଭର କରନ୍ତି। ତେଣୁ ଧାନ ଅମଳ ହେବା ପରେ ପରେ ତାହା ଉପରେ କରଜ ପରିଶୋଧ ପାଇଁ ଜୁଲମ ଆରମ୍ଭ ହୋଇଯାଏ। ସରକାର ଏ ପର୍ଯ୍ୟନ୍ତ ମିଲରଙ୍କ ଷ୍ଟକ୍ ଯାଞ୍ଚ କରିନାହାନ୍ତି। ଏଫ୍‌କ୍ୟୁ ଧାନର ମାନ ଯାଞ୍ଚ ସକାଶେ ଶସ୍ୟ ପରୀକ୍ଷଣ ମେସିନ୍ ମଧ୍ୟ ମଣ୍ଡିରେ ପହଞ୍ଚିନାହିଁ। ପ୍ରତିବାଦ ଓ ପ୍ରତିରୋଧ ସତ୍ତ୍ୱେ ଆରମ୍ଭରୁ ମିଲରଙ୍କ କଥାରେ କଟ୍‌ନୀ ଛଟନୀ ଚାଲିଛି। ଅସଲରେ ମିଲରମାନେ ହିଁ ଚାଷୀଙ୍କଠାରୁ ଧାନ ସଂଗ୍ରହ କରୁଛନ୍ତି। ସରକାର ସେମାନଙ୍କ ଉପରେ ନିର୍ଭରଶୀଳ ହୋଇଥିବାରୁ ସଂଗ୍ରହକୁ ନେଇ ବିଭ୍ରାଟ ଓ ବିଭ୍ରାନ୍ତ ସୃଷ୍ଟି ହେଉଛି। ଏହାପଛରେ ସରକାର ଓ ମିଲରଙ୍କ ମଧୁଚନ୍ଦ୍ରିକା ଥିବା ଅଭିଯୋଗକୁ ମଧ୍ୟ ଅସ୍ୱୀକାର କରିହେବ ନାହିଁ।

## ଦୁର୍ବଳ ମୁଦ୍ରା

ବାଣିଜ୍ୟ ନିଅଣ୍ଟ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଦେଶର ଆଭ୍ୟନ୍ତରୀଣ ଚାହିଦା ପୂରଣ ସକାଶେ ବୈଦେଶିକ ବିନିମୟ ମୁଦ୍ରାଭଣ୍ଡାର ଉପରେ ଚାପ ବଢ଼ିଛି। ସେହି ସମୟରେ ଆମେରିକାର ଟାରିଫ ବଢ଼ିଛି ଏବଂ ଦେଶକୁ ଆସୁଥିବା ବୈଦେଶିକ ମୁଦ୍ରାର ପ୍ରବାହ ମଧ୍ୟ ହ୍ରାସ ପାଇଛି। ତେଣୁ ଭାରତୀୟ ମୁଦ୍ରା ବା ଟଙ୍କା ଡଲାର ତୁଳନାରେ ଦୁର୍ବଳ ହେବାରେ ଲାଗିଛି। ରିଜର୍ଭ ବ୍ୟାଙ୍କ ଡଲାର କିଣି ସ୍ଥିତି ସମ୍ଭାଳିବାରେ ୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ଦିନକୁ ଦିନ ସ୍ଥିତି ବିଗିଡ଼ିବାରେ ଲାଗିଛି। ଗତ ବୁଧବାର ଡଲାର ତୁଳନାରେ ଟଙ୍କାର ଦୁର୍ବଳ ସ୍ଥିତି ପଦାରେ ପଡ଼ିଯାଇଛି। ୧ ଡଲାରର ମୂଲ୍ୟ ୯୦.୧୫ ଟଙ୍କା ହୋଇଥିବା ବେଳେ ପରଦିନ ତାହା ୯୦.୪୩କୁ ବୃଦ୍ଧି ପାଇଛି। ଏହି ସ୍ଥିତି ପ୍ରଥମ ଥର ଉପୁଜିଛି କହିଲେ ଭୁଲ ହେବ। ବରଂ ଟଙ୍କାର ଦୁର୍ବଳ ସ୍ଥିତି କ୍ରମାଗତ ରେକର୍ଡ କରିଚାଲିଛି। ଅନ୍ୟ ଏକ ଦିଗ ହେଲା, ଭାରତୀୟ ପୁଞ୍ଜି ବଜାରରୁ ବିଦେଶୀ ନିବେଶକମାନେ କ୍ରମାଗତ ଅଂଶଧନ ପ୍ରତ୍ୟାହାର କରିନେଉଥିବାରୁ ଟଙ୍କା ଚାପରେ ରହିଛି। ଭାରତୀୟ ବଜାରରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶର ଆକର୍ଷଣ ମଧ୍ୟ ହ୍ରାସ ପାଇଛି। ଏହା ଆମର କୂଟନୈତିକ ଓ ବାଣିଜ୍ୟ ନୀତିର ଦୁର୍ବଳ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଭାରତୀୟ ମୁଦ୍ରାର ଏହି ଦୁର୍ବଳ ସ୍ଥିତି ପ୍ରଭାବଶୂନ୍ୟ ବୋଲି ଯେତେ ଯୁକ୍ତି ବାଢ଼ିଲେ ମଧ୍ୟ ପେଟ୍ରୋଲ, ଡିଜେଲ, ଖାଇବା ତେଲ ଓ ସ୍ମାର୍ଟ ଫୋନ ମୂଲ୍ୟ ତ ନିଶ୍ଚୟ ଆଗାମୀ ଦିନରେ ବଢ଼ିବ। ବର୍ଦ୍ଧିତ ଓ ପରିବହନ ଖର୍ଚ୍ଚର ପ୍ରଭାବ ଅନ୍ୟାନ୍ୟ ସାମଗ୍ରୀ ଉପରେ ଅନୁଭୂତ ହେବ। ସେହିଭଳି ବିଦେଶ ଯାତ୍ରା ଓ ବିଦେଶରେ, ବିଶେଷକରି ଆମେରିକାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ବ୍ୟୟଭାର ଅଭିଭାବକଙ୍କୁ ନିଶ୍ଚୟ ବାଧିବ। ଏସବୁ ହେଲା ପ୍ରତ୍ୟକ୍ଷ ପ୍ରଭାବ। ପରୋକ୍ଷରେ ଆମର ମୁଦ୍ରାସ୍ଫୀତି ଓ ଜିଡିପି ସ୍ଥିତିରେ ଯେଉଁ ଅସ୍ଥିରତା ସୃଷ୍ଟି ହେବ ତାହାକୁ ସୁଧାରିବା ଏତେ ସହଜ ହେବ ନାହିଁ। ମୁଖ୍ୟ ଅର୍ଥ ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନ୍ କହିଛନ୍ତି ଯେ ଦେଶର ଆମଦାନୀ ଓ ମୁଦ୍ରାସ୍ଫୀତିକୁ ଏହା ପ୍ରଭାବିତ କରିବ ନାହିଁ। ୨୦୨୬ରେ ଟଙ୍କାର ଏହି ଦୁର୍ବଳ ସ୍ଥିତି ସୁଧୁରିଯିବ। ଭବିଷ୍ୟତ ଅନିଶ୍ଚିତ। ବର୍ତ୍ତମାନର ସମସ୍ୟାକୁ ପ୍ରତିହତ କରିବାରେ ଆମ ବ୍ୟବସ୍ଥାର ଅସାମର୍ଥ୍ୟ ପଦାରେ ପଡ଼ିଯାଉଛି। ଏହାର ତୁରନ୍ତ ପ୍ରଭାବରେ ସେନ୍‌ସେକ୍ସ ଓ ନିଫ୍ଟି ସୂଚକାଙ୍କ ହ୍ରାସ ପାଇଥିବା ପରିଲକ୍ଷିତ ହୋଇଛି।

ଆତ୍ମନିର୍ଭର ଭାରତ ଗଠନ ସପକ୍ଷରେ ଆମେ ଯେତେ ଆହ୍ୱାନ ଦେଲେ ମଧ୍ୟ ଆମର ଆମଦାନୀ ବଢ଼ୁଛି। ରପ୍ତାନି କ୍ଷେତ୍ରରେ ବିଶ୍ୱବଜାରରେ ଆମେ ଅନ୍ୟ ପ୍ରତିଯୋଗୀଙ୍କ ସମକକ୍ଷ ହୋଇପାରିନେ। ତେଣୁ ବାଣିଜ୍ୟ ନିଅଣ୍ଟ ବଢ଼ି ଚାଲିଥିବାରୁ ଡଲାର ଉପରେ ନିର୍ଭରଶୀଳତା ହ୍ରାସ ପାଇବା ସମ୍ଭାବନା ଊଣା। ଏହି ଦୃଶ୍ୟପଟରେ ଅର୍ଥ ପରାମର୍ଶଦାତା ଯେଉଁ ସମ୍ଭାବନାର ଅଙ୍କ କଷି ଚାଲିଛନ୍ତି ତାହା କେତେଦୂର ସଫଳ ହେବ ସେ ନେଇ ସନ୍ଦେହ ଉଙ୍କି ମାରିବା ସ୍ୱାଭାବିକ।

ବଜାର ଅର୍ଥନୀତି ସମଗ୍ର ବିଶ୍ୱରେ ମୁକ୍ତ ବାଣିଜ୍ୟ କାରବାର ପାଇଁ ସୁଯୋଗ ସୃଷ୍ଟି କରିଛି। ତେବେ ବାଣିଜ୍ୟିକ କାରବାର ପ୍ରମୁଖ ମାଧ୍ୟମ ହେଉଛି ଡଲାର। ଡଲାର ତୁଳନାରେ ଭାରତୀୟ ମୁଦ୍ରାର ଏହି ଦୁର୍ବଳସ୍ଥିତିରୁ ଆମେ ଅନୁମାନ କରିପାରିବା ଭାରତୀୟ ଅର୍ଥନୀତିର ଗତି ଓ ଦୁର୍ଗତି। ସମଗ୍ର ବିଶ୍ୱରେ ଭାରତ ଚତୁର୍ଥ ବୃହତ୍ ଅର୍ଥନୀତି। ସେଥିରେ ପୁଣି ୧୪୦ କୋଟି ଲୋକଙ୍କ ବିଶାଳ ବଜାର ଆମ ହାତରେ ଅଛି। ପରିଲକ୍ଷିତ ମୁଦ୍ରାଗତ ବିଲକ୍ଷଣକୁ ରୋକିବାରେ ଆମ ଦୁର୍ବଳତାକୁ ଅଗ୍ରାଧିକାର ଭିତ୍ତିରେ ସୁଧାରିବା ଜରୁରୀ।

# ଜଳ-ସଂକଳ୍ପ: କାହାରେ ଦାୟ?

**ସୌଭାଗ୍ୟ ସୁନ୍ଦରରାୟ**

ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ବିଶ୍ୱବ୍ୟାପୀ ନଦୀ ଓ ଜଳ ଉତ୍ସ ପ୍ରଦୂଷିତ ହେବାରେ ଲାଗିଛି। ଓଡ଼ିଶାର ପ୍ରାୟ ନଦୀର ମଧ୍ୟ ସମଦଶା। ରାଜ୍ୟ ବିଧାନସଭାର ଚଳିତ ଅଧିବେଶନରେ ଏକ ପ୍ରଶ୍ନର ଉତ୍ତର ରଖି ରାଜ୍ୟର ୧୬ ଟି ସ୍ଥାନରେ ନଦୀଜଳ ବ୍ୟବହାର ମାନଯୁକ୍ତ ନୁହେଁ ବୋଲି ସରକାର କହିଛନ୍ତି। ଏହି ସ୍ଥାନଗୁଡ଼ିକ ମଧ୍ୟରେ କଟକ, ଭିଙ୍ଗାରପୁର, ଗୋପ, ଭୁବନେଶ୍ୱର, ରାଉରକେଲା ରହିଛି। ଅର୍ଥାତ ଭିଙ୍ଗାରପୁର ଓ ଗୋପ ନିକଟରେ କୁଶଭଦ୍ରା ଜଳ ପ୍ରଦୂଷିତ। ଭୁବନେଶ୍ୱର ନିକଟରେ ଦୟା ଜଳ ପ୍ରଦୂଷିତ। କଟକ ନିକଟରେ କାଠଯୋଡ଼ି ଜଳ ପ୍ରଦୂଷିତ ଏବଂ ରାଉରକେଲା ନିକଟରେ ବ୍ରହ୍ମଣୀ ଜଳ ବ୍ୟବହାର ଅନୁପଯୁକ୍ତ।

ଏପରି ସ୍ଥଳେ ରାଜ୍ୟ ସରକାର 'ଜଳ ପ୍ରଦୂଷଣ ଓ ନିବାରଣ ଆଇନ-୨୦୨୪' ଉପରେ ଏକ ସଂକଳ୍ପ ଆଗତ କରିଛନ୍ତି। ଏହି ସଂକଳ୍ପରେ ପ୍ରଦୂଷଣକାରୀ ସଂସ୍ଥା ବିରୋଧରେ ଫୌଜଦାରୀ ମାମଲା ଆଉ ଦାୟର କରାଯିବ ନାହିଁ। କେବଳ ଜୋରିମାନା ଆଦାୟ କରାଯିବ। ମଣିଷ, ପ୍ରକୃତି, ପରିବେଶ ଓ ଜୀବଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି କରୁଥିବା ଲାଭଖୋର ଶିଳ୍ପାନୁଷ୍ଠାନ ଏହି ଆଇନ ଦ୍ୱାରା ଅଧିକ ଉପକୃତ ହେବା ପରି ଜଣାପଡୁଛି। ଏକଥା ମଧ୍ୟ ବିଭାଗୀୟ ମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହେଉଛି। କାରଣ ଦୀର୍ଘଦିନ ଧରି ଅଦାଲତରେ ପରିବେଶ ସଂପର୍କିତ ମାମଲା ପଡ଼ି ରହିଥିବାରୁ ଶିଳ୍ପାୟନ ବାଧାପ୍ରାପ୍ତ ହେଉଛି। ଏହାଦ୍ୱାରା ଶିଳ୍ପ ସଂସ୍ଥାଗୁଡ଼ିକର ମଧ୍ୟ କ୍ଷତି ହେଉଛି। ଏହି କାରଣରୁ ସରକାର ଏପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତ ବୋଲି ମନ୍ତ୍ରୀ କହିଛନ୍ତି।

ତେବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଯେଉଁ ୧୬ଟି ସ୍ଥାନର ଜଳ ନିମ୍ନମାନର ବୋଲି ଉଲ୍ଲେଖ କରିଛନ୍ତି ତା'ଠାରୁ ଢେର ଅଧିକ ସ୍ଥାନର ଜଳ ନିମ୍ନମାନର, ଯାହା ସ୍ଥାନୀୟ ଅଞ୍ଚଳବାସୀ ଅନୁଭବ କରୁଛନ୍ତି। ବ୍ରାହ୍ମଣୀର ପ୍ରଦୂଷଣ କେବଳ ରାଉରକେଲା ନିକଟରେ ବୋଲି ଉଲ୍ଲେଖ କରାଯାଇଛି। ବାସ୍ତବରେ ବ୍ରାହ୍ମଣୀର ପ୍ରଦୂଷଣ ରାଉରକେଲା ନିକଟରୁ ଆରମ୍ଭ ହୋଇଛି। ଏଠାରେ ରାଉରକେଲା ଇସ୍ପାତ କାରଖାନା ରହିଛି। ବ୍ରାହ୍ମଣୀର ଉତ୍ପତ୍ତି ସ୍ଥଳ ରାଉରକେଲାର ବେଦବ୍ୟାସ। ଏହି ନଦୀ ଅନୁଗୁଳ ଜିଲ୍ଲାର ତାଳଚେର ନିକଟରେ ସର୍ବାଧିକ ପ୍ରଦୂଷିତ। ତାଳଚେର ଅଞ୍ଚଳର କୋଇଲା ଖଣି, ତାପଜ ବିଦ୍ୟୁତ କେନ୍ଦ୍ର, ବନ୍ଦ ହୋଇ ରହିଥିବା ସାର କାରଖାନା, ଇସ୍ପାତ କାରଖାନା, ଆଲୁମିନିୟମ ସ୍ମେଲଟର ଏବଂ ଅନ୍ୟାନ୍ୟ ଛୋଟ କଳକାରଖାନା ବ୍ରାହ୍ମଣୀ ଜଳକୁ ଅଧିକ ପ୍ରଦୂଷିତ କରୁଛି। ସୁକିନ୍ଦା ଅଞ୍ଚଳରେ କ୍ରୋମାଇଟ ଖଣି ରହିଛି। ଏଥିଯୋଗୁଁ ବ୍ରାହ୍ମଣୀରେ ଅଧିକ ପରିମାଣର କ୍ରୋମିୟମ, ସୀସା, କାଡମିୟମ, ପାରଦ ଓ ଲୁହାପଥର ପରି ଭାରି ଦ୍ରବ୍ୟ ରହୁଛି। ଏଣୁ ଅନୁଗୁଳ-ତାଳଚେର ଅଞ୍ଚଳରେ ବ୍ରାହ୍ମଣୀ ସର୍ବାଧିକ ପ୍ରଦୂଷିତ ବୋଲି କୁହାଯାଇପାରେ।

ଉତ୍ତରରେ ମହାନଦୀ ପ୍ରଦୂଷଣ ବିଷୟ କିଛି ଉଲ୍ଲେଖ କରାଯାଇ ନାହିଁ। ମହାନଦୀର ଦୁଇଟି ଉପନଦୀ ହେଲା ଭେଡେନ ଓ ଇବ୍। ସଂପ୍ରତି ଏହି ଦୁଇଟି ନଦୀର ଜଳର ପ୍ରଦୂଷିତ ବୋଲି କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଅନୁଧ୍ୟାନରୁ ଜଣାପଡ଼ିଛି। ସଂସ୍ଥା ପକ୍ଷରୁ ଝାରସୁଗୁଡ଼ାର କୋଲାବିରା ଓ ସମ୍ବଲପୁରର ରେଙ୍ଗାଲି ବ୍ଲକରେ ହୋଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଏଠାକାର ଝରଣା, ପୋଖରୀ, ନାଳ ଆଦି ଭୂ-ପୃଷ୍ଠ ଜଳ ଉତ୍ସରେ ନାଇଟ୍ରେଟ ଓ ଫ୍ଲୋରାଇଡ୍ ମାତ୍ରା ଅଧିକ ରହୁଛି। ସମ୍ବଲପୁରର ହୀରାକୁଦଠାରେ ଶିଳ୍ପାନୁଷ୍ଠାନ ରହିଛି। ସେହିପରି ଝାରସୁଗୁଡ଼ାରେ କୋଇଲା ଖଣି ସମେତ ତାପଜ ବିଦ୍ୟୁତ କେନ୍ଦ୍ର, ଆଲୁମିନିୟମ ବିଶୋଧନ କେନ୍ଦ୍ର ରହିଛି। ଏହି ସଂସ୍ଥାର ବର୍ଜ୍ୟ ଯୋଗୁଁ ସଂପୃକ୍ତ ଅଞ୍ଚଳର ଜଳାଶୟ ଓ ଭୂ-ତଳ ଜଳ ପ୍ରଦୂଷିତ ହେଉଛି। ମହାନଦୀ ସମ୍ବଲପୁର ଅତିକ୍ରମ କରିବା ପରେ ପାରାଦ୍ୱୀପ ନିକଟରେ ଏକାଧିକ କଳକାରଖାନାର ବର୍ଜ୍ୟ ଆହରଣ କରୁଛି। ପାରାଦ୍ୱୀପ ବନ୍ଦରରେ ବାର୍ଷିକ ପ୍ରାୟ ୧୦୦ ନିୟୁତ ଟନ୍ ପଣ୍ୟ କାରବାର ହୋଇଥାଏ। କୋଇଲା, ଚୂନପଥର, ଲୁହାପଥର, କୋକ୍, କ୍ରୋମ୍, ଫେରୋ କ୍ରୋମ, ତୈଳ ଆଦି ଏଠାରେ ଥିବା ବିଭିନ୍ନ ବର୍ଥରୁ ଆମଦାନୀ ଓ ରପ୍ତାନୀ ହୋଇଥାଏ। ଦୁଇଟି ଫସ୍‌ଫେଟଭିତ୍ତିକ ସାର କାରଖାନା ଏଠାରେ ରହିଛି, ଯାହାର ଉପଜାତ ଦ୍ରବ୍ୟ ଭାବେ ଜିପସମ୍ ବାହାରିଥାଏ। ଜିପସମର ଗୁଣ ହେଉଛି ଅମ୍ଳ। ଏଠାରେ ତୈଳ ବିଶୋଧନ କେନ୍ଦ୍ର ଓ ଇସ୍ପାତ କାରଖାନା ମଧ୍ୟ ରହିଛି। ବର୍ଷା ଦିନେ ବିଭିନ୍ନ ଖଣିଜ ଦ୍ରବ୍ୟର ଗୁଣ୍ଡ ଧୋଇହୋଇ ମହାନଦୀ ଓ ଅଠରବାଙ୍କୀ କ୍ରିକରେ ମିଶୁଛି। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ରିପୋର୍ଟ ଅନୁଯାୟୀ ପାରାଦ୍ୱୀପ ସାର କାରଖାନା ଆଖପାଖ ଅଞ୍ଚଳର ଭୂ-ତଳ ଜଳରେ ଅଧିକ ମାତ୍ରାରେ ଫ୍ଲୋରାଇଡ ରହୁଛି। ଫ୍ଲୋରାଇଡ ଓ ଆମୋନିଆ ଗ୍ୟାସ ପ୍ରଭାବରେ ଖରାଦିନେ ଲଟାବୁଦା, ପତ୍ର ଆଦି ଶୁଖି ଯାଉଥିବା ଦେଖାଯାଉଛି। ପାରାଦ୍ୱୀପ ସହରାଞ୍ଚଳର ବର୍ଜ୍ୟ ଜଳ ଅଠରବାଙ୍କୀ ଓ ସାନ୍ତ୍ରା କ୍ରିକ୍‌ରେ ମିଶୁଛି।

ରାୟଗଡ଼ାରେ ଏକ ଘରୋଇ ଶିଳ୍ପସଂସ୍ଥା ବିରୋଧରେ ଜାତୀୟ ସବୁଜ ଟ୍ରିବ୍ୟୁନାଲରେ ମାମଲା ଦାୟର କରାଯାଇଥିଲା। ପ୍ରଦୂଷିତ ଜଳ ବ୍ୟବହାର କରି ୨୦୨୨ ମସିହାରେ ଏ ଅଞ୍ଚଳରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ୭ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୭୨ ଜଣଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସହରାଞ୍ଚଳର ଅଣବିଶୋଧିତ ଜଳ ଦ୍ୱାରା ବିଶେଷ ଭାବେ ବୁଢ଼ାବଳଙ୍ଗ ନଦୀ ପ୍ରଦୂଷିତ ହେଉଥିବା ଜଣାପଡ଼ିଛି।

ଏପରି ସ୍ଥଳେ ପ୍ରଦୂଷଣକାରୀ ସଂସ୍ଥା ବିରୋଧରେ ସରକାର କଠୋର ମନୋଭାବ ପ୍ରଦର୍ଶନ କରିବା ପରିବର୍ତ୍ତେ ନମନୀୟ ମନୋଭାବ ପ୍ରଦର୍ଶନ କରିବା ଏକ ଯୁକ୍ତିସଙ୍ଗତ ବିଷୟ ନୁହେଁ। ଅଦାଲତରେ ମାମଲା ବିଳମ୍ବ ହେଉଥିବା କାରଣରୁ ମଣିଷ, ଜୀବଜନ୍ତୁ ଓ ପରିବେଶକୁ କ'ଣ ମୃତ୍ୟୁମୁହଁକୁ ଠେଲି ଦିଆଯିବ? ବିଭିନ୍ନ ସମୟରେ ନାଲକୋ ଆସ୍ ପାଇପ ଓ ପୋଖରୀ ଫାଟି ବିସ୍ତୀର୍ଣ୍ଣ ଅଞ୍ଚଳର ଚାଷଜମିରେ ପାଉଁଶ ପାଣି ମାଡ଼ିଯାଉଛି। ଭୂତଳ ଜଳ ପ୍ରଦୂଷଣ ଯୋଗୁଁ ଜନସାଧାରଣ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। 'ଦି ଲାନସେଟ'ର ୨୦୧୯ ମସିହାରେ ପ୍ରକାଶିତ ଏକ ସର୍ବେକ୍ଷଣ ଆଧାରିତ ରିପୋର୍ଟ ଅନୁଯାୟୀ, ବିଶ୍ୱରେ ବାର୍ଷିକ ପ୍ରାୟ ୧.୪ ନିୟୁତ ଜଳ ପ୍ରଦୂଷଣ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି। ସେଥିମଧ୍ୟରୁ ଝାଡ଼ାବାନ୍ତିରେ ପ୍ରାୟ ୮ ଲକ୍ଷ ଏବଂ ପ୍ରଦୂଷିତ ପାନୀୟ ଜଳ ଯୋଗୁଁ ୩ ଲକ୍ଷ ପ୍ରାଣ ହରାଉଛନ୍ତି।

ଏହାଛଡ଼ା ରାଜ୍ୟର ବିଭିନ୍ନ ସ୍ଥାନରେ ବହୁସଂଖ୍ୟାରେ କ୍ରସର ୟୁନିଟ ଓ ସିମେଣ୍ଟ କାରଖାନା ମଧ୍ୟ ରହିଛି। ଏଥିରୁ ନିର୍ଗତ ବର୍ଜ୍ୟ କଣିକା ଚାଷ ଜମି ଓ ଜଳାଶୟରେ ପଡ଼ି ଜଳ ଉତ୍ସ ପ୍ରତି ବିପଦ ସୃଷ୍ଟି କରୁଛି। ଏହି ଜଳ ବ୍ୟବହାର କରି ଗୃହପାଳିତ ପଶୁ ରୋଗାକ୍ରାନ୍ତ ହେଉଛନ୍ତି। ବିଭିନ୍ନ ସ୍ଥାନରେ ମେଡିକାଲ୍ ବର୍ଜ୍ୟ ମଧ୍ୟ ଜଳାଶୟକୁ ଛାଡ଼ି ଦିଆଯାଉଛି। ଏଣୁ ଜୀବଜଗତ ପ୍ରତି କ୍ଷତି ପହଞ୍ଚାଉଥିବା ସଂସ୍ଥାଗୁଡ଼ିକ ପ୍ରତି କୋହଳ ମନୋଭାବ ପୋଷଣ କରିବା ବାଞ୍ଛନୀୟ ନୁହେଁ। ଅଦାଲତରେ ବହୁ ମାମଲାର ବିଳମ୍ବ ଘଟୁଛି। ସରକାରଙ୍କ ସମେତ ସାଧାରଣ ଜନତା ମଧ୍ୟ ଏହାର ଶିକାର ହେଉଛନ୍ତି। ଏହାର ଅର୍ଥ ନୁହେଁ ଯେ ନ୍ୟାୟପାଳିକାକୁ ଏଡ଼ାଇ ଆମେ ମନମୁଖି ଭାବେ କାର୍ଯ୍ୟ କରିବା। ସଂକଳ୍ପରେ ଜରିମାନା ରାଶି ପରିମାଣ ଯାହା ଧାର୍ଯ୍ୟ କରାଯାଇଛି ତାହା ହାସ୍ୟାସ୍ପଦ। ମାତ୍ର ୧୦ରୁ ୧୫ ଲକ୍ଷ ଟଙ୍କା। ପ୍ରକୃତି ଓ ପରିବେଶର କ୍ଷତି ସାଧନ କରୁଥିବା ଅପରାଧୀଙ୍କ ପ୍ରତି ଜରିମାନା ପରିମାଣ କ'ଣ ପାଇଁ ଏତେ କମ୍ ରହିବ? ୧୫ ଲକ୍ଷ ଟଙ୍କା ବିନିମୟରେ ସେଗୁଡ଼ିକ ୧୦୦ କୋଟିର ପ୍ରଦୂଷଣ କରିବାରେ ସମର୍ଥ।

ପରିବେଶ ପ୍ରଦୂଷଣ ଦିଗରେ ରାଜ୍ୟ ପ୍ରଦୂଷଣ ବୋର୍ଡ, କେନ୍ଦ୍ର ପ୍ରଦୂଷଣ ବୋର୍ଡ ଓ ଏନଜିଟି ଆଦି ଅନେକ ସରକାରୀ ସଂସ୍ଥା କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାରଙ୍କ ପଦକ୍ଷେପ ଯୋଗୁଁ ଏହି ନିୟନ୍ତ୍ରଣକାରୀ ସଂସ୍ଥାଗୁଡ଼ିକର କାର୍ଯ୍ୟାନୁଷ୍ଠାନ ପ୍ରଭାବ ହ୍ରାସ ପାଇବାର ଆଶଙ୍କା ରହିଛି। ସେହିପରି ଜରିମାନା ମୂଲ୍ୟ ସରକାରୀ ଅଧିକାରୀ ଧାର୍ଯ୍ୟ କରିବେ। ତେବେ ନିର୍ଦ୍ଦିଷ୍ଟ ପ୍ରଦୂଷଣର ମୂଲ୍ୟ କେତେ ହେବ ତାହା ସରକାରୀ ଅଧିକାରୀ କେଉଁ ମାନଦଣ୍ଡରେ ଆକଳନ କରିବେ ତାହା ଏକ ବଡ଼ ପ୍ରଶ୍ନ। ଏକ୍ଷେତ୍ରରେ ସରକାର ମନମୁଖି ଭାବେ ଜରିମାନା ଲାଗୁ କରିପାରନ୍ତି ବୋଲି ଉଠିଥିବା ଅଭିଯୋଗ ନିରାଧାର ନୁହେଁ। ଏଣୁ ଉଭୟ ବେସରକାରୀ ଓ ସରକାରୀ ସଂସ୍ଥା ଯଥା ନଗରପାଳିକା ଆଦି ପ୍ରଦୂଷଣକାରୀ ଅନୁଷ୍ଠାନ ପ୍ରତି ଅନୁକମ୍ପା ପ୍ରଦାନ କରିବାକୁ ଯାଇ ସରକାର ସଂକଳ୍ପ ଜରିଆରେ ଅଯଥା ଦ୍ୱନ୍ଦ୍ୱ ସୃଷ୍ଟି ନକରି ଏହାର ପୁନର୍ବିଚାର କଲେ ବୃହତ୍ତର ସମାଜର ମଙ୍ଗଳ ହେବ। ନଚେତ୍ ଏହା ଏକ ପରିବେଶ ମାରଣ ସଂକଳ୍ପରେ ପରିଣତ ହେବାରେ ବିଳମ୍ବ ହେବ ନାହିଁ।

ବରିଷ୍ଠ ସାମ୍ବାଦିକ
କଟକ, ମୋ: ୯୪୩୭୨୨୯୨୩୩

# ମୁଁ 'ଖବରକାଗଜ' କହୁଛି

**ସରୋଜ କୁମାର ଶତପଥୀ**



ମୁଁ ଖବର କାଗଜ। ଶତାବ୍ଦୀ ଶତାବ୍ଦୀ ଧରି ସମାଜର ଦର୍ପଣ ଭାବେ ନିଜ କର୍ତ୍ତବ୍ୟ ସମ୍ପାଦନ କରିଛି। ସତ୍ୟକୁ ପ୍ରକାଶ କରିବା ପାଇଁ ନିଷ୍ଠା ଓ ନୈତିକତାକୁ ଜୀବନର ପାଥେୟ କରିଛି। ଦିନ ଥିଲା, ଘର ଦୁଆରେ ମୋର ଆବିର୍ଭାବ ହେବା ମାତ୍ରେ ଘରର ପରିବେଶ ଜୀବନ୍ତ ହୋଇ ଯାଉଥିଲା। ଚା' ଓ ଚର୍ଚ୍ଚାର ଅଂଶ ଥିଲି ମୁଁ। ସମାଜ, ରାଜନୀତି, କ୍ରୀଡ଼ା, ସଂସ୍କୃତି, ପର୍ଯ୍ୟଟନ, ଯାହା କହିବେ ସେ ସବୁ ମୋର ପୃଷ୍ଠାରେ ପ୍ରତିଫଳିତ ହେଉଥିଲା। ମୁଁ କେବଳ ଖବର ବହନକାରୀ ନୁହେଁ, ସତ୍ୟ, ସଚେତନତା ଓ ଜନମତର ବାର୍ତ୍ତାବହ ଥିଲି। ମୁଁ ସ୍ୱାଧୀନତା ସଂଗ୍ରାମ ଦେଖିଛି, ଦେଶ ବିଭାଜନ ଦେଖିଛି, ଅନେକ ବିପ୍ଳବ ଓ ପ୍ରଳୟର ମୂକସାକ୍ଷୀ ହୋଇ ପ୍ରତିଦିନ ଲୋକଙ୍କ ଜୀବନ ସହ ଜଡ଼ିତ ଥିଲି।

ମୁଁ ଥିଲି ଜ୍ଞାନର ଶକ୍ତି, ଜନତାର ଅଧିକାର ଓ ଗଣତନ୍ତ୍ରର ଶ୍ୱାସ। ପ୍ରତିଦିନ ଲୋକମାନଙ୍କ ପାଖକୁ ଯାଉଥିବା ମୋର ଲକ୍ଷ୍ୟ କେବଳ ଖବର ପହଞ୍ଚାଇବା ନୁହେଁ, ସମାଜର ନଜର ଉପରେ ଆଙ୍ଗୁଠି ରଖିବା, ଉଚିତକୁ ଉଚିତ ବୋଲି କହିବା ଏବଂ ଅନ୍ୟାୟକୁ ପ୍ରଶ୍ନ କରିବା। କିନ୍ତୁ ମୋର ଅକ୍ଷରସବୁ ସମୟ ସାନ୍ତ୍ୱନାରେ ଲେଖାଯାଏ ନାହିଁ। ମୋର ଅକ୍ଷରରେ ଲୁହ ଥାଏ, ରକ୍ତ ଥାଏ, ମୋର ପୃଷ୍ଠାରେ ଥାଏ ପ୍ରକୃତି, ପରିଚୟ, ପ୍ରେମ, ସଂସ୍କୃତି, ପରମ୍ପରା। ଗାଢ଼ ଅନ୍ଧାରରେ ଲୁଚିଥିବା ଅନ୍ୟାୟର ଚିତ୍କାର ମଧ୍ୟ ଥାଏ।

ଆଜି ବି ମୁଁ ଅଛି ସତ, ମାତ୍ର ମୋର ସେଇ ପୁରୁଣା ଦିନ ଆଉ ନାହିଁ। ମୋତେ ଦେଖିଲେ ଲୋକେ ଆଗ ଭଳି ଆଦର କରୁ ନାହାନ୍ତି। ଲୋକ ଆଉ ପଢ଼ିବାକୁ ସମୟ ଦେଉନାହାନ୍ତି। ଚିନ୍ତା ଓ ବିବେଚନାକୁ ଛାଡ଼ି, ମତକୁ ସତ୍ୟ ଭାବି ଗ୍ରହଣ କରୁଛନ୍ତି। ଆଜି ପରିସ୍ଥିତି ପରିବର୍ତ୍ତିତ। ସାମାଜିକ ଗଣମାଧ୍ୟମର ବେପରୁଆ ବିସ୍ତାର ମୋର ମହତ୍ତ୍ୱକୁ ତଳକୁ ଚାପି ଦେଉଛି। ଡିଜିଟାଲ ଯୁଗର ଆଗମନ ସହ ମୋର ସମ୍ମାନ ଅପେକ୍ଷାକୃତ କମିଛି। ମୋର ପୃଷ୍ଠାକୁ ଫାଡ଼ିଦେଲେ ମଧ୍ୟ କେହି ଆଜି ଆଶ୍ଚର୍ଯ୍ୟ ହୁଅନ୍ତି ନାହିଁ। ଏବେ ଲୋକଙ୍କ ହାତରେ ମୋବାଇଲ, ଆଙ୍ଗୁଳିରେ ଫେସବୁକ, ୟୁଟ୍ୟୁବ, ଇନ୍‌ଷ୍ଟାଗ୍ରାମ। ରିଲସ ହେଉଛି ନୂଆ ଖବର। ଲାଇକ୍ ଓ କମେଣ୍ଟ ହେଉଛି ନୂଆ ମତାମତ।

ସାମାଜିକ ଗଣମାଧ୍ୟମ ଆସିବା ସହିତ ବଢ଼ିଛି ତଥ୍ୟ ବିକୃତି ଓ ଚାଲାକିପୂର୍ଣ୍ଣ ଖବରର ହାର। ଏବେ ତୁରନ୍ତ ଖବର ଦେବା ଓ ପ୍ରଥମେ ପ୍ରସାରଣ କରିବାର ଦୌଡ଼ରେ ମୁଁ ଉପେକ୍ଷିତ ହୋଇପଡ଼ିଛି। ଖବର ପଢ଼ିବାର ଅଭ୍ୟାସ ହ୍ରାସ ପାଇଛି। ମଣିଷ ୧୦ ସେକେଣ୍ଡରେ ଖବର ନେଉଛି ଏବଂ ୧ ସେକେଣ୍ଡରେ ଭୁଲି ଯାଉଛି। ଏହି ପରିବର୍ତ୍ତନ ମୋତେ ଦୁଃଖୀ କରୁ ନାହିଁ ବରଂ ଚିନ୍ତାରେ ପକାଇ ଦେଉଛି। କାରଣ ଶୀଘ୍ର ତଥ୍ୟର ଲହରୀ ମଧ୍ୟରେ ସତ୍ୟ ଓ ଅସତ୍ୟର ତଫାତ ଦୃଶ୍ୟାତୀତ ହେଇଯାଉଛି। ସାମାଜିକ ଗଣମାଧ୍ୟମରେ ତଥ୍ୟର ନିଜସ୍ୱ ଜୀବନ ନାହିଁ। ସେ କେବଳ ମତାମତ, ଭୟ, କ୍ରୋଧ ଓ ଭ୍ରମର ଅସ୍ଥିର ତରଙ୍ଗ। ମୋର ପୃଷ୍ଠାରେ ଧୂଳି ପଡୁଥିବା ସତ୍ତ୍ୱେ ମୋର ନୈତିକତା ଓ ଆଦର୍ଶର ଶକ୍ତି ଅସୀମ।

ତଥାପି ମୁଁ ଆଶାବାଦୀ। ଆଜି ମୋର ଅସ୍ତିତ୍ୱ ପ୍ରଶ୍ନରେ ତଥାପି ମୋର ଆତ୍ମଗ୍ଲାନି ନାହିଁ। କାରଣ ସତ୍ୟର ମୂଲ୍ୟ କେବେ ମରେ ନାହିଁ। ମୋର ଦାୟିତ୍ୱରେ ଆଜି ମଧ୍ୟ ପରିବର୍ତ୍ତନ ହୋଇନି। ମୁଁ ସତ୍ୟର ପକ୍ଷରେ ଅବିଚଳ। ଡିଜିଟାଲ ମାଧ୍ୟମର ଉଦୟ ସତ୍ତ୍ୱେ ମୋର ଅସ୍ତିତ୍ୱ ସଂପୂର୍ଣ୍ଣ ରୂପେ ଅମୂଲ୍ୟ ବା ଅନାବଶ୍ୟକ ହୋଇ ଯାଇନାହିଁ। ମୁଁ ଆଜି ମଧ୍ୟ ଗମ୍ଭୀର ଖବର ପ୍ରସାରଣ ଏବଂ ଆଞ୍ଚଳିକ ସମାଚାର ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ମୋ ପରି ଅନେକ ଖବରକାଗଜ ସଫଳତାର ସହିତ ଅନଲାଇନ ପ୍ଲାଟଫର୍ମକୁ ରୂପାନ୍ତର ହୋଇଛି।

ମୁଁ ଆଜି ବି ରହିଛି ସତ୍ୟର ପ୍ରହରୀ, ସମାଜ ସଚେତନତାର ଯୋଦ୍ଧା, ଗଣତନ୍ତ୍ରର ସୁରକ୍ଷାକର୍ତ୍ତା। ସମୟ ବଦଳିଛି, ଯୁଗ ବଦଳିଛି, ସୂଚନାର ଦୌଡ଼ ହଠାତ୍ ବଢ଼ିଛି, କିନ୍ତୁ ସତ୍ୟର ମୂଲ୍ୟ, ନିର୍ଭରତା ଓ ବିଶ୍ୱାସର ପାଥେୟ ଅବିଚଳ ରହିଛି। ତୁରନ୍ତ ତଥ୍ୟର ଝଡ଼ ମଧ୍ୟରୁ ଯେତେବେଳେ ସତ୍ୟକୁ ଖୋଜିବା ଦୁର୍ବଳ ହେଉଛି, ସେତେବେଳେ ମୋର ଅସ୍ତିତ୍ୱ ଆହୁରି ଆବଶ୍ୟକ, ଆହୁରି ମୂଲ୍ୟବାନ। ହେ ମଣିଷ! ଯଦି ବିବେଚନା, ଚିନ୍ତନ ଓ ଜ୍ଞାନର ମାର୍ଗକୁ ଶକ୍ତିଶାଳୀ କରିବାକୁ ଚାହୁଁଛ, ତା'ହେଲେ ମୋର ପୃଷ୍ଠା ଖୋଲ, ମୋର ଅକ୍ଷରରେ ଭରସା କର। ମୋର ପାଠକ ହେବା ମାନେ କେବଳ ଖବର ପଢ଼ିବା ନୁହେଁ; ସଚେତନ ନାଗରିକ ହେବାର ପଥ ଚୟନ। ମୋର ବାର୍ତ୍ତା - ପୁନଃ ଆସ, ପୁନଃ ପଢ଼, ପୁନଃ ଭାବ। ପ୍ରତିଦିନ ୧୦ ମିନିଟ ସମୟ ମୋ ପାଇଁ ଦିଅ। ପ୍ରସଙ୍ଗଗତ ଖବର ଖୋଜ, ବିଶ୍ଳେଷଣ ପଢ଼, ତଥ୍ୟକୁ ପରୀକ୍ଷା କର। ଆଲୋଚନା କର, ପ୍ରଶ୍ନ କର, ନିର୍ଦ୍ଦେଶିତ ଡିଜିଟାଲ ଦୁନିଆରେ ନିଜ ମତ ନିଜେ ତିଆରି କର।

ମୁଁ ପୁଣି ଆସିବି ତୁମେ ଡାକିଲେ। ସେଇ ଦିନ ପାଇଁ ମୁଁ ଅପେକ୍ଷା କରୁଛି। ଆପଣଙ୍କ ପୁରୁଣା ମିତ୍ର - 'ଖବରକାଗଜ'।

(ପରିଚାଳକ, ଜୟଦେବ ଭବନ)
ଭୁବନେଶ୍ୱର, ମୋ: ୯୩୪୮୧୨୭୪୪୭

# ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ସ୍ଥଳ

**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ବର୍ତ୍ତମାନର ମନ୍ଦିରଟିର ପୀଠସ୍ଥଳଟି ଏକ ପୁରାତନ ବୌଦ୍ଧ ମନ୍ଦିରର ମୂଳଭାବେ ଜଣାଯାଏ। ଉଭୟ ବୌଦ୍ଧ ଓ ଅସମୀୟ ପରମ୍ପରା ଅନୁଯାୟୀ ପ୍ରାଚୀନ ମୂଳ ବୌଦ୍ଧ ମନ୍ଦିର ଉପରେ ନୂତନ ମନ୍ଦିର ଆଧୁନିକ ଯୁଗରେ ହିଁ ନିର୍ମିତ ହୋଇଛି। ହିନ୍ଦୁ ବ୍ରାହ୍ମଣମାନେ ପୂଜା କରୁଥିବା ଦେବତା ବା ଠାକୁରଙ୍କୁ 'ମାଧବ' କହୁଥିବା ବେଳେ ବୌଦ୍ଧମାନେ ତାଙ୍କୁ ମହାମୁନି ବୁଦ୍ଧ ବୋଲି କହିଥା'ନ୍ତି। ପ୍ରକୃତପକ୍ଷେ ଏହା ପ୍ରସ୍ତର ନିର୍ମିତ ଏକ ବିଶାଳ ବୁଦ୍ଧ ମୂର୍ତ୍ତି। ବର୍ତ୍ତମାନ ଯୁଗରେ ଏହି ମୂଳମୂର୍ତ୍ତିକୁ ଲୁଚାଇ ଦେବା ଉଦ୍ଦେଶ୍ୟରେ ରୁପାର ଆଖି ଓ ନାକ ଇତ୍ୟାଦି ଏଥିରେ ଲଗାଇ ବସ୍ତ୍ର ଆଦି ଚାରିଆଡ଼େ ଢାଙ୍କି ଦେଇ ଅବଶିଷ୍ଟ ଖୋଲା ଭାଗକୁ ସବୁବେଳେ ଫୁଲରେ ଘୋଡ଼ାଇ ଦିଆଯାଇଛି।

ବୁଦ୍ଧଙ୍କର ଏହି ବିଶାଳ ପ୍ରତିମୂର୍ତ୍ତିକୁ ତିବ୍ବତର ଯେଉଁ ଅତ୍ୟନ୍ତ ବିଦ୍ୱାନ ଲାମାମାନେ ପୀଠ ଦର୍ଶନରେ ଆସିଥା'ନ୍ତି ସେମାନେ 'ମୁନିର ମୁନି ମହାମୁନି' ବୋଲି କହିଥା'ନ୍ତି। ମୂଳ ବୁଦ୍ଧଙ୍କ ପ୍ରତିମୂର୍ତ୍ତିକୁ ଗୋପନରେ 'ମାଧବ' ଭାବେ ହିନ୍ଦୁମାନେ ଯେପରି ତାଙ୍କୁ ପରିବର୍ତ୍ତନ କରାଇଲେ ତାହା ଇତିହାସରେ ଖ୍ରୀ୧୬୬୧ରେ ମୁସଲମାନମାନଙ୍କ ଆକ୍ରମଣ ଯୋଗୁଁ କରାଯାଉଥିବା କୁହାଯାଉଛି। ମୁସଲମାନ ସେନାପତି ମୀର ଜୁମ୍‌ଲା ବିଭିନ୍ନ ପ୍ରତିମା ରହିଥିବା ମନ୍ଦିର ସବୁ ଭାଙ୍ଗି ଦେଇ ସେଠାରେ ମସ୍‌ଜିଦ୍‌ମାନ ନିର୍ମାଣ କରିବା ନିମନ୍ତେ ଆଦେଶ ଦେଇଥିଲେ। ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସହ ଅନ୍ୟ ଯେଉଁ ପଥର ପ୍ରତିମାଗୁଡ଼ିକ ତାଙ୍କ ପାର୍ଶ୍ୱରେ ରଖାଯାଇଛନ୍ତି ସେଗୁଡ଼ିକର ସଂଖ୍ୟା ଚାରିଗୋଟି। ଏହି ପ୍ରତିମା ସବୁ ମଧ୍ୟ ବଡ଼ ଆକାରର। ଲାମା ତୀର୍ଥଯାତ୍ରୀଙ୍କ ମତରେ ସେସବୁ ମଧ୍ୟ ବୌଦ୍ଧ ପ୍ରତିମା। ସେହି ଚାରିଗୋଟି ବୁଦ୍ଧ ପ୍ରତିମୂର୍ତ୍ତି ହେଉଛନ୍ତି 'ଡୀଣ୍ଡୀୟାନ ଗୁରୁ' (ପଦ୍ମସମ୍ଭବ) ମହାମୁନି ବୁଦ୍ଧଙ୍କ ବାସ କଡ଼ରେ, ଦର୍ଜେ ଡୋଲୋ (ବୁଦ୍ଧଙ୍କ ଡାହାଣ କଡ଼ରେ), ଶାକ୍ୟ ଥୁବା (ଡାହାଣ ପାଖରେ ଦ୍ୱିତୀୟରେ) ଓ ସେଞ୍ଚା ମୁନି (ଡାହାଣ ପାଖରେ ତୃତୀୟ ସ୍ଥାନରେ)।

ଅନ୍ୟ ପକ୍ଷରେ ହିନ୍ଦୁମାନେ ସମସ୍ତ ଦେବଦେବୀଙ୍କୁ 'ପଞ୍ଚମାଧବ' ଭାବରେ ବର୍ଣ୍ଣନା କରିଥା'ନ୍ତି। ଦ୍ୱିତୀୟ ମାଧବ, ଲାଲ କହ୍ନେୟା ବାଙ୍କବିହାରୀ, ବାସୁଦେବ, ହୟଗ୍ରୀବ ମାଧବ ଏବଂ ଗରୁଡ଼ ବିଷ୍ଣୁ ବାହନ। ଏହା ନିଶ୍ଚିତ ଯେ ହୁଏନସାଂ ସପ୍ତମ ଶତାବ୍ଦୀରେ କାମରୂପ ଭ୍ରମଣରେ ଆସିଥିବା ସମୟରେ ଏଡି ହଜୋ ସ୍ଥାନରେ କୌଣସି ବୌଦ୍ଧ ଅନୁଷ୍ଠାନ ନ ଥିଲା। କାରଣ ସେ ନିର୍ଦ୍ଦିଷ୍ଟ ଭାବରେ ଦର୍ଶାଇଛନ୍ତି କି ଏଠାରେ (କାମରୂପ ରାଜ୍ୟରେ ଅଥବା ଆସାମରେ) ଲୋକମାନେ ବୌଦ୍ଧ ଧର୍ମରେ ବିଶ୍ୱାସ କରନ୍ତି ନାହିଁ କି ଏଠାରେ କୌଣସି ଗୋଟିଏ ବି ବୌଦ୍ଧ ବିହାର ଆଦି ନିର୍ମିତ ହୋଇନାହିଁ।

ଏସବୁ ଆଲୋଚନା ପରେ ଏହା ନିଶ୍ଚିତ ଭାବେ କୁହାଯାଇପାରିବ ଯେ ବୁଦ୍ଧଙ୍କର ମହାପରିନିର୍ବାଣ ଆସାମରେ କେବେହେଲେ ଘଟିନାହି। ଏହା ପ୍ରତିଷ୍ଠିତ ତଥ୍ୟ କି ବୁଦ୍ଧଙ୍କର ମହାପ୍ରୟାଣ ଗୋରଖପୁର ନିକଟ କୁଶୀନଗରରେ ହିଁ ଘଟିଛି। ଏହା ମଧ୍ୟ ନିଶ୍ଚିତ ଯେ ଯାହା ବି ବୌଦ୍ଧକୀର୍ତ୍ତି ଏବଂ ବୌଦ୍ଧ ଅନୁଷ୍ଠାନ ଆଦି ଆସାମରେ ରହିଛି ବା ଦେଖାଯାଉଛି ତାହା ନିଶ୍ଚିତ ଭାବେ ସପ୍ତମ ଶତାବ୍ଦୀର ପରବର୍ତ୍ତୀ କାଳରେ ହୁଏନସାଂଙ୍କ ପରେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦



ଦ୍ୱିତୀୟ-ବୁଦ୍ଧ କଥା

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com
ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତ-ରୁଷ...

ବରଫାବୃତ ସାମୁଦ୍ରିକ ଅଞ୍ଚଳରେ ଜାହାଜ ଚଳାଇବାର ପ୍ରଶିକ୍ଷଣ, ନୂଆଁ ସିଫିଂ ଲେନ୍‌ରେ ନିବେଶ, ସିଭିଲ-ନ୍ୟୁକ୍ଲିୟର ଶକ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ (କ୍ରିଟିକାଲ ମିନେରାଲ୍ସ) ଉପରେ ଏମଓୟୁ ସ୍ୱାକ୍ଷର ହୋଇଛି। ରାତିରେ ରାଷ୍ଟ୍ରପତି ଭବନରେ ନୈଶ୍ୟ ଭୋଜି ପରେ ପୁତିନ ରୁଷ୍ ଫେରି ଯାଇଛନ୍ତି।

ଆତଙ୍କବାଦ ବିରୋଧରେ କୌଣସି ଗୁପ୍ତ ଏଜେଣ୍ଡା ଏବଂ ଦୋମୁହାଁ ନୀତି ନ ଆପଣାଇ ବୈଶ୍ୱିକ ଲଢ଼େଇ କରିବାକୁ ଦୁଇ ଦେଶ ଆହ୍ୱାନ ଦେଇଛନ୍ତି। ଆତଙ୍କବାଦୀ ଅନୁପ୍ରବେଶ ଏବଂ ଏହାକୁ ସହାୟତା ଦେଉଥିବା ବ୍ୟକ୍ତି ତଥା ସଂଗଠନ ସହିତ ସବୁ ପ୍ରକାଶ ଆତଙ୍କବାଦର ମିଳିତ ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି।

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସସି)ରେ ଭାରତର ସ୍ଥାୟୀ ସଦସ୍ୟତାକୁ ମଧ୍ୟ ପୁତିନ ସମର୍ଥନ ଦେଇଛନ୍ତି। ସେହିପରି ପୁତିନଙ୍କ ସାମ୍ନାରେ ମୋଦୀ ରୁଷ୍ ସେନାରେ ସାମିଲ ଭାରତୀୟଙ୍କ ପ୍ରସଙ୍ଗ ଉଠାଇ ଥିଲେ। ଭାରତୀୟଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ମୋଦୀ ଦାବି କରିଥିଲେ। ଏବେ ରୁଷ ସେନାରେ ୪୪ ଭାରତୀୟ ଫସି ରହିଥିବା ବୈଦେଶିକ ମନ୍ତ୍ରାଳୟ ସୂଚନା ଦେଇଥିଲା।

ଚଢ଼ା ଶୁଳ୍କ ଲଗାଇବା ପରେ ରୁଷ୍‌ଠାରୁ ଅଶୋଧିତ ତୈଳ ନ କିଣିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ କ୍ରମାଗତ ଭାବେ ଚାପ ପକାଇ ଚାଲିଛନ୍ତି। ଏପରି ସମୟରେ ରୁଷ୍ ରାଷ୍ଟ୍ରପତି ଭାରତ ଗସ୍ତରେ ଆସି ଆମେରିକାର ଏକପାଖିଆ କାର୍ଯ୍ୟାନୁଷ୍ଠାନ ଏବଂ ଦୋମୁହାଁ ନୀତିକୁ ପୁତିନ ଅନୁଚିତ ବୋଲି କହିଛନ୍ତି। ଏହି ଗସ୍ତ ଉପରେ ସାରା ବିଶ୍ୱର ନଜର ରହିଛି। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ପୁତିନ ଗତ ୨୪ ଘଣ୍ଟା ମଧ୍ୟରେ ପରସ୍ପରକୁ ତିନି ଥର ଭେଟିଛନ୍ତି। ଉଭୟେ ନୈଶ୍ୟଭୋଜି, ଦ୍ୱିପାକ୍ଷିକ ଆଲୋଚନା, ମିଳିତ ସାମ୍ବାଦିକ ସମ୍ମିଳନୀ ଏବଂ ଭାରତ-ରୁଷ ବ୍ୟବସାୟିକ ଫୋରମକୁ ସମ୍ବୋଧିତ କରିଛନ୍ତି। ତେବେ ଏହି ସମୟରେ ଦୁଇ ଦେଶ ମଧ୍ୟରେ କୌଣସି ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇପାରି ନାହିଁ। ଏହା ପୂର୍ବରୁ ଲଢୁଆ ବିମାନ କିମ୍ବା ବଡ଼ ପ୍ରତିରକ୍ଷା ଚୁକ୍ତି ହେବ ବୋଲି କୁହାଯାଉଥିଲା। ମାତ୍ର ବ୍ୟବସାୟ ବୃଦ୍ଧି ପାଇଁ ଭାରତ-ରୁଷ ମଧ୍ୟରେ ୧୯ଟି ଚୁକ୍ତିରେ ମୋହର ବାଜିଛି। ଦୁଇ ଦେଶ ମଧ୍ୟରେ ଜାହାଜ ନିର୍ମାଣ, ଭାରତୀୟ ନାବିକଙ୍କୁ ବରଫାବୃତ ସାମୁଦ୍ରିକ ଅଞ୍ଚଳରେ ଜାହାଜ ଚଳାଇବାର ପ୍ରଶିକ୍ଷଣ, ନୂଆଁ ସିଫିଂ ଲେନ୍‌ରେ ନିବେଶ, ସିଭିଲ-ନ୍ୟୁକ୍ଲିୟର ଶକ୍ତି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ (କ୍ରିଟିକାଲ ମିନେରାଲ୍ସ) ଉପରେ ଏମଓୟୁ ସ୍ୱାକ୍ଷର ହୋଇଛି।

ଆଜି ମିଳିତ ସାମ୍ବାଦିକ ସମ୍ମିଳନୀରେ ପୁତିନଙ୍କୁ ସବୁଠାରୁ ଘନିଷ୍ଠ ସହଯୋଗୀ ବୋଲି ମୋଦୀ କହିଥିଲେ। ଭାରତ ଏବଂ ରୁଷ ସମ୍ବନ୍ଧ ଧ୍ରୁବ ତାରା ଭଳି ସ୍ଥିର ଏବଂ ଅଟଳ । ମେକ ଇନ ଇଣ୍ଡିଆ ଅଧୀନରେ ରୁଷ ଜାହାଜ ନିର୍ମାଣରେ ସହଯୋଗ କରିବ। ୟୁରୋସିଆନ ଆର୍ଥିକ ସଂଘ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ନେଇ ମଧ୍ୟ ଆଲୋଚନା ଜାରି ରହିଛି। ରୁଷରେ ଦୁଇଟି ନୂଆ ବାଣିଜ୍ୟ ଦୂତାବାସ ଖୋଲିବା ସହିତ ଏହି ଦେଶର ନାଗରିକଙ୍କୁ ୩୦ ଦିନ ପାଇଁ ମାଗଣା ଇ-ଟୁରିଷ୍ଟ ଭିସା ଏବଂ ଗ୍ରୁପ-ଟୁରିଷ୍ଟ ଭିସା ଦିଆଯିବ ବୋଲି ମୋଦୀ ଘୋଷଣା କରିଛନ୍ତି। ୨୦୩୦ ପୂର୍ବରୁ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ଶହେ ବିଲିୟନ ଡଲାର ଛୁଇଁବ ବୋଲି ମୋଦୀ କହିଛନ୍ତି। ସେହିପରି ପୁତିନ କହିଥିଲେ ଯେ କେବଳ ତୈଳ ଏବଂ ଗ୍ୟାସ ଉପରେ ଆଲୋଚନା ପାଇଁ ସେ ଭାରତ ଗସ୍ତରେ ଆସିନାହାନ୍ତି। ଭାରତ ସହ ପ୍ରତ୍ୟେକ କ୍ଷେତ୍ରରେ ସମ୍ପର୍କ ଏବଂ ବାଣିଜ୍ୟ ବଢ଼ାଇବାକୁ ଚାହୁଁଛି। ବିନା ସମସ୍ୟାରେ ଇନ୍ଧନ ଯୋଗାଣ ଜାରି ରହିବ ବୋଲି ପୁତିନ ସ୍ପଷ୍ଟ କରିଛନ୍ତି। ଏବେ ଦୁଇ ଦେଶ ମଧ୍ୟରେ ୬୦ ବିଲିୟନ ଡଲାର କାରବାର ହେଉଛି। ଦ୍ୱିପାକ୍ଷିକ ବ୍ୟବସାୟ ବର୍ଷେ ମଧ୍ୟରେ ୧୨ ପ୍ରତିଶତ ବୃଦ୍ଧି ପାଇଛି। ଆଗକୁ ଏହା ୧୦୦ ବିଲିୟନ ଡଲାରକୁ ବଢ଼ିବ। ରୁଷ-ଭାରତ ମିଶି କୁଡ଼ନକୁଲମରେ ସବୁଠାରୁ ବଡ଼ ପରମାଣୁ କେନ୍ଦ୍ର ନିର୍ମାଣ କରୁଛନ୍ତି। ନୂଆ ଅନ୍ତର୍ଜାତୀୟ ପରିବହନ ମାର୍ଗ ମଧ୍ୟ ନିର୍ମାଣ ଚାଲିଛି। ଏହା ମାଧ୍ୟମରେ ବେଲାରୁଷ ଦେଇ ସାମଗ୍ରୀ ସିଧା ଭାରତ ମହାସାଗରରେ ପହଞ୍ଚିବ। ଏହା ସହିତ ଭାରତରେ ରୁଷ ଟୁଡେ ଚ୍ୟାନେଲ ଲଞ୍ଚ କରାଯିବ ବୋଲି ପୁତିନ କହିଛନ୍ତି। ସେ ଆମେରିକାର ଦୋମୁହାଁ ନୀତିକୁ ପ୍ରଶ୍ନ ଉଠାଇଛନ୍ତି। ରୁଷଠାରୁ ରିଆକ୍ଟର ଫୁଏଲ କିଣୁଥିବା ଆମେରିକା ଭାରତକୁ ଟାର୍ଗେଟ କରିବା ଅନୁଚିତ ବୋଲି ସେ କହିଛନ୍ତି। ଯଦି ଏହା କିଣି ଆମେରିକା ଠିକ୍ କରୁଛି ତେବେ ଭାରତର ଭୁଲ୍ କ'ଣ ରହିଲା ବୋଲି ପୁତିନ ଏକ ସାକ୍ଷାତକାରରେ କହିଛନ୍ତି। ଭାରତର ପ୍ରଭାବ ବୃଦ୍ଧି ଆମେରିକା ପାଇଁ ଅସହ୍ୟ ହୋଇଯାଇଥିବା ସେ ଉଲ୍ଲେଖ କରିଛନ୍ତି।

ଶୁକ୍ରବାର ରାତିରେ ରାଷ୍ଟ୍ରପତି ଭବନରେ ଆୟୋଜିତ ନୈଶଭୋଜିରେ ପୁତିନ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଉପସ୍ଥିତ ଥିବାବେଳେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ଆମନ୍ତ୍ରଣ କରାଯାଇ ନ ଥିଲା। କିନ୍ତୁ କଂଗ୍ରେସ ସାଂସଦ ଶଶୀ ଥରୁରଙ୍କୁ ଡକା ଯାଇଥିଲା। ଏହା ପୂର୍ବରୁ ବିଦେଶରୁ ଆସୁଥିବା ନେତାଙ୍କ ସହ ସାକ୍ଷାତ କରିବାକୁ ସରକାର ଦେଉନାହାନ୍ତି ବୋଲି ରାହୁଲ ଅଭିଯୋଗ କରିଥିଲେ। ଆଜିର ଏହି ଘଟଣା ପୁଣି ଏକ ନୂଆ ବିବାଦ ସୃଷ୍ଟି କରିଛି।

### ଡିଜିସିଏର ତଦନ୍ତ...

ଚଳାଚଳ ସ୍ୱାଭାବିକ ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବିମାନ ସେବାରେ ଅବ୍ୟବସ୍ଥାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି।

ଅନ୍ୟପକ୍ଷରେ ଯାତ୍ରୀ ସେବାକୁ ସୁଗମ କରିବା ପାଇଁ ପାଇଲଟଙ୍କୁ ସାପ୍ତାହିକ ବିଶ୍ରାମ ବଦଳରେ କୌଣସି ଆଶ୍ୱସ୍ତି ନ ଦେବା ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନିଆଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏହି ନିୟମରୁ ଇଣ୍ଡିଗୋକୁ ଫେବୃଆରୀ ୧୦ ପର୍ଯ୍ୟନ୍ତ ଆଶ୍ୱସ୍ତି ଦେଇଛି। ଏବେ କ୍ରୁ ସଦସ୍ୟଙ୍କୁ ପୂର୍ବ ଭଳି ୩୬ ଘଣ୍ଟା ବିଶ୍ରାମ ମିଳିବ।

### ପରୀକ୍ଷା ପୂର୍ବରୁ...

କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ଶୁକ୍ରବାର ଅପରାହ୍ନରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପରୋକ୍ତ ପ୍ରସଙ୍ଗ ଉଠାଇଥିଲେ। ଏହି ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ଗୃହରେ ବିବୃତି ରଖିବାକୁ ବାଚସ୍ପତି ରୁଲିଂ ପ୍ରଦାନ କରିବାକୁ ସେ ଦାବି କରିଥିଲେ। ଏହାପରେ ବିଜେଡି ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜି କରିଥିଲେ। କଂଗ୍ରେସ ସଦସ୍ୟମାନେ ମଧ୍ୟ ନିଜ ନିଜ ଆସନରେ ଛିଡ଼ା ହୋଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିବୃତି ଦାବି କରିଥିଲେ। ଫଳରେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଗୃହକୁ ୨ଟି ପର୍ଯ୍ୟାୟରେ ୨୦ ମିନଟ ମୁଲତବୀ କରିବାକୁ ପଡ଼ିଥିଲା। ଗୃହରେ ସ୍ୱାସ୍ଥ୍ୟମନ୍ତ୍ରୀ ବିବୃତି ରଖିବେ ବୋଲି ବାଚସ୍ପତି ରୁଲିଂ ଦେବା ପରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଅପରପକ୍ଷେ ଆଜି ମୁଲତବୀ ଆଲୋଚନା ଚାଲିଥିବା ବେଳେ କଂଗ୍ରେସ ବିଧାୟକ ଡ. ସିଏସ୍ ରାଜନ ଏକ୍କା ପଏଣ୍ଟ ଅଫ୍ ଅର୍ଡର ଜରିଆରେ ସମାନ ପ୍ରସଙ୍ଗ ଗୃହରେ ଉଠାଇଥିଲେ।

ରାଜ୍ୟରେ ବାରମ୍ବାର ପରୀକ୍ଷା ବିଭ୍ରାଟ ମେଧାବୀ ଛାତ୍ରଛାତ୍ରୀଙ୍କୁ ହତୋତ୍ସାହିତ କରୁଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଦିନରାତି ପରିଶ୍ରମ କରି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ ମଧ୍ୟ ସ୍ୱଚ୍ଛତାର ସହ ପରୀକ୍ଷା କରାଇବାରେ ସରକାର ବିଫଳ ହୋଇଛନ୍ତି। ଏହା ପୂର୍ବରୁ ଏକାଧିକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ପରିଚାଳନାରେ ବିଭ୍ରାଟ ପରି ଘଟଣା ପରୀକ୍ଷାର୍ଥୀଙ୍କୁ ବିଚଳିତ କରିଛି। ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ପଦାକୁ ଆସିବା ପରେ ଆଶାୟୀଙ୍କ ମେରୁଦଣ୍ଡ ଦୋହଲି ଯାଇଥିଲା। ଏତେ ବଡ଼ ସ୍ତରରେ କେଳେଙ୍କାରୀ ହେଉଥିବା ଜଣାପଡ଼ିବା ପରେ ସେମାନଙ୍କ ମନୋବଳ ଭାଙ୍ଗି ଯାଇଛି। ଏବେ ଯେକୌଣସି ନିଯୁକ୍ତି ପରୀକ୍ଷାକୁ ନେଇ ସେମାନଙ୍କ ମନରେ ସନ୍ଦେହ ଉପୁଜୁଥିବା ବେଳେ ସରକାର ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ବିଫଳ ହେଉଛନ୍ତି। ଅପରପକ୍ଷେ, ଗୋଟିଏ ପରେ ଗୋଟିଏ ପରୀକ୍ଷା ବିଭ୍ରାଟ ହେଉଥିବାରୁ ସରକାରଙ୍କ ଆନ୍ତରିକତା ନେଇ ମଧ୍ୟ ସେମାନେ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟରେ ସରକାର ବଦଳିବା ପରେ ପରୀକ୍ଷା ବିଭ୍ରାଟ ଉତ୍କଟ ରୂପ କିପରି ନେଇଛି ବୋଲି ପ୍ରଶ୍ନ କରିଛନ୍ତି।

### କମିଲା ସୁଧ...

ସଞ୍ଜୟ ମାଲହୋତ୍ରା ଆଜି ଘୋଷଣା କରିଛନ୍ତି। ରେପୋ ହାରରେ ହ୍ରାସ ପରେ ଋଣ ଶସ୍ତା ହେବା ସହ ଇଏମ୍‌ଆଇ କମିବ। ଫଳରେ ଆଗାମୀ ଦିନରେ ଗୃହ ଏବଂ ଅଟୋ ଋଣ ଶସ୍ତା ହେବ।

ସୂଚନାଯୋଗ୍ୟ ଯେ, ଚଳିତବର୍ଷ ରିଜର୍ଭ ବ୍ୟାଙ୍କ ରେପୋ ହାର ୪ ଥର ହ୍ରାସ ଘଟାଇଛି। ଆର୍‌ବିଆଇ ଫେବୃଆରୀ ପରଠାରୁ ତିନୋଟି କିସ୍ତିରେ ମୋଟ ୧% ରେପୋ ହାର ହ୍ରାସ କରିଛି। ନୀତିଗତ ସୁଧ ହାରରେ ଆହୁରି ହ୍ରାସ ଘଟିବ ବୋଲି ପୂର୍ବରୁ ଆର୍‌ବିଆଇ ଗଭର୍ଣ୍ଣର ସୂଚନା ଦେଇଥିଲେ। ସୁଧ ହାର ହ୍ରାସ ଯୋଗୁ ଆଗାମୀ ଦିନରେ ବଜାରରେ ଗୃହ ଏବଂ ଅଟୋ ଭଳି ଋଣ ୦.୨୫% ଶସ୍ତା ହେବ।

ସୂଚନାଯୋଗ୍ୟ, ଚଳିତ ବର୍ଷ ରେପୋ ହାର ଚାରି ଥରରେ ୧.୨୫% ହ୍ରାସ ପାଇଛି। ଆର୍‌ବିଆଇ ଫେବୃଆରୀ ବୈଠକରେ ସୁଧ ହାର ୬.୫%ରୁ ୬.୨୫%କୁ ହ୍ରାସ କରିଥିବାବେଳେ ଏପ୍ରିଲ ବୈଠକରେ ଦ୍ୱିତୀୟ ଥର ପାଇଁ ସୁଧ ହାର ୦.୨୫% ହ୍ରାସ କରାଯାଇଥିଲା। ଜୁନ୍ ମାସରେ ତୃତୀୟ ଥର ପାଇଁ ସୁଧ ହାର ୦.୫୦% ହ୍ରାସ କରାଯାଇଥିବାବେଳେ, ଏବେ ପୁଣି ଥରେ ଏଥିରେ ୦.୨୫% ହ୍ରାସ କରାଯାଇଛି।

### ଦୁର୍ଘଟଣାରେ ଗଲା...

ପାଇ ଯୋଡ଼ା ପୁଲିସ ପହଞ୍ଚି ଶବଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ଜବତ କରି ଚାଳକକୁ ଅଟକ ରଖିଛି।

ସେହିପରି ଅନ୍ୟ ଏକ ଘଟଣା ସନ୍ଧ୍ୟା ପ୍ରାୟ ୬ଟା ୪୫ରେ ଘଟିଥିଲା। ଗୁଆଲିଗୁଡା ସାହି ଅଞ୍ଚଳର ଧ୍ରୁବଚରଣ ନାଏକ ନିଜ ଜନ୍ମଦିନ ପାଇଁ କୋଇଡ଼ାରୁ କେକ୍ କିଣି ବାଇକ୍‌ରେ ଫେରୁଥିବା ବେଳେ ରୁଗୁଡ଼ି ଥାନା ଅନ୍ତର୍ଗତ ଗନ୍ଧଲପଦା ନିକଟରେ ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଧ୍ରୁବଙ୍କ ମୃତ୍ୟୁ ହୋଇଯାଇଥିଲା। ଧ୍ରୁବ ରାସ୍ତାର ଭୁଲ ପାର୍ଶ୍ୱରେ ଦ୍ରୁତଗତିରେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ରୁଗୁଡ଼ି ଥାନାଧିକାରୀ ସୂଚନା ଦେଇଛନ୍ତି।

### ୨ ବର୍ଷର ଶିଶୁକୁ...

ଲଳିତା ୮ ମାସର ଗର୍ଭବତୀ। ଆଜି ମଧ୍ୟାହ୍ନରେ ସେ ନିଜ ସ୍ୱାମୀ ଓ ଶିଶୁ ସହ ସ୍କୁଟିରେ ବ୍ରହ୍ମପୁର ବଡ଼ ମେଡ଼ିକାଲ ଯାଇଥିଲେ। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସନ୍ଧ୍ୟାରେ ଗାଁକୁ ଫେରୁଥିଲେ। ଗଣିଆନାଳ ଛକ ନିକଟସ୍ଥ ମାଁ କୁରେଇଶୁଣି ମନ୍ଦିର ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ସୁନୀଲଙ୍କ ବାଇକ୍ ସହ ସ୍କୁଟିଟି ଧକ୍କା ହୋଇଥିଲା। ସମସ୍ତେ ରାସ୍ତାର ଉଭୟ ପାର୍ଶ୍ୱରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ଲଳିତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଗୁରୁତର ସୁନୀଲଙ୍କ ଚିକିତ୍ସା କରାଯାଉଛି। ଖବର ପାଇ ଦିଗପହଣ୍ଡି ପୁଲିସ ମେଡିକାଲରେ ପହଞ୍ଚି ମୃତଦେହଦ୍ୱୟକୁ ଜବତ କରି ତଦନ୍ତ ଚଳାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି। ଶନିବାର ସକାଳୁ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

### ଫେବ୍ରୁଆରୀ ୧୯ରୁ...

ବୋର୍ଡ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ପରିଷଦର ୱେବ୍‌ସାଇଟ୍‌ରେ ଉପଲବ୍ଧ ଥିବା ଅଫିସିଆଲ୍ ସମୟ ସୂଚୀକୁ ଯତ୍ନର ସହ ଯାଞ୍ଚ କରିବାକୁ ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ହେବାକୁ ପରାମର୍ଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ମାଟ୍ରିକ୍ ପରୀକ୍ଷା ସହ ବିଏସ୍‌ଇ ଓଡ଼ିଶା ପକ୍ଷରୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା ୨୦୨୬ ଏବଂ ମାଧ୍ୟମା ସଂସ୍କୃତ ପରୀକ୍ଷା ୨୦୨୬ର ସୂଚୀ ମଧ୍ୟ ପ୍ରକାଶ କରାଯାଇଛି।

### ସରକାରୀ ସହାୟତା...

ବଢ଼ିଥିଲା। ଏହାପରେ ସେ ଆଉ ପଛକୁ ଫେରି ନାହାନ୍ତି। ଦିଲ୍ଲୀରେ ଆୟୋଜିତ 'ବୀର କ୍ଲାସିକ୍ ଚାମ୍ପିଅନସିପ୍'ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଗାଜିଆବାଦରେ ଆୟୋଜିତ 'ମିଷ୍ଟର ଇଣ୍ଡିଆ ୱିମେନ୍ ବଡି ବିଲଡିଂ ଚାମ୍ପିଅନ୍‌ସିପ୍'ରେ ମଧ୍ୟ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ୨୦୨୫ ମେ' ମାସରେ ବ୍ୟାଙ୍କକ୍‌ରେ ଆୟୋଜିତ 'ଇଣ୍ଟରନ୍ୟାସନାଲ ବଡି ବିଲଡିଂ ଆଣ୍ଡ ଫିଟନେସ୍ ଚାମ୍ପିଅନସିପ୍ ୫୨ କେଜି ୱେଟ୍ କାଟାଗୋରୀରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାସହ ୧୬୨ ସେଣ୍ଟିମିଟର ଫିଟନେସ୍ କାଟାଗୋରୀରେ ମଧ୍ୟ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତେବେ ସେ ବିକ୍‌ନି, ଫିଟନେସ୍, ବଡି ବିଲଡିଙ୍ଗ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି। ଏ ୩ଟି ବିଭାଗରେ ସେ ପ୍ରଥମ ସ୍ଥାନ ଅଧିକାର କରିବା ସହ ରାଜ୍ୟ ଓ ଦେଶର ଗୌରବ ବୃଦ୍ଧି କରିଥିଲେ।

କିନ୍ତୁ ଏହି ବିଶ୍ୱ ବିଜେତାଙ୍କ ଲାଗି ଓଡ଼ିଶା ସରକାର ନିଜର ସହାୟତାର ବାଟ ବନ୍ଦ କରିଦେଇଥିଲେ। ଏବେ କ୍ରୀଡ଼ା ନୀତି ଅନୁଯାୟୀ ଏକାଧିକ ଅଣ ଅଲିମ୍ପିଆଡ୍ ପଦକ ବିଜେତାଙ୍କୁ, ଅଂଶଗ୍ରହଣ କରିବାକୁ ସରକାର ହାତ ଖୋଲି ଦେଇଛନ୍ତି। କିନ୍ତୁ ଏକ କଷ୍ଟସାଧ୍ୟ ଖେଳରେ ତାଙ୍କୁ ସହାୟତା, ପ୍ରୋତ୍ସାହନ ରାଶି ଦେବାତ ଦୂରର କଥା ସାମାନ୍ୟ ଅଭିନନ୍ଦନ କିମ୍ବା ଶୁଭେଚ୍ଛା ବାର୍ତ୍ତାଟିଏ ଜଣାଇ ନାହାନ୍ତି ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବିଭାଗ କିମ୍ବା କିମ୍ବା ମୁଖ୍ୟମନ୍ତ୍ରୀ। ଏବେ ଦେଶ ବିଦେଶରେ ସଫଳତା ପାଉଥିବା ଦଳ କିମ୍ବା କ୍ରୀଡ଼ାବିତ୍‌ଙ୍କୁ ବିଭାଗ, ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଓ ଅଭିନନ୍ଦନରେ ପୋତି ପକାଉଛନ୍ତି। ଏଭଳି କ୍ଷେତ୍ରରେ ପିଙ୍କିଙ୍କ ପ୍ରତି ମନ୍ତ୍ରୀ ଓ ପ୍ରଶାସକ କାହିଁକି ଚୁପ୍ ରହିଛନ୍ତି ତାହା ସନ୍ଦେହ ସୃଷ୍ଟି କରିଛି। ବିନା ସହାୟତା କିମ୍ବା ପ୍ରୋତ୍ସାହନରେ ବଲି ବିଲ୍ଡିଂ ଭଳି କ୍ରୀଡ଼ାରେ ତିଷ୍ଠି ରହିବା ସମ୍ଭବ ନୁହେଁ। ଏହାର ଅଭାବରେ ପିଙ୍କି ଯେ ଏବେ ଖେଳ ଛାଡ଼ିବାକୁ ଚିନ୍ତା କରିବା ନିଶ୍ଚିତ ଭାବେ ରାଜ୍ୟ ଲାଗି ଖରାପ ପରମ୍ପରା ସୃଷ୍ଟି କରିବ। ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ପୂର୍ବରୁ ପିଙ୍କି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଥିଲେ। ପିଙ୍କିଙ୍କ ମୁଣ୍ଡରେ ହାତ ରଖି ଆଶୀର୍ବାଦ ଦେବା ସହ ତାଙ୍କ ଲାଗି କିଛି ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏହି ପ୍ରତିଶ୍ରୁତି ୯ ମାସ ପୂରିବାକୁ ବସିଲାଣି। ପିଙ୍କି କିନ୍ତୁ ସହାୟତା ଓ ପ୍ରୋତ୍ସାହନ ଅଭାବରେ ଖେଳ ଛାଡ଼ିବାକୁ ବସିଲେଣି। ଖୋର୍ଦ୍ଧା ଜିଲ୍ଲାର ଝିଅ ଓ ଡେଲାଙ୍ଗର ବୋହୂ ଏବେ ଡୁମୁଡୁମାର ବାସିନ୍ଦା। ସରକାରୀ ସହାୟତା ବିନା ସେ ତାଙ୍କ ସ୍ୱପ୍ନ ପୂରଣ କରିବାରେ ସମର୍ଥ ହେବେ ନାହିଁ।

## ବେଢ଼ାକୁଦର ଡାକ ଜମାଖାତାରୁ ଟଙ୍କା ଗାଏବ

# ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେର୍‌ଫେର୍

**ପୋଷ୍ଟମାଷ୍ଟରଙ୍କ ସମ୍ପୃକ୍ତି ଥିବା ନେଇ ସନ୍ଦେହ**

ବାଙ୍ଗିରିପୋଷି, ୫।୧୨(ସମିସ): ବାଙ୍ଗିରିପୋଷି ସବ୍-ପୋଷ୍ଟ ଅଫିସ ଅଧୀନରେ ଥିବା ବେଢ଼ାକୁଦର ଉପ-ଡାକଘରୁ ଜମାକାରୀମାନଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହେଉଥିବା ଜଣାପଡ଼ିଛି। ଜମାକାରୀମାନେ ବାଙ୍ଗିରିପୋଷି ସବ୍-ପୋଷ୍ଟ ଅଫିସକୁ ଟଙ୍କା ଉଠାଣ ପାଇଁ ଆସି ଆକାଉଣ୍ଟରେ ଟଙ୍କା ନଥିବାର ଜାଣିବାକୁ ପାଇ ନିରାଶ ହେଉଛନ୍ତି। ଯୋଗୀବନ୍ଧ ଗ୍ରାମର ଚିତ୍ତରଞ୍ଜନ ମହାନ୍ତ ଟଙ୍କା ଉଠାଇବାକୁ ଆସି ଖାତାରେ ଟଙ୍କା ନ ଥିବା ଜାଣି ହତାଶ ହୋଇ କାକୁତିମିନତି ହୋଇ ସବ୍ ପୋଷ୍ଟମାଷ୍ଟରଙ୍କୁ ଗୁହାରି କରିଥିଲେ। ଏହାକୁ ନେଇ ସବ୍ ପୋଷ୍ଟମାଷ୍ଟର ରାଇରଙ୍ଗପୁର ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଉକ୍ତ ଘୋଟଲା ସମ୍ପର୍କରେ ଅବଗତ କରିଥିବାର ଜଣାପଡ଼ିଛି। ଏବେ ବି ବହୁ ଗରିବ ଖଟିଖିଆ ଲୋକ ବ୍ୟାଙ୍କ ବଦଳରେ ସରକାରଙ୍କ ସବୁଠାରୁ ଭରସାଯୋଗ୍ୟ ସଂସ୍ଥା ଡାକଘରେ ଟଙ୍କା ଜମା ରଖିଛନ୍ତି। କିନ୍ତୁ ଲୋକଙ୍କ କଷ୍ଟ ଉପାର୍ଜିତ ଟଙ୍କା ତାଙ୍କୁ ଠିକ୍ ସମୟରେ ମିଳୁନାହିଁ କିମ୍ବା ତାଙ୍କ ଜମାଖାତାରେ ଟଙ୍କା ମଧ୍ୟ ରହୁ ନ ଥିବା ଦେଖିବାକୁ ମିଳିଛି। ତେଣୁ ଜମାକାରୀଙ୍କ ଭରସା ତୁଟିବାରେ ଲାଗିଛି। ପ୍ରାୟ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେର୍‌ଫେର୍ ହୋଇଥିବା ନେଇ ସୂଚନା ମିଳିଛି। ତେବେ ଆଗକୁ ଅଧିକ ଖୋଳତାଡ଼ ହେଲେ ତଳୁ ଉପର ପର୍ଯ୍ୟନ୍ତ କିଏ କିଏ ଏଥିରେ ସମ୍ପୃକ୍ତ ଅଛନ୍ତି ଜଣାପଡ଼ିବା ସହ ଆହୁରି ଅନେକ ଦୁର୍ନୀତି ଧରାପଡ଼ିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷେ ବେଢ଼ାକୁଦର ଡାକଘର ଦାୟିତ୍ୱରେ ଥିବା ଅମିତ ମହାନ୍ତଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ।


**ପୂର୍ବ ତଟ ରେଳପଥ**

'ଇ' କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ. PCMM/EP/2025-26/17, ତା.02.12.2025ରିଖ

**କ୍ରମ ସଂ.01 :** ଟେଣ୍ଡର ନଂ.02251446, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ସିଲିଣ୍ଡ୍ରିକାଲ ରୋଲର ବିୟରିଂ ସେଟ୍, ପରିମାଣ : T.S. ଅନୁସାରେ ।

**କ୍ରମ ସଂ.02 :** ଟେଣ୍ଡର ନଂ.03251794A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡବଲ ଆକ୍ଟିଂ ହାଇଡ୍ରୋଲିକ୍ ସକ୍(Shock) ଅବଶୋଷକ, ପରିମାଣ : 1000 ଗୋଟି ।

**କ୍ରମ ସଂ.03 :** ଟେଣ୍ଡର ନଂ.09253605A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 3 ମିଟର ଲମ୍ବରେ ଏମ୍ ଏସ୍ ଫ୍ଲାଟ୍ ସାଇଜ୍ 40mm x 6mm, ପରିମାଣ : T.S. ଅନୁସାରେ ।

**କ୍ରମ ସଂ.04 :** ଟେଣ୍ଡର ନଂ.03253925B, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବ୍ରେକ୍ କାଲିପର ୟୁନିଟ୍, ପରିମାଣ : 104 ଗୋଟି ।

**କ୍ରମ ସଂ.05 :** ଟେଣ୍ଡର ନଂ.03251470A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : LHB କୋଚ୍‌ଗୁଡ଼ିକ ନିମନ୍ତେ CBC କପଲର ନୁକଲ (Knuckle), ପରିମାଣ : 233 ଗୋଟି ।

**କ୍ରମ ସଂ.06 :** ଟେଣ୍ଡର ନଂ.04251001A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଭାଲ୍‌ବ ରେଗୁଲେଟେଡ୍ ଲିଡ୍ ଏସିଡ୍ ବ୍ୟାଟେରୀ, ପରିମାଣ : T.S. ଅନୁସାରେ ।

**କ୍ରମ ସଂ.07 :** ଟେଣ୍ଡର ନଂ.06255429, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 8.5 ରେ 1 ୱେଲ୍ଡଯୁକ୍ତ ସିଏମ୍‌ଏସ୍ କ୍ରସିଙ୍ଗ୍ B.G, ପରିମାଣ: T.S. ଅନୁସାରେ ।

**କ୍ରମ ସଂ.08 :** ଟେଣ୍ଡର ନଂ.02251711, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କଣ୍ଟ୍ରୋଲ ପୋର୍ସନ ER 787776-1994 ନିମନ୍ତେ ଓଭରହାଲିଙ୍ଗ୍ କିଟ୍, ପରିମାଣ : T.S. ଅନୁସାରେ ।

**କ୍ରମ ସଂ.09 :** ଟେଣ୍ଡର ନଂ.04254313A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବ୍ରସ୍‌ଲେସ୍ ସେନ୍‌ସର ବିହୀନ DC ରେଲୱେ କ୍ୟାରେଜ୍ ଫ୍ୟାନ୍ସ, ପରିମାଣ : 3906 ଗୋଟି ।

**ଟେଣ୍ଡର ଖୋଲାଯିବା ତାରିଖ :** ତା.15.12.2025ରିଖ (କ୍ରମ ସଂ.1 ଏବଂ 5 ପାଇଁ), ତା.18.12.2025ରିଖ (କ୍ରମ ସଂ.2 ଏବଂ 3 ପାଇଁ), ତା.16.12.2025ରିଖ (କ୍ରମ ସଂ.4 ପାଇଁ), ତା.29.12.2025ରିଖ (କ୍ରମ ସଂ.6 ଏବଂ 7 ପାଇଁ), ତା.17.12.2025ରିଖ (କ୍ରମ ସଂ.8 ପାଇଁ) ଏବଂ ତା.05.01.2026ରିଖ (କ୍ରମ ସଂ.9 ପାଇଁ) ।

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡ଼ି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ଭୁବନେଶ୍ୱର

PR-873/Q/25-26

**AFFIDAVIT**

I,Parbin Nesha W/o Jafar Iqbal Mohammad, residing at Kuranga Pradhan, Po- Raipur, PS-Sadar, Dist- Cuttack, PIN-754001, Odisha, declared that my husband name has been mistakely mentioned as Jafar Iqbal Mohammed in my passport. The correct name is Jafar Iqbal Mohammad. In all future reference, he should be known as Jafar Iqbal Mohammad by this affidavit on dtd.16/06/2025

**NOTICE**

By virtue of an affidavit sworn before Executive Magistrate, Talcher, dated 07/11/2025. I, MAMI MOHARANA, Address: Vill/PO-Ghantapada,PS-Colliery ,Dist.-Angul,Odisha-759103 declare that I have changed my name from MAMATA MAHARANA to MAMI MOHARANA. Henceforth, I shall be known as **MAMI MOHARANA** for all purposes.

**MAMI MOHARANA**

**WALK-IN-INTERVIEW**

**REJUVENE URO NEPHRO HOSPITAL,** Mangalabag, Cuttack required GDMO (Negotiable Salary),OT Technician, OT Incharge, GNM ICU Incharge (15k TO 20K and above Negotiable) ANM, Receptionist, GJAY Executive, OPD Staff (12K TO 15K) and above Negotiable. Minimum Experience-2Yrs

**1st walk in interview on 7th December 2025**
**2nd walk in interview on 27th December 2025**
**Walk in interview timing-10:30AM TO 2:30PM**

Interview Venue- **REJUVENE URO NEPHRO HOSPITAL Ring Road, Mangalabag, Cuttack-753001, M-8763145837/ 9124948026, Mail ID-rejuveneuronephro@gmail.com**

**NOTICE FOR MINOR**

By virtue of an affidavit sworn before Executive Magistrate, Gop, dated 29/10/2025, I **DEBENDRA SWAIN**, S/o Purnachandra Swain permanent resident of Village- Nuakholamara Gadasahi, Po: Lalitapahandi, Ps - Gop, Dist- Puri, State- Odisha, Pin- 752045 declare that I have changed my minor Son's name from **PRADUMNA SWAIN (Old Name)** to **PRADYUMNA SWAIN (New Name).** Henceforth, he shall be known as **PRADYUMNA SWAIN** for all future purposes.
(Sd- **DEBENDRA SWAIN**)

**VEHICLE FOR SALE**

NEW HOLAND 3230 TRACTOR, Model - 2022, Registration No-OD-04-S-2096, in as is where is condition, Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days

**AFFIDAVIT**

I Deepak Jena s/o- Jagannath Jena AT/Po- Chakeisab, Ps- Kamarda, Dist- Balasore, Odisha, declared by affidavit before Executive Magistrate , Bhograi No.4084/9.10. 2025, that I have changed my name Shiba Shankar Jena to Deepak Jena s/o Jagannath Jena and I shall be treated as same and one person. Hence my name as Deepak Jena for all future purpose.

**FOR SALE**

1 Number of Tractor – TAFE MF 246 DYNATRACK, Registration No.- OD-01-AU-9930, Model- 2023, ENGINE NO – S3255N74848, CHASSIS NO - MEAAACD5LP2514869, For Details, contact – 94370 55763, 9437966073, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE,756001, PH. NO- 06782-266658

**AFFIDAVIT**

By virtue of an affidavit (CF No. 02, dtd- 05/12/2025) sworn before the Executive Magistrate, Padampur. I, Narayan Benchhor, S/o Rajkumar Benchhor, permanent & current resident of AT/Po Paikmal, PS- Paikmal, Dist- Bargarh, PIN- 768039, Odisha declare that I have changed my name from Narayan Benchhor to Narayana Benchhor. Henceforth, I shall be known as Narayana Benchhor (new name) for all purposes.

**NOTICE**

By virtue of an Affidavit sworn before Executive Magistrate, Bhubaneswar. dated 29.11.2025, CF No.01, I, **Trinath Sahoo,** aged about 45 years, S/o: Sankar Sahoo, residing at Totapada, PO: Baku, PS: Gadisagada, Dist: Puri, PIN: 752019, Aadhaar No.45606087 3983 currently residing at above address, declare that I have changed my daughter's name from **Somali Sahoo** (old name) to **Sonali Sahoo** (new name). Henceforth she shall be known as **Sonali Sahoo** for all purposes.
**Sd/- Trinath Sahoo**

**AFFIDAVIT**

By virtue of an affidavit sworn before the Notary Public Jeypore, dated 03.12.2025 I, JASPAL SINGH BHOGAL, S/o- Late Sohan Singh resident of new Street 1st lane, Po./Ps.- Jeypore, Dist.- Koraput, Odisha state that, in the Birth Certificate and Passport of my daughter ISHPREET KAUR my name has been wrongly mentioned as JASPAL SINGH. That **JASPAL SINGH** and **JASPAL SINGH BHOGAL** is one and same person.
Sd/- Jaspal Singh Bhogal

**AFFIDAVIT**

By virtue of an affidavit No.3059, sworn before the Executive Magistrate, Sukinda on dtd- 04/12/2025, I **Dharanidhar Mohapatra,** S/o Late Nilamani Mahapatra, resident of At/Po/Ps-Sukinda, Dist- Jajpur, Odisha, Pin- 755018 declared that I have changed my minor son's name from **Surja Prakash Mahapatra** (old name) to **Surya Prakash Mohapatra** (new name). Henceforth he shall be known as **Surya Prakash Mohapatra** for all future purposes.
**Dharanidhar Mohapatra**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 05/12/2025. I, **Muralidhar Chhura** (applicant name), S/o- Nirakar Chhura, permanent resident of AT- Gunchitara, PO- Tentulikhunti, PS- Titilagarh, Dist- Balangir, (Odisha), PIN- 767037 now residing at the same place declare that I have changed my minor daughter's name from **Premanjal Chhura** (old name) to **Premanjali Chhura** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Premanjali Chhura** (new name) for all future purposes.
**Muralidhar Chhura**

**FOR SALE**

1 Number of TRACTOR –ESCORTS PT EURO 45 4WD, Registration No.- OD-17-AC-4681, Model 2024, - ENGINE NO E3761024, CHASSIS NO - T053669670FM, For Details, contact – 9437577742, SUNDARAM FINANCE LTD., 1ST Floor, Naik Bhaban, Ward No-18, NH-6, Near -Bhatli Chowk, DIST- BARGARH- 768028(Odisha).

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 05/05/2025, I **KARTIK JENA**, S/o Sarbeswar Jena permanent resident of Village- Batol, Po: Gadamotari, Ps - Delanga, Dist- Puri, State- Odisha, Pin- 752015 declare that I have changed my name from **KARTTIK PATTANAYAK (Old Name)** to **KARTIK JENA (New Name).** Henceforth, I shall be known as **KARTIK JENA** for all future purposes.
(Sd- **KARTIK JENA**)

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, CF.NO- 33, dated 03-06-2025 I, **BIPLAB DASS,** S/o Muralidhar Mallik Permanent resident of At- Jagannathpur, Anantapur, Infront of MK Fly Ash Bricks, Po/Ps- Phulnakhara, Dist- Khordha, State- Odisha, PIN- 754001, declare that I have changed my name from **BIPLAB MALLIK** (Old name) to **BIPLAB DASS** (New name), Henceforth, I shall be known as **BIPLAB DASS** for all purposes.
Sd-( **BIPLAB DASS** )

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

**Campus:**
262, Puranpadhan, Balakati, Bhubaneswar

Mob. 7019799641, 7978608747
9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର
Housing & Urban Development Department, Govt. of Odisha
**ଜଟଣୀପୌରପରିଷଦ, ଜଟଣୀ**
**OFFICE OF THE MUNICIPAL COUNCIL: JATANI**
ସ୍ଥାନ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist-Khordha (Odisha), Pin-752050
E-mail – municipalityjatni@gmail.com, Phone. No. 0674- 2490826

**ସର୍ବସାଧାରଣ ନିମନ୍ତେ ସୂଚନା**

ଏତଦ୍ ଦ୍ୱାରା ଜଟଣୀ ପୌରାଂଚଳ ସମସ୍ତ ଜନସାଧାରଣ ମାନଙ୍କୁ ଜଣାଇ ଦିଆଯାଉଛି କି,

- ଜଟଣୀ ସହରକୁ ସରଳ ସୁନ୍ଦର କରିବା ପାଇଁ ସମସ୍ତ ରାସ୍ତା ଓ ଗଳିକୁ ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ ।
- ଘରର ସମସ୍ତ ଓଦା ଓ ଶୁଖିଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହନ ଗାଡ଼ିରେ ଦିଅନ୍ତୁ ।
- ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁନାହିଁ । ଯଦି କରନ୍ତି ତେବେ ପରିଷଦ ଜୋରିମାନା ରାଶି ଆଦାୟ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।
- ଆପଣ ମାନଙ୍କ ଠାରୁ ସଂଗୃହିତ ହେଉଥିବା ଅଳିଆରୁ ଉତ୍କୃଷ୍ଟ ମାନର ଜୈବିକ ଖତ ପ୍ରସ୍ତୁତ ହେଉଅଛି । ଏହାର ଉପଯୋଗ କରନ୍ତୁ ।
- ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ପ୍ଲାନ୍ ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ । ଏବଂ ଗୃହ ସମାପ୍ତ ପରେ ତାହାକୁ ଫଳିକରଣ କରାଇନିଅନ୍ତୁ ।
- ବ୍ୟବସାୟୀ ମାନେ ନିଜର ବ୍ୟବସାୟ ପ୍ରତିଷ୍ଠାନର ନୂତନ ଟ୍ରେଡ୍ ଲାଇସେନ୍ସ ଓ ନବିକରଣ ନିମନ୍ତେ ସୁଜୋଗ ପୋର୍ଟାଲ ରେ ଅନ୍‌ଲାଇନ ରେ ଆବେଦନ କରାଇନିଅନ୍ତୁ ଓ ବିଭିନ୍ନ ଟିକସ ଯଥା Holding Tax, User Fee, Hoarding Fee ଓ ଅନ୍ୟାନ୍ୟ ଟ୍ୟାକ୍ସ ଠିକ ସମୟରେ ପୈଠ କରନ୍ତୁ ।
- ଭୂମି ଅଧିକାର ସାବ୍ୟସ୍ତ ନିମନ୍ତେ ଭୂମିର ସର୍ବେକ୍ଷଣ (ନକ୍ସା) କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ।
- ବାଣିଜ୍ୟିକ ପ୍ରତିଷ୍ଠାନର ସୂଚନା ଫଳକ (Display Board ) ୬୦ ଭାଗ ଓଡ଼ିଆ ଭାଷାରେ ସେପ୍ଟେମ୍ବର ମାସ ତା ୩୦.୦୯.୨୦୨୫ ରିଖ ସୁଦ୍ଧା ଲେଖନ୍ତୁ । ନଚେତ୍ ପରିଷଦ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଲେଖା ନ ସରିବା ପର୍ଯ୍ୟନ୍ତ ପ୍ରତି ଦିନ ୫୦୦ଶହ ଟଙ୍କା ଜୋରିମାନା ରାଶି ଆଦାୟ କରିବେ ।
- ପାଇଖାନା ଟାଙ୍କି ସଫା ନିମନ୍ତେ ପରିଷଦର ସେସ୍ ପୁଲ୍ ଗାଡ଼ି ପାଇଁ ଟୋଲ୍ ଫି ନଂ ୧୪୪୨୦ରେ ଯୋଗାଯୋଗ କରନ୍ତୁ ।
- ରାସ୍ତା ବଡ଼ ଡ୍ରେନ୍ କୁ ଜବର ଦଖଲ କରନ୍ତୁ ନାହିଁ । ଯଦି କରନ୍ତି ତେବେ ପରିଷଦ ଉକ୍ତ ଜବରଦଖଲ କୁ ଉଚ୍ଛେଦ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ।
- ପରିଷଦ ଇଲାକାରେ ଥିବା ସୈଇରାତ (ପୋଖରୀ) ଗୁଡ଼ିକୁ ପରିଷ୍କାର ରଖନ୍ତୁ ।

ନିଖିଳ ଭାରତୀୟ ସ୍ୱାୟତ ଶାସନ ଦିବସ ୨୦୨୫ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

| | | |
|---|---|---|
| ଶ୍ରୀମତୀ ଆରତୀ ରାଉତ | ଶ୍ରୀମତୀ ଆକ୍ରିତୀ ଗୋଏଙ୍କା | ଶ୍ରୀଯୁକ୍ତ ଅନନ୍ତ ବେହେରା |
| ଉପାଧ୍ୟକ୍ଷା | ନିର୍ବାହୀ ଅଧିକାରୀ | ଅଧ୍ୟକ୍ଷ |
| ଜଟଣୀ ପୌର ପରିଷଦ | ଜଟଣୀ ପୌର ପରିଷଦ | ଜଟଣୀ ପୌର ପରିଷଦ |

**ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼**

**ଦରଖାସ୍ତ ଆହ୍ୱାନ**

ବିଜ୍ଞପ୍ତି ସଂଖ୍ୟା- ୫୫୯୩, ତା. ୦୪.୧୨.୨୦୨୫

ବରଗଡ ଧନୁଯାତ୍ରା ନିମନ୍ତେ ଜର୍ଜ ହାଇସ୍କୁଲ ପଡିଆ ଓ ବରଗଡ଼ ଆର.ଏମ.ସି. ଅଫିସ ପ୍ରାଙ୍ଗଣ ଠାରେ ମୀନାବଜାର, ଦୋଳି, ଝୁଲା ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ଇତ୍ୟାଦି ପାଇଁ ଉପଯୋଗୀ କେବିନ/ ଖାଲି ଜାଗା ଓ ପଡିଆ ଗୁଡିକ ନିର୍ଦ୍ଦିଷ୍ଟ ସର୍ତ୍ତ ମାଧ୍ୟମରେ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସର୍ତ୍ତାବଳୀ ସହ ଯୋଗେଇ ଦିଆଯିବ ।

ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟରେ ଅଫିସ ସମୟ ମଧ୍ୟରେ (ସକାଳ ୧୧ ଘଟିକାରୁ ଅପରାହ୍ନ ୪ ଘଟିକା ସୁଦ୍ଧା) ତା. ୦୫.୧୨.୨୦୨୫ ଠାରୁ ତା.୧୨.୧୨.୨୦୨୫ (ଛୁଟିଦିନ ବ୍ୟତୀତ) ଅସ୍ଥାୟୀ କେବିନ ଦୋକାନ ଓ ଖାଲି ଜାଗା ପାଇଁ ଟ. ୧୦୦.୦୦(ଏକ ଶହ ଟଙ୍କା ମାତ୍ର) ବିନିମୟରେ ଆବଶ୍ୟକୀୟ ଫର୍ମ ଯୋଗେଇ ଦିଆଯିବ । ଇଚ୍ଛୁକ ବ୍ୟକ୍ତି ମାନେ ସଂପୃକ୍ତ ସ୍ଥାନ ମାନଙ୍କର ପ୍ରସ୍ତୁତ ନକ୍ସା, ପ୍ଲାନ ଏବଂ ସର୍ତ୍ତାବଳୀ ଉପ-ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଦେଖିପାରିବେ ।

ଉପଲବ୍ଧ କେବିନ, ଝୁଲା ଏବଂ ଖାଲି ଜାଗା ଲଟେରୀ ମାଧ୍ୟମରେ ଆବଣ୍ଟିତ ହେବ । ଖାଲିଜାଗା ତଥା ଅସ୍ଥାୟୀ କେବିନ ଦୋକାନ ପାଇଁ ଆସନ୍ତା ତା. ୧୨.୧୨.୨୦୨୫ ରିଖ ଅପରାହ୍ନ ୫.00 ଘଟିକା ସମୟରେ ପ୍ରକ୍ରିୟା ଶେଷ ହେବ ।

ପ୍ରକାଶ ଥାଉକି, କୌଣସି କାରଣ ନ ଦର୍ଶାଇ ଯେ କୌଣସି ପକ୍ଷଙ୍କ ଆବେଦନକୁ ରଦ୍ଦ କରିବାର କ୍ଷମତା ଅଧିକାରୀଙ୍କର ରହିଅଛି । ସବିଶେଷ ବିବରଣୀ ଜିଲ୍ଲା Website-http://bargarh.odisha.gov.in ରେ ମଧ୍ୟ ଉପଲବ୍ଧ ହେବ ।

ଉପ-ଜିଲ୍ଲାପାଳ ତଥା ଆବାହକ
ଜମି-ଆବଣ୍ଟନ କମିଟି,
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼

### ଆଦିବାସୀ ସମ୍ପ୍ରଦାୟଙ୍କ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିର

# ୨୩ ଭୂମିହୀନଙ୍କୁ ମିଳିଲା ଜଙ୍ଗଲ ଜମି ପଟ୍ଟା

ତରଭା, ୫ ।୧୨(ସମିସ)



- ୧୫ ବ୍ୟକ୍ତିଗତ, ୧୪ ସାମୂହିକ ଅଭିଯୋଗ
- ଦ୍ରୁତ ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ସୁବର୍ଣ୍ଣପୁର ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟ ଜନସାଧାରଣଙ୍କ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିର ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଡ. ନୃପରାଜ ସାହୁ ଏହି ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ରହିଥିଲେ । ଏହି ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାର ୨୩ଜଣ ଯୋଗ୍ୟ ଆଦିବାସୀ ମହିଳା ଓ ପୁରୁଷଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ଜମି ପଟ୍ଟା ବିତରଣ କରାଯାଇଥିଲା । ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟର ଜନସାଧାରଣଙ୍କଠାରୁ ମୋଟ ୨୯ଟି ଅଭିଯୋଗକୁ ଜିଲ୍ଲାପାଳ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୧୫ଟି ବ୍ୟକ୍ତିଗତ ଅଭିଯୋଗ ଓ ୧୪ଟି ସାମୂହିକ ଅଭିଯୋଗ ପତ୍ର ହସ୍ତଗତ ହୋଇଥିଲା । ଏହି ଅଭିଯୋଗପତ୍ରଗୁଡିକର ତଦନ୍ତ ଓ ତୁରନ୍ତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଦ୍ରୁତ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଫଇସଲା କରିବା ପାଇଁ ସମ୍ପୃକ୍ତ ଅଧିକାରୀ ଓ କାର୍ଯ୍ୟାଳୟକୁ ପଠାଯାଇଥିଲା । ଶିବିରରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସଂଯୁକ୍ତା ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ଯୁବ ଉତ୍ସବ

ତରଭା, ୫ ।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ଭବନରେ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ - ୨୦୨୬ ଯୁବୋତ୍ସବ' ପାଳିତ ହୋଇଯାଇଛି । ଏହି ଯୁବୋତ୍ସବକୁ ଜିଲ୍ଲାପାଳ ଡ. ନୃପରାଜ ସାହୁ ଉଦ୍‌ଘାଟନ କରିଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ (ରାଜସ୍ୱ), ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ (ସାଧାରଣ), ସୋନପୁର ପୌରାଧ୍ୟକ୍ଷା ତାମସି ତମସ୍ୱିତା ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ ଡିଡିଆର୍‌ସିସ୍ଥିତ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା । ସଂସ୍କୃତି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଯୁବକ ଯୁବତୀଙ୍କ ମଧ୍ୟରେ ଲୋକ ସଙ୍ଗୀତ ଓ ନାଚ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା । ବିଚାରକମାନେ ଶ୍ରେଷ୍ଠ ଲୋକସଙ୍ଗୀତ, ଗାୟକଗାୟିକା ଓ ଶ୍ରେଷ୍ଠ ଲୋକ ନାଚ ଚୟନ କରିଥିଲେ । ପାଠାଗାରଠାରେ ବକ୍ତୃତା ପ୍ରତିଯୋଗିତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ କୃତିତ୍ୱ ହାସଲ କରିଥିବା ଯୁବକ ଯୁବତୀଙ୍କୁ ବିଚାରକଙ୍କ ଦ୍ୱାରା ଚୟନ କରାଯାଇଥିଲା । ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଯୁବକ ଯୁବତୀମାନଙ୍କ ମଧ୍ୟରେ କାହାଣୀ ଓ ପଦ୍ୟ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶ୍ରେଷ୍ଠ କାହାଣୀ ଓ ପଦ୍ୟ ଲିଖନ କରିଥିବା ଯୁବକ ଓ ଯୁବତୀଙ୍କୁ ବିଚାରକଙ୍କ ଦ୍ୱାରା ଚୟନ କରାଯାଇଥିଲା । ଏହି ଯୁବୋତ୍ସବ ଅବସରରେ ଅନୁଷ୍ଠିତ ହୋଇଥିବା ୭ଟି ବର୍ଗର ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଥିବା ଯୁବକ ଯୁବତୀ ରାଜ୍ୟସ୍ତରୀୟ ଯୁବୋତ୍ସବରେ ଅଂଶ ଗ୍ରହଣ କରିବେ । ଯୁବୋତ୍ସବର ଦ୍ୱିତୀୟ ପର୍ଯ୍ୟାୟର ଜିଲ୍ଲା ସଂସ୍କୃତି ଭବନସ୍ଥିତ



ସମ୍ମିଳନୀ କକ୍ଷରେ କୃତୀ ଯୁବକ ଯୁବତୀଙ୍କୁ ପୁରସ୍କାର ବିତରଣ ନିମନ୍ତେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୋନପୁର ପୌରାଧ୍ୟକ୍ଷା ଶ୍ରୀମତୀ ନାୟକ, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଯୁବକ ଯୁବତୀଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ପ୍ରୀତି ସୁନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ମର୍ଜାକୁଦରେ ଚୁଡାଖାଇ ଯାତ୍ରା

ବୌଦ୍ଧ, ୫ ।୧୨(ସମିସ): ବୌଦ୍ଧ ସହର ମର୍ଜାକୁଦରେ ପ୍ରସିଦ୍ଧ ଚୁଡାଖାଇ ଯାତ୍ରା ପାଳିତ ହୋଇଛି । ଦେବୀ ପିତାବଳି ଠାକୁରାଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ଦେବୀଙ୍କ ଚଳନ୍ତି ପ୍ରତିମା ଛତି ଛତ୍ର ସହ ଶୋଭାଯାତ୍ରାରେ ଗ୍ରାମର ଉତ୍ତର ଦିଗରେ ଥିବା ସତୀ କନ୍ୟା ଦେବୀଙ୍କ ପୀଠକୁ ଆସିଥିଲା । ପରେ ମହିଳାମାନେ ଶୋଭାଯାତ୍ରାରେ ବାହାରି ପୀଠରେ ପହଞ୍ଚିବା ପରେ ଦେବୀ ସତୀ କନ୍ୟାଙ୍କ ପୂଜା ଅନୁଷ୍ଠିତ ହୋଇଥିଲା ।

## ପ୍ରାଥମିକ ଶିକ୍ଷକଙ୍କ ବୈଠକ

ଡୁଙ୍ଗୁରିପାଲି, ୫ ।୧୨(ସମିସ): ସ୍ଥାନୀୟ ଆରଏମ୍‌ସି ପରିସରରେ ନୂତନ ପେନ୍‌ସନ୍‌ଭୁକ୍ତ ଶିକ୍ଷକମାନଙ୍କ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଂଗଠନ ତରଫରୁ ଡାକରା ଦିଆଯାଇଥିବାରୁ ସମସ୍ତେ ଆନ୍ଦୋଳନରେ ସାମିଲ ହେବାକୁ ସହମତି ପ୍ରକାଶ ପାଇଥିଲା । ଡୁଙ୍ଗୁରିପାଲି ବ୍ଲକ ନୂତନ ପେନ୍‌ସନ୍‌ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବୀନ୍ଦ୍ର କୁମ୍ଭାର, ଲେଭେଲ ଭିଏ ସଂଘର ସଭାପତି ପ୍ରକାଶ ଚନ୍ଦ୍ର ବାରିକ, ଉପସଭାପତି ସୌରଭ ସାହୁ, ସମ୍ପାଦକ ମନୋହର ଦୀପ, ସହସମ୍ପାଦକ ଗୋପବନ୍ଧୁ ବାଗ, କୋଷାଧ୍ୟକ୍ଷ ଅଶ୍ୱିନୀ ପଧାନ, ଗଣମାଧ୍ୟମ ସଂଯୋଜକ ରମେଶ ସାହୁ ଉପସ୍ଥିତ ଥିଲେ । ଶିକ୍ଷକ ଗୋପାଳ ଦାଶ, ଦେବବ୍ରତ ବୁଢ଼େକ, ନୀଳାଞ୍ଚଳ ପଣ୍ଡା, ରାମଗୋପାଳ ଭୋଇ, କୁଶ ଭୋଇ, ହରିବୋଲ ବରିହା, ସୁରେଶ ସାହୁ, ହିମାଂଶୁ ନାଏକ, ନରେନ୍ଦ୍ର ପୁରୋହିତ ସହଯୋଗ କରିଥିଲେ । ବରିଷ୍ଠ ଶିକ୍ଷକ ଋଷଭ ନାଏକ ଧନ୍ୟବାଦ ଦେଇଥିଲେ ।

## ଆମ୍ବେଦକରଙ୍କ ମହାପରି ନିର୍ମାଣ ଦିବସ ପାଇଁ ପ୍ରସ୍ତୁତି

ଡୁଙ୍ଗୁରିପାଲି, ୫ ।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସ୍ଥିତ ତହସିଲ ଅଫିସ (ଡାକବଙ୍ଗଳା)ଠାରେ ଡ଼. ବି. ଆର ଆମ୍ବେଦକରଙ୍କ ୭୦ତମ ମହାପରି ନିର୍ମାଣ ଦିବସ ପାଳନ ହେବ । ଏଥିପାଇଁ ଜିଲ୍ଲା ଓବିସି ସମାଜ ସଭାପତି ଗଙ୍ଗାଧର ଖମାରୀଙ୍କ ଆଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁବର୍ଣ୍ଣପୁର ଡୁଙ୍ଗୁରିପାଲି ବ୍ଲକ ଆମ୍ବେଦକର ଜୟନ୍ତୀ କମିଟିର ସଭାପତି ଖଗେଶ୍ୱର କୁମ୍ଭାର, ବ୍ଲକର ଏସି/ ଏସଟି ସମନ୍ୱୟ କମିଟି ସଭାପତି ଶ୍ୟାମସୁନ୍ଦର ଭୋଇ, ସମ୍ପାଦକ ପ୍ରକାଶ କୁମ୍ଭାର, ବ୍ଲକ ଏସସି କଲ୍ୟାଣ ସଙ୍ଘର ସଭାପତି ସୁରୁବାବୁ ନନ୍ଦ, ଲକ୍ଷେ ଘର ଗଣ୍ଡା ସମାଜର ସଭାପତି ନିତେଇ ପାଳ, କାର୍ଯକାରୀ ସଭାପତି କୃଷ୍ଣଚନ୍ଦ୍ର ବାଗ, ଡୁଙ୍ଗୁରିପାଲି ବ୍ଲକର ଆମ୍ବେଦକର ସେବା ସଙ୍ଘ ସଭାପତି ରାଜକିଶୋର ତାଣ୍ଡି, ଶ୍ରୀଧର ଭାରାସାଗର, କାର୍ତ୍ତିକ ସୁନା, ସୁନାରାମ ବାଗ, ଭୁବନେଶ୍ୱର ନାଗ, ଉତ୍ତମ ତାଣ୍ଡି, କରୁନାକର ତାଣ୍ଡି, ସାନନ୍ଦ ତାଣ୍ଡି, ଉପେନ୍ଦ୍ର କୁମ୍ଭାର, ରିଙ୍କୁ ବାଗ, ବଳିଷ୍ଠ ନାଗ, ବିବେକ ଦୀପ, ଗଙ୍ଗାଧର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଚିତ୍ରାଙ୍କନ ପ୍ରତିଯୋଗିତା

ବୌଦ୍ଧ, ୫ ।୧୨(ସମିସ): ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ୍ ବୌଦ୍ଧ ଦ୍ୱାରା ଆୟୋଜିତ ବିଂଶତମ ବୌଦ୍ଧ ପୁସ୍ତକମେଳା ଦ୍ୱିତୀୟ ଦିନ ଅବସରରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖା ତରଫରୁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ୫ମରୁ ଦଶମ ଶ୍ରେଣୀ ଯାଏଁ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ପ୍ରତିଯୋଗିତାରେ ୧୪ଟି ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ନିରନ୍ତର ବିକାଶ ଲକ୍ଷ୍ୟ ପ୍ରସଙ୍ଗ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଚିତ୍ରାଙ୍କନ ପ୍ରତିଯୋଗିତାକୁ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖାର ଉପ ନିର୍ଦ୍ଦେଶକ ପ୍ରସନ୍ନ କହଁର ଏବଂ କର୍ମଚାରୀ ପରିଚାଳନା କରିଥିଲେ ।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ବୌଦ୍ଧ, ୫ ।୧୨(ସମିସ): ଜିଲ୍ଲା ଷ୍ଟାଡିୟମରେ ବିଧାନସଭାସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ପୂର୍ବତନ ଖେଳାଳି ତଥା ଶିକ୍ଷାବିତ୍ ଶ୍ୟାମସୁନ୍ଦର ମହାପାତ୍ର, ଡିପିଇ ଆନନ୍ଦ ବେହେରା, ଜିଲ୍ଲା କ୍ରିକେଟ ଆସୋସିଏସନ ଉପ-ସଭାପତି ଲମ୍ବୋଦର ପୁରୋହିତ ଯୋଗ ଦେଇଥିଲେ । କ୍ରିକେଟ ଓ ଭଲିବଲ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଜୁନିଅର ଗ୍ରୁପ ସରସ୍ୱତୀ ଶିଶୁ ମନ୍ଦିର ବୌଦ୍ଧ ଓ ଖୁଣ୍ଟବନ୍ଧ ମଧ୍ୟରେ ଏହି କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ୧୨ ଓଭର ବିଶିଷ୍ଟ ମ୍ୟାଚରେ ଖୁଣ୍ଟବନ୍ଧ ସମସ୍ତ ୱିକେଟ ହରାଇ ୬୬ ରନ୍ କରିଥିଲା । ଜବାବରେ ସରସ୍ୱତୀ ଶିଶୁ ମନ୍ଦିର ୪ ଓଭରରେ ଦଳକୁ ଜିତାଇ ଥିଲା । ସେହିଭଳି ବୌଦ୍ଧ ଏନଏସି ଓ ହରଭଙ୍ଗା ମଧ୍ୟରେ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ହୋଇଥିଲା । ଏନଏସି ୨-୦ ଗୋଲ୍‌ରେ ବିଜୟୀ ହୋଇଥିଲା ।

## ଯୁବ ମହୋତ୍ସବ ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

ବୌଦ୍ଧ, ୫ ।୧୨(ସମିସ): ବୌଦ୍ଧରେ ଯୁବ ମହୋତ୍ସବ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି । ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଯୁବ ମହୋତ୍ସବ ପାଇଁ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି । ଅଧିକରୁ ଅଧିକ ଯୁବ ବର୍ଗଙ୍କୁ ଏଥିରେ ସାମିଲ କରି ମହୋତ୍ସବର ସଫଳତା ପାଇଁ ଉପ ଜିଲ୍ଲାପାଳ ବିନୟ ଭୋଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ବୈଠକରେ ଭାରପ୍ରାପ୍ତ ଜିଲ୍ଲା କ୍ରୀଡା ଅଧିକାରୀ ସୁଧର୍ମା ମଲ୍ଲିକ ସମସ୍ତ ବିଷୟ ଉପସ୍ଥାପନ କରିଥିଲେ । ମାଇଁ ଭାରତ ସଂଯୋଜକ ଆସମାନ ମହାକୁଡ଼ ସମସ୍ତ ପ୍ରତିଯୋଗିତା ପାଇଁ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଶୁଭେନ୍ଦୁ ଜେନା, ସହକାରୀ ଜିଲ୍ଲାପାଳ ଚାନ୍ଦିନୀ ମେହେର, ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟକ୍ଷା, ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରୀ, ବିଭିନ୍ନ ଅନୁଷ୍ଠାନର ସଭ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ପ୍ରମୁଖ ଯୋଗ ଦେଇଥିଲେ ।

## ଚିଠିରେ ଦୁଃଖ ଜଣାଇଲେ ଆଉଟ୍‌ସୋର୍ସିଂ କର୍ମଚାରୀ



ବୌଦ୍ଧ, ୫ ।୧୨(ସମିସ): ଦେଶର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି, ପ୍ରଧାନମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଆଉଟ୍‌ସୋର୍ସିଂ କର୍ମଚାରୀ ଚିଠି ଲେଖିଛନ୍ତି । ରାଜ୍ୟ ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି । ଓଡ଼ିଶାର ସମସ୍ତ ଜିଲ୍ଲା ପରି ବୌଦ୍ଧ ଜିଲ୍ଲା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ତଥା ଜିଲ୍ଲାର ସମସ୍ତ କର୍ମଚାରୀ ପୋଷ୍ଟକାର୍ଡ ମାଧ୍ୟମରେ ଚିଠି ଲେଖିଛନ୍ତି । ଚିଠିରେ ଏମାନେ ନିଜ ନିଜର ଦୁଃଖ ଜଣାଇ ତାହାର ସମାଧାନ ପାଇଁ ଅନୁରୋଧ କରିଛନ୍ତି । ସମାନକାମକୁ ସମାନ ଦରମା, ସମସ୍ତ ଡେଲିୱେଜେସ୍ କର୍ମଚାରୀଙ୍କୁ ମାସିକ ଦରମା ପାଉଥିବା ଆଉଟସୋର୍ସିଂ କର୍ମଚାରୀଙ୍କ ପରି ସମସ୍ତ ସୁବିଧା ଯୋଗାଇଦେବା, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଛଟେଇ ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ କରିବା, ସମସ୍ତ ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରିବା ଆଦି ଦାବି ନେଇ ଏମାନେ ଚିଠି ଲେଖିଛନ୍ତି । ବୌଦ୍ଧ ଜିଲ୍ଲାର ସଭାପତି ସଞ୍ଜିତ ଜେନାଙ୍କ ଆହ୍ୱାନରେ ଜିଲ୍ଲାର ପ୍ରାୟ ୩୦୦ରୁ ଅଧିକ କର୍ମଚାରୀ ଏହି ଚିଠି ଲେଖିଛନ୍ତି ।

## ମହାନଦୀ ନେତ୍ର ଚିକିତ୍ସାଳୟ ଅଧିକ୍ଷକଙ୍କୁ ଦାବିପତ୍ର

ବୀରମହାରାଜପୁର, ୫ ।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରର ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟର ଅଧିକ୍ଷକଙ୍କୁ ଶୁକ୍ରବାର ବରିଷ୍ଠ ନାଗରିକ ସଂଗଠନ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ଚକ୍ଷୁ ସମ୍ପର୍କୀତ ଔଷଧ ଓ ଚଷମା ଉପରେ ୨୦ ପ୍ରତିଶତ ରିହାତି ପ୍ରଦାନ, ବରିଷ୍ଠ ନାଗରିକମାନଙ୍କୁ ଚିକିତ୍ସା ତଥା ଅନ୍ୟାନ୍ୟ ସେବା କ୍ଷେତ୍ରରେ ଅଗ୍ରାଧିକାର ପ୍ରଦାନ, ପରିମଳ ଓ ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦେବା, ଚିକିତ୍ସାଳୟର ବିଭିନ୍ନ ନିଯୁକ୍ତି କ୍ଷେତ୍ରରେ ସ୍ୱଚ୍ଛତା ଆଦି ବିଷୟ ଉଲ୍ଲେଖ ରହିଛି । ବରିଷ୍ଠ ନାଗରିକ ସଂଗଠନର ସଭାପତି ଡକ୍ଟର ପ୍ରଫୁଲ୍ଲ ରଥଙ୍କ ନେତୃତ୍ୱରେ ଅନୁଷ୍ଠାନର ସମ୍ପାଦକ ସନ୍ତୋଷ ଷଡଙ୍ଗୀ, ପୂର୍ବତନ ସଭାପତି ଭଗବାନ ମିଶ୍ର ଓ କୃଷ୍ଣଚନ୍ଦ୍ର ପାଢ଼ୀ, ସଦସ୍ୟ ଧନୁ ପଧାନ, ଭୂଷଣ ପାତ୍ର, ବାସୁଦେବ ପଣ୍ଡା, ଗୋପୀନାଥ ମହାକୁର, ଅକ୍ଷୟ ମିଶ୍ର, ବଳରାମ କାଣ୍ଡ, ଜ୍ଞାନେନ୍ଦ୍ର ତ୍ରିପାଠୀ, ତ୍ରିନାଥ ମିଶ୍ର, ଅକ୍ରୁର ଦନ୍ତା, ଚମରା ମହାକୁର, ଜୀତେନ୍ଦ୍ର ପଧାନ, ସତ୍ୟ ନାରାୟଣ ନାୟକ, ଜମ୍ବେଶ୍ୱର ପଧାନ ପ୍ରମୁଖ ସାମିଲ୍ ହୋଇଥିଲେ । ଅଧିକ୍ଷକ



ଦେବେନ୍ଦ୍ର ସାହୁ ଦାବିପତ୍ର ଗ୍ରହଣ କରି ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ନେତ୍ର ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ବିଭୁ ପ୍ରସାଦ ବଳିଆର ସିଂହ, କ୍ଲିନିକାଲ୍ ଷ୍ଟାଫ୍ ପ୍ରତ୍ୟୁଷରଞ୍ଜନ ଦାଶ, ଅମରେଶ ଦଣ୍ଡସେନା, ମନୋରଞ୍ଜନ ପଧାନ, ଦୟାନିଧି ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଶାସନ ସହଯୋଗରେ ଗାଁକୁ ଫେରିଲା ଶବ

ବୌଦ୍ଧ, ୫ ।୧୨(ସମିସ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କ ତତ୍ପରତା ଯୋଗୁଁ ଜଣେ ଦାଦନ ଶ୍ରମିକଙ୍କ ମୃତଦେହ



ଗାଁକୁ ଫେରିଛି । ମୃତକ ହେଲେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ନାରାୟଣ ପ୍ରସାଦ ପଞ୍ଚାୟତ ଅଧୀନ ଲୁଣ୍ଡୁରୁ ଗ୍ରାମର ଦଶରଥ ସୁନା । ଗତ ୩ ବର୍ଷ ହେଲା ସେ କର୍ଣ୍ଣାଟକ ରାଜ୍ୟର ଉର୍ବନ ଜିଲ୍ଲା ଜିଗିନି ଥାନା ଗୋହଳହଲିଠାରେ ଥିବା ଏକ ବ୍ରଏଲର ଫାର୍ମରେ ନିଜ ସ୍ତ୍ରୀ ଓ ୨ ପିଲାଙ୍କ ସହିତ କାମ କରୁଥିଲେ । ଗତ ୧ ତାରିଖ ଦିନ ୧୨ଟା ସମୟରେ ସେଠାରେ ଦଶରଥଙ୍କ ମୃତ୍ୟୁ ଘଟିଥିବା ତାଙ୍କ ସ୍ତ୍ରୀ ଫୋନ କରି ଲୁଣ୍ଡୁରୁସ୍ଥିତ ପରିବାର ଲୋକଙ୍କୁ ଜଣାଇଥିଲେ ଏବଂ ସ୍ୱାମୀଙ୍କ ଶବ ଉର୍ବନ ଜେନେରାଲ ହସ୍ପିଟାଲରେ ଥିବା କହିଥିଲେ । ୨ ତାରିଖ ଦଶରଥଙ୍କ ବାପା ସୁନପତି ସୁନା ପୁଅର ଶବକୁ ଘରକୁ ଆଣିବାକୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଅନୁରୋଧ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ଶ୍ରମ ଅଧିକାରୀ କର୍ଣ୍ଣାଟକ ରାଜ୍ୟର ସମ୍ପୃକ୍ତ ଡାକ୍ତରଖାନାକୁ ଏକ ଆମ୍ବୁଲାନ୍ସ ପଠାଇଥିଲେ । ଦଶରଥଙ୍କ ମୃତଦେହ ଧରି ଆମ୍ବୁଲାନ୍ସଟି ଲୁଣ୍ଡୁରୁ ଗ୍ରାମରେ ପହଞ୍ଚିଥିଲା । ଏହାପରେ ପରିବାର ଲୋକେ ଗାଁ ଶ୍ମଶାନରେ ଦଶରଥଙ୍କ ଶବ ସତ୍କାର କରିଥିଲେ ।

## ଗଞ୍ଜେଇ ଚାଷ ନଷ୍ଟକଲା ପୁଲିସ

ବୌଦ୍ଧ, ୫ ।୧୨(ସମିସ): ବୌଦ୍ଧ ପୁଲିସ ଗଞ୍ଜେଇମୁକ୍ତ ଜିଲ୍ଲା ପାଇଁ ବିଭିନ୍ନ ଜଙ୍ଗଲରେ ଚଢ଼ଉ କରି ହଜାର ହଜାର ଗଞ୍ଜେଇ ଗଛ ନଷ୍ଟ କରୁଛି । ଏହିକ୍ରମରେ ଘଣ୍ଟାପଡ଼ା ଥାନା ପକ୍ଷରୁ ନାରାୟଣ ପ୍ରସାଦ ପଞ୍ଚାୟତ ଲୁଣ୍ଡୁରୁ ଜଙ୍ଗଲରେ ଚଢଉ କରାଯାଇଛି । ସେଠାରେ ୭୮ ଏକର ପରିମିତ ଜଙ୍ଗଲ ଜମିରେ ବେଆଇନ ଭାବେ ଲାଗିଥିବା ୭୮ ହଜାର ଗଞ୍ଜେଇ ଗଛକୁ ପୁଲିସ କାଟିବା ପରେ ପୋଡ଼ି ଦେଇଛି ।

## ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ



ବୌଦ୍ଧ, ୫ ।୧୨(ସମିସ): ସ୍ଥାନୀୟ କଚେରୀ ଖେଳ ପଡ଼ିଆଠାରେ ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ ଦ୍ୱାରା ଆୟୋଜିତ ବିଂଶତମ ବୌଦ୍ଧ ପୁସ୍ତକମେଳାରେ ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସତ୍ୟଜିତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଚ୍ଛାୟତ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଯୋଗ ଦେଇଥିଲେ । ଫୋରମ୍‌ର ଉପ ସଭାପତି ସତ୍ୟନାରାୟଣ ପାଣି ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଆୟୋଜିତ କବିତା ପାଠୋତ୍ସବରେ କବି ଦେବେନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ । କବି ନବ କିଶୋର ଦୀପ ଓ ଆକାଶ ସାହୁ ସଂଯୋଜନା କରିଥିଲେ । ଭବାନୀପାଟଣା ମୟୂରୀ ନୃତ୍ୟ ଏକାଡେମୀ ଓ ବୌଦ୍ଧ ରୁଦ୍ର ଭୈରବୀ ଅନୁଷ୍ଠାନର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଖଲିଆବଗିଚା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି

ବୌଦ୍ଧ, ୫ ।୧୨(ସମିସ): ବୌଦ୍ଧ ସହର ଖଲିଆବଗିଚା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ତାଲା ଭାଙ୍ଗି ଚୋରି ହୋଇଥିବା ବୌଦ୍ଧ ଥାନାରେ ଅଭିଯୋଗ ହୋଇଛି । କାର୍ଯ୍ୟାଳୟ ପ୍ରକୋଷ୍ଠ ଓ ଅନ୍ୟ ଏକ ଶ୍ରେଣୀ ଗୃହର ତାଲା ଭଙ୍ଗାଯାଇ କବାଟ ଖୋଲାଥିଲା । କାର୍ଯ୍ୟାଳୟ ଭିତରେ ଥିବା ଆଲମାରୀ ଖୋଲି କାଗଜପତ୍ର ଫିଙ୍ଗା ଫୋପଡ଼ା ହୋଇଥିବା ଓ ସେଠାରେ ଥିବା ଏକ କମ୍ପ୍ୟୁଟର ଭଙ୍ଗା ଯାଇଥିବା ଦେଖିବାକୁ ମିଳିଥିଲା । ପ୍ରଧାନ ଶିକ୍ଷୟିତ୍ରୀ ସୋନାଲି ପୁରୋହିତ ଏ ସମ୍ପର୍କରେ ବୌଦ୍ଧ ଥାନାକୁ ସୂଚନା ଦେବାପରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତେବେ କେଉଁ କେଉଁ ସାମଗ୍ରୀ ଚୋରୀ ହୋଇଛି ତାହା ଜଣା ପଡ଼ି ନାହିଁ ।

## ଆଇନ ଅନୁସାରେ ପୋଷ୍ୟସନ୍ତାନ ଗ୍ରହଣ କରିବା ଆବଶ୍ୟକ

ବୌଦ୍ଧ, ୫ ।୧୨(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ବ୍ଲକ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ପୋଷ୍ୟ ସନ୍ତାନ ମାସ-୨୦୨୫ ଉପରେ ଏକ ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଡିଓ ଯୁଗଳ କିଶୋର ବିଶ୍ୱାଳ ଯୋଗଦେଇ କାର୍ଯକ୍ରମର ଉଦ୍‌ଘାଟନ କରିଥିଲେ । ଗ୍ରାମ୍ୟ ସ୍ତରରେ ଠିକ୍ ଭାବରେ ସୂଚନା ପ୍ରଦାନ କରିବାକୁ ପରାମର୍ଶ ଦେବାସହ ଆଇନ ଅନୁସାରେ ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଆଶା ଏବଂ ଅଙ୍ଗନବାଡି କର୍ମୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ସ୍ୱମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ୱାହିଦା ବେଗମ ଯୋଗଦେଇ ଆଇନ୍‌ର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ସୁଶାନ୍ତ ଭୋଇ ପୋଷ୍ୟ ସନ୍ତାନ ଗ୍ରହଣ ଅଧିନିୟମ-୨୦୨୨ରେ ଥିବା ବ୍ୟବସ୍ଥା ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ପରାମର୍ଶଦାତା ବସନ୍ତ ଦିସିରି ଧନ୍ୟବାଦ ଅର୍ପଣ କରିଥିଲେ । ସୌମ୍ୟ ରଞ୍ଜନ ଜେନା, ଶ୍ରବଣ ସାହୁ, ରଞ୍ଜିତ ସାହୁ ଏବଂ ସତ୍ୟନାରାୟଣ ନାଏକ ସହଯୋଗ କରିଥିଲେ ।

## ନିଆଁ ପୋଇଁବାବେଳେ ପୋଡି ହୋଇ ବୃଦ୍ଧ ଗୁରୁତର

ହରଭଙ୍ଗା, ୫ ।୧୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ନିକଟରେ ରହୁଥିବା ଦ୍ୱିତୀକୃଷ୍ଣ ମୁଖୀ (୬୧) ନାମକ ଜଣେ ବୃଦ୍ଧ ନିଆଁ ପୋଇଁବାବେଳେ ପୋଡିଯାଇ ଗୁରୁତର ହୋଇଛନ୍ତି । ତାଙ୍କୁ ହରଭଙ୍ଗା ଅଗ୍ନିଶମ ବାହିନୀ ଉଦ୍ଧାର କରି ପ୍ରଥମେ ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରିଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୌଦ୍ଧ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ତାଙ୍କ ଶରୀରର ୫୦ ଭାଗ ପୋଡ଼ି ଯାଇଛି । ତେବେ ତାଙ୍କ ନିଜ ଘର କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଟୁଡୁବାଲି ଗ୍ରାମରେ ହୋଇଥିବା ବେଳେ ସେ ଚାରିଛକରେ ଏକାକୀ ଦୀର୍ଘ ଦିନ ହେଲା ରହିଆସୁଛନ୍ତି ।

### ୩୨ତମ ଅମରପାଲି କ୍ରିକେଟ କପ୍

# ସେମିଫାଇନାଲରେ ବହଳପଦର

ବୀରମହାରାଜପୁର, ୫ ।୧୨(ସମିସ)




ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅମରପାଲିସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ଫ୍ରେଣ୍ଡସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୩୨ତମ ଅମରପାଲି କ୍ରିକେଟ କପ୍‌ରେ ବହଳପଦର ସେମିଫାଇନାଲରେ ପ୍ରବେଶ କରିଛି । ଶୁକ୍ରବାର ତୃତୀୟ ଦିବସରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ ବହଳପଦର ଓ ରଶିବେଡ଼ା ପରସ୍ପରକୁ ଭେଟିଥିଲେ । ଏଥିରେ ବହଳପଦର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୨୬ ରନ୍ କରିଥିଲା । ଜବାବରେ ରଶିବେଡ଼ା ଦଳ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୭୨ ରନ୍ କରି ପରାସ୍ତ ହୋଇଥିଲା । ଏହି ମ୍ୟାଚ୍‌ରେ ବହଳପଦରର ବିକାଶ ଛତ୍ରୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଘୋଷଣା କରାଯାଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚ୍ ଉଲୁଣ୍ଡା ଓ ଲୁତୁରପଙ୍କ ମଧ୍ୟରେ ହୋଇଥିଲା । ଏଥିରେ ଉଲୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୧୧୫ ରନ୍ କରିଥିଲା । ଜବାବରେ ଲୁତୁରପଙ୍କ ଦଳ ନିର୍ଦ୍ଧାରିତ ୮ ଓଭରରେ ୩ ଉଇକେଟ ହରାଇ ୮୭ ରନ୍ କରି ପରାସ୍ତ ହୋଇଥିଲା । ଏହି ମ୍ୟାଚ୍ ପାଇଁ ଉଲୁଣ୍ଡାର ଅଭିଳାଷ ନାଏକଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ତୃତୀୟ ମ୍ୟାଚ୍ ପ୍ରଥମ ମ୍ୟାଚ୍‌ର ବିଜେତା ବହଳପଦର ଓ ଦ୍ୱିତୀୟ ମ୍ୟାଚ୍‌ର ବିଜେତା ଉଲୁଣ୍ଡା ମଧ୍ୟରେ ହୋଇଥିଲା । ଏଥିରେ ଉଲୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୯୩ ରନ୍ କରିଥିଲା । ଜବାବରେ ବହଳପଦର ଦଳ ଆବଶ୍ୟକ ୯୪ ରନ୍‌କୁ ନିର୍ଦ୍ଧାରିତ ୧୦ ଓଭରର ଶେଷ ବଲ୍‌ରେ ୮ ଉଇକେଟ ହରାଇ ସେମିଫାଇନାଲରେ ପ୍ରବେଶ କରିଛି । ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନର ସଭାପତି ଡ. ପ୍ରଫୁଲ୍ଲ ରଥ ମୁଖ୍ୟଅତିଥି, ସାଇ ଶିକ୍ଷା ନିକେତନର ସମ୍ପାଦକ ସରୋଜ ସାହୁ, ବିଶିଷ୍ଟ ବ୍ୟବସାୟୀ ଶ୍ୟାମ କୁମାର ସାହୁ ଓ ଅମରପାଲି ହାଇସ୍କୁଲର ଖେଳ ଶିକ୍ଷକ କହ୍ନେଇ ଚରଣ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବହଳପଦରର କୁନା ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ । ସୁରେଶ ବିଶି, ରଘୁବୀର ମିଶ୍ର, ପ୍ରବୀଣ ଦାସ, ଦିଲ୍ଲୀପ ପ୍ରଧାନ, ଶୁଭେନ୍ଦୁ ଶେଖର ସାହୁ, ବନମାଳୀ ଗୌନ୍ତିଆ, ରିମନ ସାହୁ, ମାନସ ନନ୍ଦ, ନିହାର ରଞ୍ଜନ ସାହୁ ଓ ପୀତାମ୍ବର ସାହୁ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ ।

# ୧୭ ରୁ କାର୍ଯ୍ୟକ୍ଷମ ହେବ ନୂତନ ବସ୍‌ଷ୍ଟାଣ୍ଡ

**ଦେବଗଡ଼, ୫।୧୨(ସମିସ):** ବିକାଶଭବନ ସମ୍ମିଳନୀ କକ୍ଷଠାରେ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକଙ୍କ ଆବାହକତ୍ୱ ଏବଂ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂଆ ବାଲିରୋଇସ୍ଥିତ ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ କରିବାନେଇ ତାରିଖ ନିର୍ଦ୍ଧାରଣ ସହ ଆବଶ୍ୟକ ଭିତ୍ତିଭୂମିର ତଦାରଖ ପାଇଁ ଜିଲ୍ଲା ଘରୋଇ ବସ୍ ମାଲିକ ସଙ୍ଘ ଓ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କୁ ଜିଲ୍ଲାପାଳ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଆସନ୍ତା ୧୭ ତାରିଖ ଦିନ ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବାପୂର୍ବରୁ ଯାତ୍ରୀଙ୍କ ସୁବିଧା ପାଇଁ ବିଶ୍ରାମ ଗୃହ, ପାନୀୟ ଜଳ ଓ କ୍ୟାଣ୍ଟିନ ଖୋଲିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସେହିପରି ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ପୁଲିସ ଟ୍ରାଫିକ ପୋଷ୍ଟ, ରାସ୍ତା କଡ଼ରେ ଆଲୋକୀକରଣ ସହ ଅଟୋଷ୍ଟାଣ୍ଡ ପାଇଁ ମଧ୍ୟ ସ୍ଥାନ ନିରୂପଣ କରିବାକୁ ପୁଲିସ, ପୌର ପରିଷଦ ଓ ଘରୋଇ ବସ୍ ମାଲିକ ସଙ୍ଘକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସହର ମଧ୍ୟରେ ଥିବା ପୁରୁଣା ବସ୍‌ଷ୍ଟାଣ୍ଡ ପୂର୍ବବତ ରହିବା ସହ ନୂତନ ବସ୍‌ଷ୍ଟାଣ୍ଡରେ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ବସ୍ ଯିବା ଆସିବା କରିବାକୁ ଘରୋଇ ବସ୍ ମାଲିକ ସଙ୍ଘକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ଲଖନପୁର ଖଣିକ୍ଷେତ୍ର ଶ୍ରମିକଙ୍କ ବୈଠକ



**ଇବଥର୍ମାଲ, ୫।୧୨(ସମିସ):** ଲଖନପୁର କୋଇଲା କ୍ଷେତ୍ର ବିଭିନ୍ନ ଖଣି ତଥା କାର୍ଯ୍ୟାଳୟରେ କାମକରୁଥିବା ଶ୍ରମିକ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବନ୍ଧବାହାଲସ୍ଥିତ ଗଙ୍ଗ ଫିଲ୍ଡ ଠାରେ ଅନୁଷ୍ଠିତ ଏହି ବୈଠକରେ ଲଖନପୁର କୋଇଲା କ୍ଷେତ୍ରରେ ଥିବା ଶ୍ରମିକ ସଂଗଠନ ଦ୍ୱାରା ଯେଉଁ ଶ୍ରମିକମାନେ କ୍ରମଶଃ ଅବହେଳିତ ସେମାନେ ସମସ୍ତେ ଏଥିରେ ଯୋଗ ଦେଇଥିଲେ। ସୁରେଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଶ୍ରମିକମାନେ ପ୍ରକାଶ କରି ଶ୍ରମିକ ସଂଗଠନର ନେତୃମଣ୍ଡଳୀ ତଥା ନିର୍ଦ୍ଦିଷ୍ଟ କିଛି ଶ୍ରମିକ ସଂଗଠନ କେବଳ ନିଜ ସ୍ୱାର୍ଥରେ କାର୍ଯ୍ୟ କରୁଥିବା ହେତୁ ଏକ ନୂତନ ଶ୍ରମିକ ସଂଗଠନ ଗଠନ କରିବାକୁ ପ୍ରସ୍ତାବ ଦିଆ ଯାଇଥିଲା। ପରେ ଶ୍ରମିକ ଓ ଲଖନପୁର କୋଇଲା କ୍ଷେତ୍ର ଅଞ୍ଚଳର ସାମାଜିକ, ଆଞ୍ଚଳିକ, ତଥା ଶ୍ରମିକମାନଙ୍କୁ ନ୍ୟାୟର ଲଢେଇ ଲଢ଼ିବାକୁ ଆଞ୍ଚଳିକ ଶ୍ରମିକ ସଂଗଠନ ନାମରେ ଏକ ନୂଆଁ ସଂଗଠନ ଗଠନ କରା ଯାଇଥିଲା। ଆଗାମୀ ଦିନରେ ସଂଗଠନକୁ ପଞ୍ଜିକୃତ କରାଯାଇ ସମ୍ପୂର୍ଣ୍ଣ ରୂପରେଖ ପ୍ରଦାନ କରିବାକୁ ପ୍ରସ୍ତାବ ଗ୍ରହଣ କରା ଯାଇଥିଲା। ଏଥିରେ ଥିବା ସଦସ୍ୟ ବିଭିନ୍ନ ଦୁର୍ନୀତିର ପ୍ରତିବାଦ କରିବାସହ ଆଗାମୀ ଦିନରେ ସମସ୍ତଙ୍କୁ ସାଥିରେ ନେଇ ବିକାଶ ମୂଳକକାର୍ଯ୍ୟ କରିବା ପାଇଁ ସଂକଳ୍ପ ନେଇଥିଲେ। ବୈଠକରେ ଦୀପକ ପ୍ରଧାନ, ରାଜେଶ ସାହୁ, ସୁଜିତ ଖମାରୀ, କିଶୋର ଖର୍ସେଲ, ମଳୟ ପ୍ରଧାନ, ଜୟଦେବ ବାରିକ, ଭୂଜ ପ୍ରଧାନ, ଡିଲେଶ୍ୱର ପ୍ରଧାନଙ୍କ ସମେତ ଅନେକ ଶ୍ରମିକ ବୈଠକରେ ସାମିଲ ହୋଇଥିଲେ। ପିଣ୍ଟୁ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ 'ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ' ବୈଠକ

# ୬ଟି ନିବେଶ ପ୍ରସ୍ତାବ ଉପରେ ଆଲୋଚନା

**ଝାରସୁଗୁଡ଼ା, ୫।୧୨(ସମିସ)**



ଜିଲ୍ଲାର ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନକ୍ଷେତ୍ରରୁ ଆସିଥିବା ୬ଟି ନିବେଶ ପ୍ରସ୍ତାବ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯିବା ସହିତ ସେଗୁଡ଼ିକୁ ମଞ୍ଜୁରୀ ଦେବାନେଇ ସମୀକ୍ଷା ମଧ୍ୟ କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଉକ୍ତ ପ୍ରସ୍ତାବଗୁଡ଼ିକୁ ଶୀଘ୍ର କ୍ଲିୟରାନ୍ସ ଦେବାପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଜିଲ୍ଲାର ଅର୍ଥନୈତିକ ବିକାଶ ଓ ପୁଞ୍ଜି ବିନିଯୋଗକୁ ସୁଦୃଢ଼ କରିବା ପାଇଁ ୬ଟି ନିବେଶ ପ୍ରସ୍ତାବ ଗ୍ରହଣ କରାଯାଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ପ୍ରସ୍ତାବଗୁଡ଼ିକ ମୁଖ୍ୟତଃ ରସାୟନିକ ଏବଂ ପେଟ୍ରୋକେମିକାଲ୍, ରିଫ୍ରାକ୍ଟୋରୀ ଇଟା, ପ୍ରି-ଷ୍ଟ୍ରେସ୍ଡ୍ କଂକ୍ରିଟ୍ ସ୍ଲିପର୍ ଏବଂ ପଞ୍ଜୀକୃତ ଯାନବାହନ ସ୍କ୍ରାପିଂ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକ ରହିଥିଲା। ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ, ସମ୍ବଲପୁରର ଇଡ୍‌କୋ ପ୍ରତିନିଧି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଉପସ୍ଥିତ ଥିଲେ।

# ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ 'ଅଫସାଇଟ୍ ମକ୍ ଡ୍ରିଲ୍'

**ଝାରସୁଗୁଡ଼ା, ୫।୧୨ (ସମିସ):** ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଶୁକ୍ରବାର ଝାରସୁଗୁଡ଼ା ସହର ମୁଖ୍ୟ ରାସ୍ତାରେ ବିମାନବନ୍ଦର ଆଡ଼କୁ ଏକ ଅଫସାଇଟ୍ ଜରୁରୀକାଳୀନ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଓଇଆରପି ସହିତ ସମନ୍ୱୟ ରକ୍ଷା କରି ସଠିକ୍ ଯୋଗାଯୋଗ ବ୍ୟବସ୍ଥା, ସମ୍ବଳ ସଂଗ୍ରହ ଏବଂ ଆନ୍ତଃଏଜେନ୍ସି ସହଯୋଗରେ ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ପ୍ରଭାବଶାଳୀତାକୁ ପରୀକ୍ଷା କରିବା ପାଇଁ ଏହି ଅଭ୍ୟାସ କରାଯାଇଥିଲା। ମକ୍‌ଡ୍ରିଲ୍ ଅଭ୍ୟାସ ସମୟରେ ଏକ ବାସ୍ତବିକ ଜରୁରୀକାଳୀନ ପରିସ୍ଥିତି ମଧ୍ୟ ସୃଷ୍ଟି କରାଯାଇଥିଲା ଏବଂ ବିପର୍ଯ୍ୟୟ ପରିସ୍ଥିତି ସୃଷ୍ଟି ହେବା ଖବର ପାଇବା ପରେ, ଜିଲ୍ଲା ଜରୁରୀକାଳୀନ ନିୟନ୍ତ୍ରଣ କେନ୍ଦ୍ର କିଭଳି ତୁରନ୍ତ ପ୍ରତିକ୍ରିୟାଶୀଳ ହେଉଛି ତାହା ନିରୀକ୍ଷଣ କରାଯାଇଥିଲା। ଜିଲ୍ଲା ଅଗ୍ନିଶମ ସେବା, ଜିଲ୍ଲା ହସ୍ପିଟାଲ୍ ଆମ୍ବୁଲାନ୍ସ ସେବା, ପୁଲିସ ବିଭାଗ, ଜରୁରୀକାଳୀନ ଅଧିକାରୀ, ଅନ୍ତର୍ଜାତୀୟ ତଥା ରାଜ୍ୟସ୍ତରୀୟ ଜରୁରୀକାଳୀନ ଦଳ ଏବଂ ନିକଟବର୍ତ୍ତୀ ବେଦାନ୍ତ, ଓପିଜିସି,



ଟିଆରଏଲ କ୍ରୋସାକି, ଆଇଓସିଏଲ, ଭଳି ଶିଳ୍ପାନୁଷ୍ଠାନର କର୍ମଚାରୀ ଏବଂ ସ୍ଥାନୀୟ ପ୍ରଶାସନ ସମେତ ସମସ୍ତ ଦଳ ନିଜନିଜ ଭୂମିକାକୁ ଦକ୍ଷତାର ସହିତ ପ୍ରଦର୍ଶନ କରିଥିଲେ। ଏହି ମକ୍‌ଡ୍ରିଲରେ ଉପ- ଜିଲ୍ଲାପାଳ, ପୁଲିସ୍ ଅଧିକ୍ଷକ, ଜିଲ୍ଲା ପ୍ରତିନିଧିମାନେ ନିକଟରୁ ନିରୀକ୍ଷଣ କରିବା ସହିତ ସଚେତନ ହୋଇଥିଲେ।

# ଗାଡ଼ି ଧକ୍କାରେ ଦମ୍ପତି ଗୁରୁତର

**ବଣାଇଁ, ୫।୧୨(ସମିସ):** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଅଧୀନ ଲଲେଇ ଛକ ନିକଟରେ ଶୁକ୍ରବାରରେ ଏକ ଅଜଣା ଗାଡ଼ି ଧକ୍କାରେ ଦମ୍ପତି ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ମୁଣ୍ଡାଗାଁ ପଟୁ ଜିତେନ୍ଦ୍ର ମହାନ୍ତ (୩୫) ଏବଂ ତାଙ୍କ ସ୍ତ୍ରୀ ଚାଲିଚାଲି ଆସୁଥିବାବେଳେ ଲହୁଣୀପଡ଼ା ବାରକୋଟ ରାସ୍ତାର ଲଲେଇ ଛକ ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଉଭୟ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ପ୍ରାଥମିକ ଚିକିତ୍ସାପରେ ଜିତେନ୍ଦ୍ର ସହ ତାଙ୍କ ସ୍ତ୍ରୀଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲାକୁ ସ୍ଥାନାନ୍ତରିତ କରାଯାଇଛି। ଲହୁଣୀପଡ଼ା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବ୍ଲକସ୍ତରୀୟ ସାଇବର ସଚେତନତା କାର୍ଯ୍ୟକ୍ରମ

**ରିଆମାଳ, ୫।୧୨(ସମିସ):** ରିଆମାଳ ବ୍ଲକସ୍ତରୀୟ ସାଇବର ସଚେତନତା କାର୍ଯ୍ୟକ୍ରମ ଆଇସିଡିଏସ୍ ଅଫିସର ସିଡିପିଓ କନଫରେନ୍ସ ଗୃହରେ ଅନୁଷ୍ଠିତ ହୋଇଛି। ସିଡିପିଓ ସୁପ୍ରଭା ମିଶ୍ରଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ବିଡିଓ ଆଦିତ୍ୟ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଆଇନଜୀବୀ ପ୍ରମୋଦ ନନ୍ଦ, ସମ୍ମାନିତ ଅତିଥି ଭାବେ ଇନ୍ସପେକ୍ଟର ଧିବେଇ ଗଡ଼ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ୍ୱର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବନିତା ବେହେରା ଯୋଗଦାନ କରିଥିଲେ। ଏହି ଅବସରରେ ଷ୍କେଟ୍ ସ୍ୱିମିଂ ଓ ସଫ୍ଟବଲ୍ ପାଇଁ ଖେଳରତ୍ନ ପାଇଁ ଝାନ୍ସିରାଣୀ ଶବର, ଷ୍ଟୋରୀ ଟେଲିଂ ପାଇଁ ଲିଜା ବଣିତୁଲ, ଡ୍ୟାନ୍ସ ପାଇଁ ରୋଜାଲିନ ବଣିତୁଲଙ୍କୁ ୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ସୁଲଭ ଗୃହ ପ୍ରକଳ୍ପ ପାଇଁ ସ୍ଥାନ ଚିହ୍ନଟ

**ଝାରସୁଗୁଡ଼ା, ୫।୧୨(ସମିସ):** ସହରାଞ୍ଚଳର ନିମ୍ନ ଆୟ ବର୍ଗ ଏବଂ ମଧ୍ୟମ ଆୟ ବର୍ଗ ଗୋଷ୍ଠୀର ଆବେଦନକାରୀଙ୍କୁ ସୁଲଭ ଦରରେ ବାସଗୃହ ଯୋଗାଇ ଦେବା ଲକ୍ଷ୍ୟରେ, ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାନ ଝାରସୁଗୁଡ଼ା ନିକଟସ୍ଥ ନୂଆପଡ଼ାର ବୃନ୍ଦାବନ କଲୋନୀ ଅଞ୍ଚଳକୁ ଗସ୍ତ କରିଛନ୍ତି। ସୁଲଭ ଗୃହ ପ୍ରକଳ୍ପ ପାଇଁ ଉପଯୁକ୍ତ ସରକାରୀ ଜମି ଚିହ୍ନଟ କରିବା ନିମନ୍ତେ ଜିଲ୍ଲାପାଳଙ୍କ ଏହିଗସ୍ତ ସମୟରେ ଝାରସୁଗୁଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ, ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପଟି ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରସିପ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ଏହାଦ୍ୱାରା ଅଳ୍ପ ଆୟକାରୀ ପରିବାରମାନେ ସହର ମଧ୍ୟରେ ସୁବିଧାରେ ଗୃହ ପାଇପାରିବେ।

# ନିଖୋଜ ନାବାଳକର ଶବ ଉଦ୍ଧାର

**ବଣାଇଁ, ୫।୧୨(ସମିସ):** ଲହୁଣୀପଡ଼ା ଥାନା ଅଧୀନ ସାଧୁବାହାଲ ଗ୍ରାମରୁ ବୁଧବାରରୁ ନିଖୋଜ ଥିବା ୪ବର୍ଷର ନାବାଳକ ଶିଶୁଙ୍କ ଶବ ଘରପାଖ ପୋଖରୀରୁ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ସାଧୁବାହାଲ ଗ୍ରାମର ସତ୍ୟଜିତ ମୁଣ୍ଡା ଙ୍କ ୪ ବର୍ଷ ର ପୁଅ ଦାମ ମୁଣ୍ଡାଙ୍କ ନିଖୋଜ ନେଇ ବୁଧବାର ରାତିରେ ଲହୁଣୀପଡ଼ା ଥାନାରେ ଅଭିଯୋଗ ହୋଇଥିଲ। ସୂଚନା ମୁତାବକ ସତ୍ୟଜିତଙ୍କ ପରିବାର ଧାନ କାଟିବାକୁ ବିଲକୁ ଯାଇଥିବା ବେଳେ ଶିଶୁ ଦାମ ମୁଣ୍ଡା (୪) ଘରପାଖ ରାସ୍ତାରେ ଖେଳୁଥିଲେ। ମାତ୍ର ଦିନ ଗୋଟେ ବେଳେ ଆସି ପୁଅକୁ ଦେଖିବାକୁ ନପାଇ ଚାରି ଆଡେ ଖୋଜା ଖୋଜି କରିଥିଲେ। ତା ସହ ଘରପାଖରେ ଥିବା ବଡ଼ ପୋଖରୀରେ ଦେଖିଥିଲେ ମଧ୍ୟ କୌଣସି ଖୋଜଖବର ନମିଳିବାରୁ ରାତିରେ ଆସି ପୁଅ ନିଖୋଜ ଥିବା ନେଇ ଲହୁଣୀପଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଗୁରୁବାର ପୁଲିସ ସହ ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ ପୋଖରୀରେ ଖୋଜାଖୋଜି କରା ଯାଇଥିଲେ ମଧ୍ୟ କିଛି ମିଳି ନ ଥିଲା। ଆଜି ଅପରାହ୍ନରେ ଶିଶୁର ଶବ ପୋଖରୀ ପାଣିରେ ଭାସୁଥିବା ଦେଖି ଗ୍ରାମଲୋକ ପୁଲିସକୁ ଖବର ଦେଇଥିଲେ। ଖବରପାଇ ଲହୁଣୀପଡ଼ା ପୁଲିସ ପୋଖରୀ ନିକଟରେ ପହଞ୍ଚି ଶବ ଜବତ କରିଥିଲା। ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଛି। ପୁଲିସ ଏକ ମାମଲା ରୁଜୁକରି କେଉଁ ପରିସ୍ଥିତିରେ ପଡ଼ି ଶିଶୁଟି ପୋଖରୀ ମଧ୍ୟକୁ ଗଲା ତାହାର ତଦନ୍ତ ଚଳାଇଛି।

# ସ୍ମାର୍ଟ ମୋବିଲିଟି ଉପରେ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ

**ରାଉରକେଲା, ୫।୧୨ (ସମିସ):** ଏନ୍‌ଆଇଟି ରାଉରକେଲାର ଯୋଜନା ଏବଂ ସ୍ଥାପତ୍ୟ ବିଭାଗ ପକ୍ଷରୁ ଭିନ୍ନକ୍ଷମମାନଙ୍କ ପାଇଁ ସ୍ମାର୍ଟ ମୋବିଲିଟି ଉପରେ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଛି। ଏହି ଆଲୋଚନାଚକ୍ରକୁ ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମେହେଶ୍ୱର ରାଓ ଉଦ୍‌ଘାଟନ କରି ପାରାଲିମ୍ପିକ ଗେମ୍ସରେ ଭାରତର ପ୍ରେରଣାଦାୟକ ସଫଳତାକୁ ଦେଶର ଅପାର ସମ୍ଭାବନାର ସ୍ମରଣ କରାଇଥିଲେ। ମୁଖ୍ୟବକ୍ତା ଭାବେ ଅଷ୍ଟ୍ରେଲିଆର କର୍ଟିନ୍ ବିଶ୍ୱବିଦ୍ୟାଳୟର ଆବାହକ ପ୍ରଫେସର ରୀନା ତିୱାରୀ ଗତିଶୀଳତା ଯୋଜନାର ମାନ ବ-କୈନ୍ଦ୍ରିକ ଦିଗ ଉପରେ ଗୁରୁତ୍ୱାରୋପ କରି କହିଲେ ଯେ ସୁଗମ ଗତିଶୀଳତା ସ୍ପଷ୍ଟ ଡିଜାଇନ୍ ନିର୍ଦ୍ଦେଶାବଳୀ, ଡିଜିଟାଲ୍ ପ୍ରୟୋଗ ଏବଂ ସକ୍ରିୟ ସମ୍ପ୍ରଦାୟ ସହଭାଗୀତା ଉପରେ ନିର୍ଭର କରେ, ସେ ଆହୁରି ମଧ୍ୟ କହିଛନ୍ତି ଯେ ଯେଉଁ ଲୋକମାନଙ୍କ ପାଇଁ ଗତିଶୀଳତା ସମାଧାନ ଡିଜାଇନ୍ କରାଯାଇଛି ସେମାନଙ୍କୁ ବୁଝିବା ପାଇଁ ମାନସିକତାରେ ପରିବର୍ତ୍ତନ ଆବଶ୍ୟକ। ଏନ୍‌ଆଇଟି କୁଳସଚିବ ପ୍ରଫେସର ରୋହନ ଧିମାନ କହିଲେ ଯେ ସଶକ୍ତୀକରଣ ଏବଂ ଗତିଶୀଳତା ସମ୍ବଳଗୁଡ଼ିକର ଉନ୍ନତ ପ୍ରବେଶ ପାଇଁ ସରକାରୀ ଯୋଜନା ଏବଂ ସହଯୋଗୀ ଢାଞ୍ଚାର ପ୍ରଭାବଶାଳୀ ବ୍ୟବହାର ଅତ୍ୟାବଶ୍ୟକ ଅଟେ। ଅଧ୍ୟକ୍ଷ ଏବଂ ବିଭାଗର ମୁଖ୍ୟ ପ୍ରଫେସର ନବନୀତା ସାହା କହିଲେ ଏନଆଇଆରଏଫ ଅଧୀନରେ ଭାରତର ଶ୍ରେଷ୍ଠ ଦଶଟି ପ୍ରତିଷ୍ଠାନ ମଧ୍ୟରେ ନିରନ୍ତର ସ୍ଥାନ ପାଇଛି। ସଂଯୋଜକ ପ୍ରଫେସର ସୌମି ମୁହୁରୀ ମଧ୍ୟ ମତ ରଖିଥିଲେ। ପ୍ରଫେସର ଦୀପାଞ୍ଜନ ସାହାଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

# ଇସ୍ପାତ ସହରାଞ୍ଚଳରେ ସଡ଼କ ସୁରକ୍ଷା ଅଭିଯାନ

**ରାଉରକେଲା, ୫।୧୨(ସମିସ):** ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଅଂଶ ସ୍ୱରୂପ, ରାଉରକେଲା ଇସ୍ପାତ କାରଖାନା (ଆର ଏସପି)ର ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗ ଦ୍ୱାରା ଇସ୍ପାତ ସହରାଞ୍ଚଳରେ ଏକ ବିଶାଳ ସଡକ ସଚେତନତା ଅଭିଯାନ ଆୟୋଜନ କରାଯାଇଥିଲା। ସେକ୍ଟର-୨୧ ସ୍ଥିତ ଟ୍ରାଫିକ୍ ଛକରେ ଅନୁଷ୍ଠିତ ହୋଇଥିବା ଉକ୍ତ ଅଭିଯାନରେ ବିଭାଗର ପ୍ରାୟ ଏକ ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଏବଂ ଠିକା ଶ୍ରମିକ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ବି.କେ ଜୋଜୋ ଏବଂ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର ଏହି ଅଭିଯାନର ନେତୃତ୍ୱ ନେଇଥିଲେ। ଏଥିରେ ଅଂଶଗ୍ରହଣକାରୀମାନେ ଉତ୍ସାହର ସହିତ ସଡ଼କ ସୁରକ୍ଷାର ମହତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦର୍ଶନ କରୁଥିବା ପ୍ଲାକାର୍ଡ ଧରି ଏକ ସୁଦୀର୍ଘ ମାନବଶୃଙ୍ଖଳ ଗଠନ କରିଥିଲେ। ଟ୍ରାଫିକ୍ ନିୟମର ସଠିକ ଅନୁପାଳନ କରିବା, ସୁରକ୍ଷିତ ସଡ଼କ ନିୟମାବଳୀ ମାନିବାର ଅଭ୍ୟାସ କରିବା, ଗାଡ଼ି ଚଲାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା, ଅସୁରକ୍ଷିତ ଓଭରଟେକିଂରୁ ନିବୃତ୍ତ ରହିବା, ଟ୍ରାଫିକ୍ ସିଗନାଲ ପାଳନ କରିବା, ବିପଦପୂର୍ଣ୍ଣ ଗାଡ଼ି ଚାଳନା ଅଭ୍ୟାସରୁ ଦୂରେଇ ରହିବା ସହିତ ନିର୍ଦ୍ଧାରିତ ଗତି ସୀମା ବଜାୟ ରଖିବା ଭଳି ଅତ୍ୟାବଶ୍ୟକ ଦିଗଗୁଡ଼ିକ ଗୁରୁତ୍? ଦିଆଯାଇଥିଲା। ସହରାଞ୍ଚଳ ବାସିନ୍ଦା ଏବଂ ବାହନ ଚାଳକଙ୍କ ମଧ୍ୟରେ ଦାୟିତ୍ୱପୂର୍ଣ୍ଣ ସଡ଼କ ଅଭ୍ୟାସକୁ ସୁଦୃଢ଼ କରିବା, ଏକ ସୁରକ୍ଷିତ ଏବଂ ଅଧିକ ଶୃଙ୍ଖଳିତ ସଡ଼କ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଏହି ପଦକ୍ଷେପର ଲକ୍ଷ୍ୟ ରହିଥିଲା।

# ଭଗବାନ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ

**ଝାରସୁଗୁଡ଼ା, ୫।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଅଧୀନ ଲଇକେରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ସାହିତ୍ୟ ସଂସଦ ନିରଞ୍ଜନା ଆନୁକୂଲ୍ୟରେ ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତିର ପ୍ରଚାରକ ଗୁରୁ ଭଗବାନ ସାହୁଙ୍କ ୨୫ ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ କମଳଲୋଚନ ଦାଶଙ୍କ ସଭାପତିତ୍ୱରେ ସମ୍ପାଦକ ଅଧ୍ୟାପକ ପ୍ରମୋଦ କୁମାର ସିଂହଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ ଏବଂ ସଂଯୋଜନାରେ ମୁଖ୍ୟ ଅତିଥି ଅଧ୍ୟାପକ ରାଶେଶ୍ୱର ସାହୁ, ମୁଖ୍ୟ ବକ୍ତା ଅଧ୍ୟାପିକା ଶାନ୍ତି ହାଁସଦା, ଏଭଳି ମହାପୁରୁଷ ଚିରକାଳ ପୂଜା ପାଇବେ ବୋଲି ପ୍ରକାଶ ପାଇଥିଲା। କବି ସାହିତ୍ୟିକ ଅଧ୍ୟାପକ ପ୍ରମୋଦ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।




## ବିଶ୍ୱ ମୃତ୍ତିକା ଦିବସ ପାଳିତ

# ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ

**ଝାରସୁଗୁଡ଼ା, ୫।୧୨(ସମିସ):** ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀକକ୍ଷରେ ଶୁକ୍ରବାର ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସର ସମାରୋହ ଆୟୋଜିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଅବସରରେ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ମୃତ୍ତିକାର ଯତ୍ନ, ପରିଚାଳନା ତଥା ଚାଷୀମାନଙ୍କ ପାଇଁ ମୃତ୍ତିକା ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ସଚେତନ କରାଇବା ସହିତ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିଲା, ଯାହା ମୃତ୍ତିକା ପରୀକ୍ଷା ଭିତ୍ତିକ ସାର ଚୟନକୁ ପ୍ରୋତ୍ସାହନ ଦେବା ଦିଗରେ ସହାୟକ ହେବ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ସମୀର ରଞ୍ଜନ ଦାଶ ଏବଂ ଅନ୍ୟାନ୍ୟ କୃଷି ଅଧିକାରୀମାନେ ମଧ୍ୟ ମୃତ୍ତିକା ସ୍ୱାସ୍ଥ୍ୟ ଓ ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସହାୟକ କୃଷି ଅଧିକାରୀ ଗଗନ କୁମାର ଭୋଇ ଧନ୍ୟବାଦ ଦେଇଥିଲେ।

# ବ୍ରଜରାଜନଗର ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଝାରସୁଗୁଡ଼ା, ୫।୧୨(ସମିସ)**



ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଅଞ୍ଚଳର ସର୍ବବୃହତ ଉଚ୍ଚ ଶିକ୍ଷାନୁଷ୍ଠାନ ବ୍ରଜରାଜନଗର ମହାବିଦ୍ୟାଳୟ ର ୪୬ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ବ୍ରଜରାଜନଗର ମଣ୍ଡଳିଆସ୍ଥିତ ଏମସିଏଲ ଭିଏସ୍ଏସ୍ ଷ୍ଟାଡିୟମ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ କ୍ରୀଡ଼ା ବିଭାଗ ମୁଖ୍ୟ ଉପସଭାପତି ସୁମିତ ତିର୍କି ତଥା କ୍ରୀଡ଼ା ଆୟୋଜନ କମିଟି ଅନ୍ୟାନ୍ୟ ସଦସ୍ୟଙ୍କ ନେତୃତ୍ୱ ତଥା ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଆୟୋଜିତ ଏହି ଦୁଇ ଦିବସୀୟ କ୍ରୀଡ଼ା ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ବିଜୟ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମହାବିଦ୍ୟାଳୟ ଛାତ୍ରମାନଙ୍କ ଦ୍ୱାରା ଚଣ୍ଡୀମନ୍ଦିରରୁ ଆଣିଥିବା ମଶାଲକୁ ଗ୍ରହଣ କରିବା ସହ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସୁପ୍ରକାଶ ଚୌଧୁରୀ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହିଥିଲେ। ଦୁଇ ଦିବସୀୟ ଏହି କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଦିବସରେ ଯୁକ୍ତଦୁଇ ତଥା ଯୁକ୍ତତିନି ଛାତ୍ରଛାତ୍ରୀମାନଙ୍କ ପାଇଁ ଦୌଡ଼, ଜେଭଲିନ, ଲମ୍ବଡିଆଁ, ହାଇଜମ୍ପ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶୁକ୍ରବାର କ୍ରୀଡ଼ା ପ୍ରତିଯୋଗିତା ପ୍ରଥମ ଦିବସ ଆୟୋଜନସ୍ଥଳରେ ବରିଷ୍ଠ ପ୍ରାଧ୍ୟାପକ ସଞ୍ଜୀବ ନାୟକ, ଅଧ୍ୟାପିକା ଲଳିତା ପ୍ରଧାନ, ପଦ୍ମାବତୀ ମହାପାତ୍ର, ଡ. ଋତୁପର୍ଣ୍ଣା ମହାନ୍ତି, ପୁଷ୍ପାଞ୍ଜଳି ସାହୁ, ଦୀପିକା କେରକେଟା ବରିଷ୍ଠ ଅଧ୍ୟାପକ ବିକ୍ରମ ପ୍ରଧାନ, ଶ୍ରୀକର ଭୋଇ, ବିକାଶ ନାୟକ, ଅଜୟ ଦୀପ, ଗୁଲସନ ଲାକ୍ରା, ଡ. ହରି ଶଙ୍କର ପାଣ୍ଡେ, ଆୟୋଜନ କମିଟି ସଦସ୍ୟ ଡ. ହରିଶ ଭଞ୍ଜର ଚାନ୍ଦନି ବିଶ୍ୱାଳ, ଅମିତ ସାହୁ, ଲୁଗୁ ଚରଣ ମାରାଣ୍ଡି, ଶ୍ୟାମା ଯାଦବ, ନାନ୍ନୁ ଗୋପାଳ ପଣ୍ଡା, ଆଶିଷ ଅବସ୍ଥି, ମନୋଜ ପାଟଯୋଶୀଙ୍କ ସମେତ ମହାବିଦ୍ୟାଳୟର ବହୁ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀ ଉପସ୍ଥିତ ଥିଲେ। ବ୍ରଜରାଜନଗର ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଏବଂ ଏମସିଏଲରୁ ଆମନ୍ତ୍ରିତ କ୍ରୀଡ଼ା ଶିକ୍ଷକ କମ୍ପାଉଣ୍ଡ ବେହେରା, ଶିବା ପ୍ରଧାନ, କେସି ଉପାଧ୍ୟାୟ, ଗଦାଧର ଡାକୁଆ, ନକୁଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କୁଣ୍ଢେଇଗୋଲା ବଣିକ ସଂଘର କର୍ମକର୍ତ୍ତା ଚୟନ

**କୁଣ୍ଢେଇଗୋଲା, ୫।୧୨(ସମିସ):** ରିଆମାଳ ବ୍ଲକ ଅଧୀନ କୁଣ୍ଢେଇଗୋଲା ବଣିକ ସଂଘର ଆଜି ବାର୍ଷିକ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଗଣେଶ୍ୱର ଧଳଙ୍କ ଆବାହକତ୍ୱ କ୍ରମେ ଅନୁଷ୍ଠିତ ଏହି ବୈଠକରେ ବିଗତବର୍ଷ ସଭାପତି ଇଞ୍ଜିନିୟର ଚିତ୍ତରଞ୍ଜନ ପ୍ରଧାନ ଓ ସମ୍ପାଦକ ମହନ୍ତ କୁମାର ବେହେରା ବାର୍ଷିକ ବିବରଣୀ ପ୍ରଦାନ କରିବା ସହ ସମସ୍ତ ସଦସ୍ୟଙ୍କ ସମ୍ମୁଖରେ ଆୟବ୍ୟୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଚଳିତବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ସର୍ବ ସମ୍ମତି କ୍ରମେ ସଭାପତି ଭାବେ ମୃତ୍ୟୁଞ୍ଜୟ ପ୍ରଧାନ ଓ ସମ୍ପାଦକ ଭାବେ ମୀନକେତନ ପ୍ରଧାନ ଏବଂ କୋଷାଧ୍ୟକ୍ଷ ଭାବେ ସୁଶୀଲ କୁମାର ପ୍ରଧାନ ମନୋନୀତ ହୋଇଥିଲେ। ସେହିପରି ଅଞ୍ଚଳ କୁମାର ବିଶ୍ୱାଳଙ୍କୁ ଉପସଭାପତି ମନୋନୀତ କରାଯାଇଥିଲା। ସାମାଜିକ ସଂସ୍କାର କାର୍ଯ୍ୟରେ ଓ ଅସହାୟଲୋକଙ୍କୁ ସହାୟତା ପାଇଁ ସଂଘ କାର୍ଯ୍ୟ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା।



ଅନ୍ୟମାନଙ୍କ ମଧ୍ୟରେ ଲିଙ୍ଗରାଜ ସାହୁ, ହେମନ୍ତ କୁମାର ସାହୁ, ନବୀନ ବଣିତୁଲ, ବସନ୍ତ କୁମାର ଗଡ଼ନାୟକ, ବିପ୍ର ବିହାରୀ ସାହୁ, ବିଷ୍ଣୁଧଳ, ନେତ୍ରାନନ୍ଦ ଗଡ଼ନାୟକ ଓ ନାରାୟଣ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ବାଳିକା ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

# ନବରଙ୍ଗପୁର ଚାମ୍ପିଅନ, ବାଲେଶ୍ୱର ରନର୍ସଅପ୍






**ଭବାନୀପାଟଣା, ୫ ।୧୨(ସମିସ)**

ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ ବାଳିକା ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ବିଦ୍ୟାଳୟ କ୍ରୀଡା ସମୂହ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମକୁ କଳାହାଣ୍ଡି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆୟୋଜନ କରିଥିଲେ। ଦ୍ୱିତୀୟ ଦିବସରେ ୨୪ ଟି ମ୍ୟାଚ୍, ତୃତୀୟ ଦିନରେ ୧୨ ଟି ମ୍ୟାଚ୍ ଖେଳାଯାଇଥିଲା। ରିଜର୍ଭ ପୁଲିସ ପଡ଼ିଆ, ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍, ସ୍ପୋର୍ଟସ ହଷ୍ଟେଲ ପଡ଼ିଆ ଓ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ମ୍ୟାଚ୍ ଗୁଡ଼ିକ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ନବରଙ୍ଗପୁର ଓ ସମ୍ବଲପୁର ମଧ୍ୟରେ ସ୍ପୋର୍ଟସ ହଷ୍ଟେଲ ଏବଂ ବାଲେଶ୍ୱର ଓ ସୁନ୍ଦରଗଡ଼ ମଧ୍ୟରେ ରିଜର୍ଭ ପଡ଼ିଆରେ ଦୁଇଟି ସେମିଫାଇନାଲ ଅନୁଷ୍ଠିତ ହୋଇଥିଲା। ଉଭୟ ମ୍ୟାଚ୍‌ରୁ ବିଜେତା ନବରଙ୍ଗପୁର ଏବଂ ବାଲେଶ୍ୱର ମଧ୍ୟରେ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ନବରଙ୍ଗପୁର ଦଳ ବାଲେଶ୍ୱରକୁ ୧-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ଯମୁନାବତୀ ଗଣ୍ଡ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଗଙ୍ଗାବତୀ ଗଣ୍ଡ ସମ୍ବର୍ଦ୍ଧିତ ହୋଇଥିଲେ।ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ମୁଖ୍ୟବକ୍ତା ବିଶିଷ୍ଟ ବାଗ୍ମୀ ଶିବପ୍ରସାଦ ବେହେରା, ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ବ୍ରହ୍ମପୁରର ଯୁଗ୍ମ ନିର୍ଦ୍ଦେଶକ ପବିତ୍ରମୋହନ ସାହୁ, ଶାରୀରିକ ଶିକ୍ଷା ସହ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା, ଭାରତୀୟ ମହିଳା ଫୁଟବଲ କୋଚ୍ ମହମ୍ମଦ ସାହିଦ ଜବ୍ବର୍, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ସ୍‌?ାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ ଧନ୍ୟବାଦ ଦେଇଥିଲେ। ତଳବେଲଗାଁ ହାଇସ୍କୁଲର ଛାତ୍ରଛାତ୍ରୀ ସ୍‌?ାଗତ ସଙ୍ଗୀତ ପରିବେଷଣ କରିଥିଲେ। ରାଜ୍ୟ ଅଧିକାରୀ ନିରଞ୍ଜନ ଶତପଥୀ ଓ ସିଆରସିସି ଡିଲେଶ୍ୱର ରଣା ମଞ୍ଚ ପରିଚାଳନା କରିଥିଲେ।ମ୍ୟାଚ୍ ସବୁକୁ ରାଜ୍ୟସ୍ତରୀୟ ଫିଲ୍ଡ କମିଶନର, ରେଫରିମାନେ ପରିଚାଳନା କରିଥିଲେ। ଏଥିରେ ଜିଲ୍ଲାର ସମସ୍ତ ବିଇଓ, ଏବିଇଓ, ଆୟୋଜନ କମିଟିର ସଦସ୍ୟ ସଦସ୍ୟା, ଡିଇଓ ଏବଂ ଡିପିସି କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସୂଚନଯୋଗ୍ୟ ଯେ, ଚାରିଦିନ ଧରି ଏହା ଗତ ୨ ରୁ ୫ ତାରିଖ ଯାଏଁ ଆୟୋଜିତ ହୋଇଥିଲା। ସମସ୍ତ ବାଳିକା ପ୍ରତିଯୋଗୀମାନଙ୍କ ମଧ୍ୟରେ ଫୁଟବଲ୍ ପ୍ରତିଯୋଗିତା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍, ସ୍ପୋର୍ଟସ ହଷ୍ଟେଲ ପଡ଼ିଆ ଓ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଥିଲା। ଚାରିଦିନ ଧରି ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ନବଭାରତ ସାକ୍ଷର କାର୍ଯ୍ୟକ୍ରମ ସଂଯୋଜକ ହରିଶ୍ଚନ୍ଦ୍ର ମୁଣ୍ଡ ପରିଚାଳନା କରିଥିଲେ। ବିଶେଷ ଆକର୍ଷଣ ଭାବେ ଜିଲ୍ଲାର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ, ବିଶିଷ୍ଟ କଳାକାର ସର୍ବେଶ୍ୱର ଭୋଇ, କଳାହାଣ୍ଡି କଟପ୍ପା, ନୀଳାଞ୍ଚଳ ପାନ, ସଙ୍ଗୀତା ରାଉତ, ପ୍ରତାପ ସାହୁ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

**ଯମୁନାବତୀ ବେଷ୍ଟ ପ୍ଲେୟର, ଗଙ୍ଗାବତୀ ପ୍ଲେୟର ଅଫ ଦି ମ୍ୟାଚ୍**

## ଅଜଣା ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

# ଶବ ରଖି ରାସ୍ତା ଅବରୋଧ

**ଧର୍ମଗଡ଼, ୫ ।୧୨(ସମିସ):** କୁହୁଡି ହେଲା କାଳ, ବିଜୁ ଏକ୍ସପ୍ରେସ ୱେ ରାସ୍ତାରେ ଦୁର୍ଘଟଣା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଖମାରହଳଦୀ ଛକ ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ କେରମୁଣ୍ଡା ଗାଁର ସୁବାଷ ସାଗର(୫୫) ।ସୂଚନା ଥାଉ କି ପ୍ରତ୍ୟେକ ଦିନ ଭଳି ସୁବାଷ ପନିପରିବା ବ୍ୟବସାୟ ପାଇଁ ଧର୍ମଗଡ଼କୁ ଯାଉଥିଲେ। ଖମାରହଳଦୀ ନିକଟରେ ଏକ ଅଜଣା ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟିଥିବା ଦେଖି ଘଟଣାସ୍ଥଳକୁ ପହଞ୍ଚି ସୁବାଷକୁ ଗୁରୁତର ଭାବରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପରିବାର ଲୋକେ ଗୋଲାମୁଣ୍ଡାରେ ଏତଲା ଦେଲା ପରେ ଏତଲାକୁ ଭିତ୍ତି କରି ଗୋଲାମୁଣ୍ଡା ଥାନା କେଶ ନମ୍ବର ୨୦୧/୨୫ରେ ମାମଲା ରୁଜୁ କରି ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ଶବ ହସ୍ତାନ୍ତର କରିଥିଲେ। ପରେ ପରିବାର ଲୋକେ ଖମାରହଳଦୀ ଛକ ନିକଟରେ ଶବ ରଖି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳକୁ ପୁଲିସ ଓ ତହସିଲ କର୍ମଚାରୀ ଘଟଣା ସ୍ଥଳକୁ ପହଞ୍ଚି ବୁଝାସୁଝା କଲାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଜଳିଗଲା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର




**କେସିଙ୍ଗା, ୫ ।୧୨(ସମିସ):** ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହ ସବୁ ଆସବାସ ପତ୍ର ଜଳିଗଲା। ହେଲେ ଅଳ୍ପକେ କର୍ମଚାରୀ ଓ ଲୋକେ ବର୍ତ୍ତିଯାଇଛନ୍ତି। ସୂଚନା ଅନୁଯାୟୀ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କନ୍ଦେସିର ପଞ୍ଚାୟତର ତହିଁଶିର ଗାଁରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ଅପରାହ୍ନ ପ୍ରାୟ ଅପରାହ୍ନ ସାଢେ ତିନିଟା ସମୟରେ କୌଣସି କାରଣରୁ ନିଆଁ ଲାଗି ଯାଇଥିବା ଜଣାପଡ଼ିଥିଲା। ଖବର ମୁତାବକ ନିଆଁ ଲାଗିବାରର କିଛି ସମୟ ପୂର୍ବରୁ ଏଠାରେ ଏକ ସରକାରୀ ମିଟିଂ ଚାଲିଥିଲା।ଶୁଣିବାକୁ ମିଳୁଛି ନିଆଁରେ ଦୁଇଟି ଲାପଟପ୍, ଗୋଟିଏ ପ୍ରିଣ୍ଟର, ଦୁଇଟି ଫ୍ରିଜ୍, ଛଟି ଆଲମିରା, ଦୁଇଟି ବେଡ୍ ଓ ଅନ୍ୟାନ୍ୟ ମୂଲ୍ୟବାନ କାଗଜପତ୍ର ଜଳି ଯାଇଥିବା ସୂଚନା ରହିଛି। ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗି ଥିବା ଅନୁମାନ କରାଯାଉଥିବା ବେଳେ କେସିଙ୍ଗାରୁ ଦୁଇଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରୁଥିବା ସୂଚନା ମିଳିଛି।

## ରାସ୍ତାକଡ଼ରୁ ୨ ଦୁର୍ଘଟଣାଗ୍ରସ୍ତ ଉଦ୍ଧାର

**କଣ୍ଟାବାଞ୍ଜି, ୫।୧୨ (ସମିତି):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି-ତୁରେକେଲା ରାସ୍ତାର ମହୁଲବାହାଲି ଗାଁ ନିକଟରୁ ପୁଲିସ ୨ ଜଣ ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରିଛି। ଏହି ବ୍ୟକ୍ତି ଦ୍ୱୟ ହେଲେ ତୁରେକେଲାର ମେଘରାଜ ନାଏକ ଏବଂ ଧନଜନ ପୁଟେଲ। ଗୁରୁତର ଅବସ୍ଥାରେ ଉଭୟ ରାସ୍ତା କଡ଼ରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ତୁରେକେଲା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଉଭୟଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପରେ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଦାଦନ ସର୍ଦ୍ଦାର ସୁରେଶ ଜଳନ୍ଧର ଗିରଫ



**ତୁରେକେଲା, ୫ ।୧୨(ସମିତି):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଥାନା ଅଧୀନ କନ୍ଧବାହାଲ ଗାଁର ଦାଦନ ସର୍ଦ୍ଦାର ସୁରେଶ ଜଳନ୍ଧରକୁ ତୁରେକେଲା ପୁଲିସ ଗିରଫ କରିଛି। ତେବେ କୋର୍ଟରେ ତା' ଜାମିନ ନାମଞ୍ଜୁର ହେବା ପରେ ତାକୁ କଣ୍ଟାବାଞ୍ଜି ଧାମନଡ଼ଙ୍ଗାସ୍ଥିତ ଜେଲ୍ ପଠାଇ ଦିଆଯାଇଛି ଥିବା ଥାନା ଅଧିକାରୀ ରାକେଶ ବେହେରା ପ୍ରକାଶ କରିଛନ୍ତି। ଗୁରୁବାର ଅପରାହ୍ନରେ ତୁରେକେଲା ଥାନା ସେମଲା ଗାଁରୁ ପୁଲିସ ୧୭ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ଲାଠୋର୍, ଟିଟିଲାଗଡ଼, ପାଟଣାଗଡ଼ ଅଞ୍ଚଳର ଶ୍ରମିକମାନଙ୍କୁ ସେ ବେଆଇନ ଭାବେ ରାଜ୍ୟ ବାହାରକୁ ଚାଲାଣ କରିବାକୁ ନେଉଥିଲା। ଏହି ଘଟଣାରେ ପୁଲିସ ତାକୁ ଗିରଫ କରିଛି।

## ଆଇନ ସମ୍ମତ ପୋଷ୍ୟ ସନ୍ତାନ ଗ୍ରହଣ

### ଜିଲ୍ଲାରେ ସୃଷ୍ଟି ହେଲା ନୂତନ ପରମ୍ପରା

**ନୂଆପଡ଼ା, ୫ ।୧୨(ସମିସ):** ନୂଆପଡ଼ା ଜିଲ୍ଲାରେ ପ୍ରଥମଥର ପାଇଁ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ସଫଳଭାବେ ସମ୍ପନ୍ନ ହୋଇଛି। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏବଂ ସ୍ୱତନ୍ତ୍ର ଗ୍ରହଣ ସଂସ୍ଥା ନୂଆପଡ଼ା ମଧ୍ୟସ୍ଥତାରେ ଗୋଟିଏ ଶିଶୁ କନ୍ୟାକୁ ଅନ୍ୟ ରାଜ୍ୟ, ତାମିଲନାଡୁର ଏକ ପରିବାର ଦ୍ୱାରା ଗ୍ରହଣ କରାଯାଇଛି। ପୋଷ୍ୟ କନ୍ୟାର ସମ୍ପୂର୍ଣ୍ଣ ଶିକ୍ଷା, ସେବା ଓ ସୁରକ୍ଷା ଦାୟିତ୍ୱ ନୂଆ ପରିବାର ଆଇନ ସମ୍ମତ ହିସାବରେ ନେଇଛନ୍ତି। ଆଗରୁ ନୂଆପଡ଼ାର ଏଭଳି ପୋଷ୍ୟ ସନ୍ତାନ ଦାନ କଳାହାଣ୍ଡି ଜିଲ୍ଲା ମାର୍ଫତରେ ହେଉଥିଲା। ଏବେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସ୍ୱତନ୍ତ୍ର ପ୍ରଚେଷ୍ଟା ବଳରେ ଜିଲ୍ଲାରେ କାର୍ଯ୍ୟକ୍ଷମ ହୋଇ ପାରିଛି। ଏହି ଘଟଣା ଜିଲ୍ଲାରେ ପୋଷ୍ୟ ସନ୍ତାନ ସୁରକ୍ଷା ଓ ସେବା ମାମଲାରେ ଏକ ମାଇଲଷ୍ଟୋନ୍ ହେବ ବୋଲି ବୁଦ୍ଧିଜିବିମାନେ ମତ ପ୍ରକାଶ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ଦାଶଙ୍କ ନିର୍ଦ୍ଦେଶରେ ଶିଶୁ ସୁରକ୍ଷା ବିଭାଗ ଭାରପ୍ରାପ୍ତ ଅଧିକାରୀ ଚିନ୍ମୟ ସାଗର ଓ ଜିଲ୍ଲା ଶିଶୁ ମଙ୍ଗଳ ସମିତି କାର୍ଯ୍ୟକ୍ରମକୁ ସଫଳ କରିବା ପାଇ ଆବଶ୍ୟକ ବିଧି ବ୍ୟବସ୍ଥା ଗ୍ରହଣ କରିଥିଲେ। ଏହି ନୂତନ ପଦକ୍ଷେପ ଜିଲ୍ଲାରେ ଅନ୍ୟ ଆବାସିତ ଶିଶୁମାନଙ୍କ ପାଇଁ ନୂତନ ଆଶା ସୃଷ୍ଟି କରିଛି। ସମାଜ ସେବୀ ସଂଗଠନମାନେ ଏହି ପଦକ୍ଷେପକୁ ସ୍ୱାଗତ କରି ଅଧିକ ନିସନ୍ତାନ ପରିବାରଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରତି ଆଗ୍ରହୀ ହେବାକୁ ଆହ୍ୱାନ କରିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଜୟପାଟଣା, ୫ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ଚଞ୍ଚରାପଡ଼ା ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲ ସେୟାର ଗେଟ ନିକଟରେ ଥିବା ଏକ ଆମ୍ବ ଗଛରେ ଝୁଲୁଥିବା ଜଣେ ଯୁବକର ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତ ଯୁବକ ଚଞ୍ଚରାପଡ଼ାର ରାଜୁ କଣ୍ଡା(୧୮) ବୋଲି ସୂଚନା ମିଳିଛି। ଏହା ହତ୍ୟା ନା ଆତ୍ମହତ୍ୟା ସ୍ପଷ୍ଟ ହୋଇନାହିଁ। ଖବର ପାଇ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ସକାଳେ ଗଛରେ ମୃତଦେହ ଝୁଲୁଥିବା ଲୋକେ ଦେଖି ପୁଲିସକୁ ଜଣାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୁଲିସ ଆସି ଶବ ଉଦ୍ଧାର କରି ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ନମୁନା ସଂଗ୍ରହ କରିଥିବା ପୁଲିସ ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

# ମାନବାଧିକାର ଦିବସ ପାଳିତ




**ଥୁଆମୂଳରାମପୁର, ୫ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଜେଏମ୍‌ଏଫ୍‌ସି ପକ୍ଷରୁ ତାଲୁକ ଆଇନ୍ ସେବା କମିଟି ଦ୍ୱାରା ମାନବିକ ଅଧିକାର ଦିବସ ପାଳନ ଅବସରରେ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଥୁଆମୂଳ ରାମପୁର ମା'ମାଣିକେଶ୍ୱରୀ ପଞ୍ଚାୟତ ସମିତି ଯୁକ୍ତ ଦୁଇ ବିଦ୍ୟାଳୟରେ ଆୟୋଜିତ ପ୍ରତିଯୋଗିତାରେ ସ୍ଥାନୀୟ ଯୁକ୍ତ ଦୁଇ କଲେଜ ସମେତ ସରକାରୀ ଡିଗ୍ରୀ କଲେଜ, ମା'ମାଣିକେଶ୍ୱରୀ ଡିଗ୍ରୀ କଲେଜ ଏବଂ ଶିରିମସ୍କା ଯୁକ୍ତ ଦୁଇ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ୧୪, ପ୍ରବନ୍ଧ ଲିଖନରେ ୨୬ ଏବଂ ଚିତ୍ରାଙ୍କନରେ ୧୬ ଜଣ ଛାତ୍ରଛାତ୍ରୀ ଭାଗନେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ଜେଏମ୍‌ଏଫ୍‌ସି ମାଜିଷ୍ଟ୍ରେଟ ତଥା ତାଲୁକ ଆଇନ୍ ସେବା କମିଟି ଅଧ୍ୟକ୍ଷ ତାରିଣୀ ପ୍ରସାଦ ସାହୁଙ୍କ ଉପସ୍ଥିତିରେ ବିଚାରକ ଭାବେ କର୍ତ୍ତବ୍ୟ ଅନୁଷ୍ଠାନର ପ୍ରକଳ୍ପ ମ୍ୟାନେଜର ସନ୍ତୋଷ କୁମାର ଦାସ, ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ପଣ୍ଡା ଏବଂ ଆଇନଜୀବୀ ମନୋରଞ୍ଜନ ନାଏକ ଉପସ୍ଥିତ ରହିଥିଲେ। ସ୍ଥାନୀୟ ଯୁକ୍ତ ଦୁଇ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ଏବଂ ଅଧ୍ୟାପକ ସରୋଜ କୁମାର ପାଟଯୋଷୀ ମଧ ଉପସ୍ଥିତ ରହିଥିଲେ। ଚିତ୍ରାଙ୍କନ ଏବଂ ପ୍ରବନ୍ଧ ଲିଖନ ପ୍ରତିଯୋଗୀଙ୍କ କାଗଜ ଗୁଡିକୁ ଜେଏମ୍‌ଏଫ୍‌ସି କର୍ତ୍ତୃପକ୍ଷ ବିଚାରକଙ୍କ ପାଖକୁ ପଠାଯାଇଛି। ଯାହା ଆସନ୍ତା ୧୦ ତାରିଖ ଦିନ ବିଶେଷ କାର୍ଯ୍ୟକ୍ରମରେ ପ୍ରକାଶିତ ହେବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ସୂଚନା ରହିଛି। କାର୍ଯ୍ୟକ୍ରମ ଜେଏମ୍‌ଏଫ୍‌ସିର ବରିଷ୍ଠ କିରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ କୋର୍ଟ କର୍ମଚାରୀ ଏବଂ ମା'ମାଣିକେଶ୍ୱରୀ ପଞ୍ଚାୟତ ସମିତି ଯୁକ୍ତ ଦୁଇ ବିଦ୍ୟାଳୟର ଅଧ୍ୟାପକ ଏବଂ କର୍ମଚାରୀ ସହଯୋଗ କରିଥିଲେ।

## କୋମନା ଧାନ ମଣ୍ଡିରେ ଚାଷୀ ବୈଠକ

**କୋମନା, ୫ ।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ସମବାୟ ସମିତି ଦ୍ୱାରା ପରିଚାଳିତ ଧାନ ମଣ୍ଡିରେ ଶନିବାର ପୂର୍ବାହ୍ନରେ ଚାଷୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାକ୍ସ ସଭାପତି ବଳଭଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ କୋମନା ବ୍ଲକ ଅଧ୍ୟକ୍ଷା ଅନୁସୁୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, କୋମନା ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ପଏଁର ସରପଞ୍ଚ ପୁଷ୍ପାଞ୍ଜଳି ନାଗ, ଚାଷୀ ଗଙ୍ଗାଧର ପାଣିଗ୍ରାହୀ, କ୍ଷମାସାଗର ଭୋଇ, ଈଶ୍ୱର ସାହୁ, ଜୟଗୋପାଳ ପଣ୍ଡା, ଲକ୍ଷ୍ମୀ ନାରାୟଣ ପାଢ଼, ବୀରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ମଣ୍ଡି ପରିଚାଳନା ଉପରେ ଆଲୋଚନା କରିଥିଲେ। ବୈଠକରେ ଚାଷୀ କୈଳାସ ଚନ୍ଦ୍ର ଭୋଇ, ଭୁବନେଶ୍ୱର ନାଏକ, ଟଗରେଶ୍ୱର ଖମାରୀ, ପ୍ରଦୀପ ଦଳପତି, ରମେଶ ପାତ୍ର, ନିର୍ମଳ ପାଢ଼ୀ, ଗଣେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପାକ୍ସ ସମ୍ପାଦକ ବଲ୍ଲଭ ନାଏକ ସଭା ପରିଚାଳନା କରିଥିଲେ।



### ବୁଦ୍ଧିକୋମନା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ

## ରାଜ୍ୟସ୍ତରରେ ପ୍ରକଳ୍ପ ପ୍ରଦର୍ଶନରେ ଦ୍ୱିତୀୟ



**ନୂଆପଡ଼ା, ୫ ।୧୨ (ସମିସ):** ଭାରତ ସରକାରଙ୍କ ଇଲୋକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ପରିଚାଳିତ 'ଅଟଳ ଟିଙ୍କରୀଙ୍ଗ ଲ୍ୟାବ'ମାନଙ୍କର ସାରା ପ୍ରଦେଶ ବ୍ୟାପି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବୁଦ୍ଧିକୋମନାର ଛାତ୍ର ସୁମିତ ବାଗ, ସାଇ ସ୍ୱରାଜ ପଣ୍ଡା ଓ କହ୍ନେୟା ରାଉତ 'ସ୍ଥାନ ଆଧାରିତ ସତର୍କତା ଯନ୍ତ୍ର' ତିଆରି କରିଥିଲେ।ଉକ୍ତ ପ୍ରକଳ୍ପକୁ ଶିକ୍ଷକ ଦେବରାଜ ଧୃତ୍ରା ଓ ବିପ୍ଳବ ବାଗଙ୍କ ତତ୍ତ୍ୱାବଧାନ ତଥା ପ୍ରଧାନଶିକ୍ଷକ ଶଶିପାତ୍ର ତାଣ୍ଡିଙ୍କ ମାର୍ଗଦର୍ଶନରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରକଳ୍ପ ପ୍ରତ୍ୟେହ ଯାତାୟାତ କରୁଥିବା ଚାଳକଙ୍କ ପାଇଁ ସହାୟକ ହୋଇଥାଏ। ଛାତ୍ରମାନେ ଏଥିପାଇଁ ଗୋଟିଏ ମୋବାଇଲ ଆପ ତିଆରି କରିଛନ୍ତି ଯାହା ଦୁର୍ଘଟଣାଜନିତ ସ୍ଥାନମାନଙ୍କରେ ଯନ୍ତ୍ରଟିକୁ ମେସେଜ ଦିଏ ଯାହା ସାଉଣ୍ଡ କରି ଚାଳକଙ୍କୁ ସତର୍କ କରାଇ ଦୁର୍ଘଟଣାରୁ ରକ୍ଷା କରେ। ଏହି ପ୍ରକଳ୍ପଟି ରାଜ୍ୟସ୍ତରରେ ଦ୍ୱିତୀୟ ପୁରସ୍କାର ପ୍ରାପ୍ତ ହୋଇ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏଥିପାଇଁ ନୂଆପଡ଼ା ଡିଇଓ ପ୍ରଶାନ୍ତ କୁମାର ମହାନ୍ତି, ଏଡିଇଓ ରେଶମ ଲାଲ ନାୟକ ତଥା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ମଧ ଶୁଭେଚ୍ଛା ଜଣାଇଥିଲେ। ଏହାକୁ ନେଇ ଜିଲ୍ଲାପାଳ ମଧୁସୂଦନ ଦାଶ ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ବିଦ୍ୟାଳୟ କର୍ତୃପକ୍ଷ ତଥା ଜିଲ୍ଲା ଶିକ୍ଷା ବିଭାଗକୁ ଭୂୟସୀ ପ୍ରଶଂସା କରିଛନ୍ତି।

# ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**କୋମନା, ୫ ।୧୨(ସମିସ):** କୋମନାସ୍ଥିତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭିନ୍ନକ୍ଷମ ଅନୁକୂଳ କ୍ରୀଡା ଓ ସାଂସ୍କୃତିକ ପ୍ରଦର୍ଶନ ଓ ପ୍ରତିଯୋଗିତା ଅନୁଷ୍ଠିତ ହେଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିତା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନଶିକ୍ଷକ ତଥା ଶିକ୍ଷାବିତ ଡ଼ କପିଳେନ୍ଦ୍ର ଦାସ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଉପସ୍ଥିତ ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଭିନ୍ନକ୍ଷମଙ୍କ ପାଇଁ ସମାନ ଅଧିକାର ଓ ସୁବିଧା ସୁଯୋଗକୁ ସୁନିଶ୍ଚିତ କରିବା ପାଇଁ ଶପଥ ପାଠ କରାଇଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ରାଧାକାନ୍ତ ତାଣ୍ଡି ଓ ବଳମତ ମାଝୀ, କୋମନା ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।ଏହି ଅବସରରେ ଗତ ବର୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀରେ କୃତିତ୍ୱ ଅର୍ଜନ କରିଥିବା ଜନ୍ମେଜୟ ରଣା ଓ ତୁଳଦେବ ଖରସେଲଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠିତ ପ୍ରତିଯୋଗିତାରେ ବିଜୟ ଲାଭ କରିଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଭିନ୍ନକ୍ଷମ ପିଲାଙ୍କୁ ଉତ୍ସାହିତ କରିବା ପାଇଁ କୋମନା ବାଳିକା ଓ ଶୁକଲିମୁଣ୍ଡି ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ଚିତ୍ତାକର୍ଷକ ଲୋକ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଶିକ୍ଷୟିତ୍ରୀ ମୋନାଲିସା ପଣ୍ଡା ଓ ସସ୍ମିତା ନନ୍ଦ। କାର୍ଯ୍ୟକ୍ରମରେ ବି ଆରସି, ସମସ୍ତ ସିଆରସିସି, ଅଫିସ କର୍ମକର୍ତ୍ତା, କ୍ରୀଡା ଶିକ୍ଷକ ଓ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ସହଯୋଗ କରିଥଲେ।




# ଯୁବଉତ୍ସବରେ ଯୁବପିଢ଼ିଙ୍କ ପ୍ରତିଭା ପ୍ରଦର୍ଶନ





**ଭବାନୀପାଟଣା, ୫ ।୧୨(ସମିସ)**

ସ୍ଥାନୀୟ ଟାଉନ୍ ହଲ୍ ଓ ଇଟିସିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିକଶିତ ଭାରତ ଯୁବ ନେତୃତ୍ୱ ସମ୍ମେଳନ ଜିଲ୍ଲାସ୍ତରୀୟ ଯୁବୋତ୍ସବ ଆୟୋଜିତ ହୋଇଯାଇଛି। ଏଥିରେ ୧୫ରୁ ୨୯ ବର୍ଷ ବୟସ୍କ ଯୁବକ ଯୁବତୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଜୟଶଙ୍କର ନାୟକ, ସମାଜସେବୀ ଯୁଗଳ କିଶୋର ପୋଢ଼, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ କୈଳାଶ ଚନ୍ଦ୍ର ଦାସ, ନେହେରୁ ଯୁବ କେନ୍ଦ୍ର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର, ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ଉମେଶ ଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଗଳ୍ପ ଲିଖନ ପ୍ରତିଯୋଗିତାରେ ଓମ୍ ପ୍ରକାଶ ଚନ୍ଦନ, କବିତା ଲିଖନରେ ଶୋଭିତ ନାୟକ, ଚିତ୍ରାଙ୍କନରେ ଶୁଭମ୍ ଓଁକାର ରଥ, ବକ୍ତୃତାରେ ସୁହାନି ନାୟକ, ବିଜ୍ଞାନମେଳାରେ କମଳିନୀ ସିଂ, ଲୋକଗୀତରେ ଥୁଆମୂଳ ରାମପୁର ବ୍ଲକ, ଲୋକନୃତ୍ୟରେ ଭବାନୀପାଟଣା ପୌରପାଳିକାର ଶିକ୍ଷାର୍ଥୀଗଣ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉକ୍ତ ବିଜେତାମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବେ। ସେମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ମାଇ ଭାରତ କଳାହାଣ୍ଡିର ସମସ୍ତ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

**ବିକଶିତ ଭାରତ ଯୁବ ନେତୃତ୍ୱ ସମ୍ମେଳନ**

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେଇପାରେ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ି ଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ମାନ ସମ୍ମାନ ବୃଦ୍ଧି ପାଇବ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ବ୍ୟବସାୟରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ନିମନ୍ତେ ବିଦେଶ ଯାତ୍ରା କରିପାରନ୍ତି।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। ପରିଶ୍ରମ ଅନୁସାରେ ସଫଳତା ମିଳିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ରହିଛି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଉଧାର ଟଙ୍କା ଫେରି ପାଇବେ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରୁହନ୍ତୁ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

- ୧୭୬୮ - ଏନ୍‌ସାଇକ୍ଲୋପିଡିଆ ବ୍ରିଟାନିଆର ପ୍ରଥମ ସଂସ୍କରଣ ପ୍ରକାଶିତ।
- ୧୯୧୭-ଫିନ୍‌ଲ୍ୟାଣ୍ଡ ଋଷରୁ ସ୍ୱାଧୀନ ହେଲା।
- ୧୯୫୬- ଭାରତୀୟ ସମ୍ବିଧାନର ଜନକ ବାବାସାହେବ ଆମ୍ବେଦକରଙ୍କ ନିଧନ।
- ୧୯୭୨- ରାଷ୍ଟ୍ରୀୟ ନିରାପତ୍ତା ପରିଷଦର ସ୍ଥାପନା।
- ୧୯୯୯-ଇଣ୍ଡୋନେସିଆ ଜେଲ୍‌ରୁ ୨୮୩ କଏଦୀ ଫେରାର୍।


## କାମ ନ ସାରିଲେ କାଫେରୁ ଆସିବା ମନା

ଅନେକ ଲୋକଙ୍କର କାମକୁ ସଙ୍ଗେ ସଙ୍ଗେ ସାରିବା ଅଭ୍ୟାସ ନ ଥାଏ। ସେଥିପାଇଁ ସେମାନେ ସମୟ ଗଡ଼ାଇ ଚାଲନ୍ତି। ହେଲେ ଜାପାନରେ ଏମିତି ଏକ କାଫେ ଅଛି, ଯାହାକି ଲୋକଙ୍କର ଏହି ଅଭ୍ୟାସରେ ସୁଧାର ଆଣିବାରେ ସଫଳ ହୋଇଛି କହିଲେ ଭୁଲ୍ ହେବ ନାହିଁ। କୋଏନଜିକିଟା ଅଞ୍ଚଳରେ ଥିବା ଏହି କାଫେର ନାଁ ହେଉଛି ମାନୁସ୍କ୍ରିପ୍ଟ ରାଇଟିଂ କାଫେ। କାଫେର ନିୟମ ଅନୁଯାୟୀ, ଥରେ ଏହା ଭିତରକୁ



ପ୍ରବେଶ କଲେ କାମ ନ ସାରି ସେଠାରୁ ବାହାରିବା ମନା। ତେବେ ଜଣେ ଟ୍ରାଭେଲ ବ୍ଲଗର୍ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଏହା ସମସ୍ତଙ୍କ ନଜରକୁ ଆସିଛି। ସମୟରେ କାମ ସାରି ପାରୁ ନ ଥିବା ଲୋକଙ୍କ ପାଇଁ ଏହି କାଫେ ଉଦ୍ଦିଷ୍ଟ ବୋଲି କୁହାଯାଉଛି। କାଫେ ଭିତରକୁ ପ୍ରବେଶ କରିବା ମାତ୍ରେ ଗୋଟିଏ କାଗଜରେ ନିଜ ନାଁ, କେଉଁ କାମ କରିବା ଲକ୍ଷ୍ୟ ରଖିଛନ୍ତି ଏବଂ କାମକୁ ପୂରା କରିବାର ସମୟ ଅବଧି ବିଷୟରେ ଲେଖିବାକୁ ହେବ। ସବୁଠୁ ବଡ଼ କଥା ହେଲା, କାମ ନ ସରିବା ପର୍ଯ୍ୟନ୍ତ କାଫେର କର୍ମଚାରୀ ଲୋକଙ୍କୁ ବାହାରକୁ ଛାଡ଼ନ୍ତି ନାହିଁ। ଏହି କାଫେରେ କେବଳ ୧୦ଟି ସିଟ୍ ଅଛି। ଏହା କେବଳ ଲେଖକ, ଏଡିଟର ଏବଂ କଳାକାରମାନଙ୍କ ପାଇଁ ହିଁ ଉଦ୍ଦିଷ୍ଟ। ସେହିପରି ଏଠାରେ ଜଣେ ସୁରୁଖୁରୁରେ କାମ କରିବା ପାଇଁ କାଫେ ପକ୍ଷରୁ ହାଇସ୍ପିଡ ୱାଇଫାଇ ସହ ଚାର୍ଜିଂ ପଏଣ୍ଟର ସୁବିଧା ବି ରହିଛି। କାଫେର ଅନ୍ୟତମ ବିଶେଷତ୍ୱ ହେଉଛି, ଏଠାରେ ଚା' ଓ କଫି ସମ୍ପୂର୍ଣ୍ଣ ମାଗଣା। ସେହିପରି କାମ କେତେ ବାଟ ଆଗକୁ ଗଲା କି ନାହିଁ, କାଫେର କର୍ମଚାରୀ ନଜର ରଖନ୍ତି। ତା'ସହ କାମରୁ ଧ୍ୟାନ ବିଚ୍ୟୁତ ହେଲେ ସେମାନେ କାମ କରିବା ଲାଗି ପ୍ରୋତ୍ସାହିତ କରନ୍ତି। ଅନ୍ୟପଟେ କରୋନାରେ ୱାର୍କ ଫର୍ମ ହୋମ୍ ଆରମ୍ଭ ହେବାରୁ ଏହି କାଫେର ଆରମ୍ଭ ହୋଇଥିଲା। କାରଣ ଘରେ ଲୋକେ କାମ କରିବା ବେଳେ ସେତେ ବେଶି ଧ୍ୟାନ କେନ୍ଦ୍ରିତ କରିପାରନ୍ତି ନାହିଁ। ଏଣୁ କାଫେ ମାଲିକ ଏମିତି ଏକ ସ୍ଥାନ ତିଆରି କଲେ, ଯେଉଁଠି କାମ ସାରିବାର ସମୟ ସୀମା ନିର୍ଦ୍ଧାରଣ କରାଗଲା। ଅବଶ୍ୟ କାମ ଏଠାରେ ଶେଷ ହେବା ପରେ ଗ୍ରାହକଙ୍କୁ ଏକ ଷ୍ଟିକର ମିଳେ ଏବଂ ଏହା କାମରୁ ମୁକ୍ତ ହେବା କଥାକୁ ସୂଚାଏ। ଅନ୍ୟପଟେ ଗ୍ରାହକଙ୍କୁ ଏଠାରେ ବସିବା ଲାଗି ଘଣ୍ଟା ପ୍ରତି ୨୫୦ ଟଙ୍କା ଦେବାକୁ ପଡ଼ିଥାଏ। ଲୋକେ କାଫେର ଏହି ନିୟମକୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

## ରାତିରେ ଲାଇଟ୍ ଜଳାଇ ଶୋଇବା କ୍ଷତିକାରକ



ଅନେକ ଲୋକ ରାତିରେ ଶୋଇବା ପୂର୍ବରୁ ଲାଇଟ୍ ବନ୍ଦ କରିକି ଶୁଅନ୍ତି। ଆଉ କେତେ ଜଣ ଅନ୍ଧାରକୁ ଡରି ରାତିରେ ଲାଇଟ୍ ଜଳାଇ ଶୁଅନ୍ତି। ତେବେ ହାଭାର୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣାରେ ରାତିରେ ଲାଇଟ୍ ଜଳାଇ ଶୋଇବା ଆଦୌ ଭଲ ନୁହେଁ ବୋଲି କୁହାଯାଇଛି। ବିଶ୍ୱବିଦ୍ୟାଳୟର ଗବେଷକମାନେ ଲୋକଙ୍କ ଶୋଇବା ଉପରେ ଏକ ଗବେଷଣା କରିଥିଲେ। ଏହି ଗବେଷଣାରୁ ସାମ୍ନାକୁ ଆସିଲା ଯେ, ରାତିରେ ଶୋଇବା ବେଳେ କୃତ୍ରିମ ଆଲୋକ ଆଖି ଉପରେ ପଡ଼ିଲେ ଏହାଦ୍ୱାରା ହୃଦୟ ଓ ମସ୍ତିଷ୍କ ପ୍ରଭାବିତ ହୋଇଥାଏ। ଗବେଷଣାରେ ଦେଖାଯାଇଛି ଯେ, ଶୋଇବା ବେଳେ ଅଳ୍ପ ଆଲୋକ ଯଦି ଆଖି ଉପରେ ପଡ଼େ, ମସ୍ତିଷ୍କ ସକ୍ରିୟ ହୋଇ ଉଠେ। ଏଥିଯୋଗୁଁ ଧମନୀରେ ରକ୍ତ ସଞ୍ଚାର ଦ୍ରୁତ ଗତିରେ ହୁଏ। ତେବେ ରକ୍ତ ପ୍ରବାହ ଦ୍ରୁତ ଗତିରେ ହେଲେ ଏହା ହୃଦୟ ଉପରେ ପ୍ରଭାବ ପକାଏ। ତେଣୁ ରାତିରେ ଲାଇଟ୍ ଲଗାଇ ଶୋଇବା ଉଭୟ ହୃଦୟ ଏବଂ ମସ୍ତିଷ୍କ ପାଇଁ କ୍ଷତିକାରକ। ରାତିରେ ଲାଇଟ୍ ଜଳାଇବା ଦ୍ୱାରା ଏହାର ପ୍ରଭାବ ପୂରା ଶରୀର ଉପରେ ପଡ଼େ। ଅନ୍ୟପଟେ ଲାଇଟ୍ ଲଗାଇ ରାତିରେ ଶୋଇବା ଅଭ୍ୟାସରେ ପରିବର୍ତ୍ତନ ଆଣିବାକୁ ଗବେଷକମାନେ ପରାମର୍ଶ ଦେଇଛନ୍ତି।

## ଜାନୁଆରୀ ୧୬ରେ 'ହ୍ୟାପି ପଟେଲ'

ବଲିଉଡ୍‌ର ମିଷ୍ଟର ପରେଫକ୍ଟନିଷ୍ଟ ଅମିର୍ ଖାନ୍‌ଙ୍କ ପ୍ରଯୋଜିତ ଗୁଇନ୍ଦାଭିତ୍ତିକ ଫିଲ୍ମ 'ହ୍ୟାପି ପଟେଲ :ଖତରନାକ ଜାସୁସ୍'ର ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଜଣାଶୁଣା ଷ୍ଟାଣ୍ଡଅପ୍ କମେଡିଆନ୍ ବୀର ଦାସ ଏହି ଫିଲ୍ମ ମାଧ୍ୟମରେ ତାଙ୍କ ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଛନ୍ତି। ମୋନା ସିଂହ ଓ ବୀର ଦାସ ଏଥିରେ ଲିଡ୍ ରୋଲରେ ନଜର ଆସିବେ। ଫିଲ୍ମର ଟାଇଟଲ୍ ଭଳି ଏହାର ଆନାଉନ୍ସମେଣ୍ଟ ଭିଡିଓ ବି ବେଶ୍ ଆକର୍ଷଣୀୟ ହୋଇଛି। ଭିଡିଓରେ ଅମିର୍ ବୀର୍‌ଙ୍କୁ ଫିଲ୍ମରେ ଆକ୍ସନ୍, ସ୍ପାଇ କାହିଁ ବୋଲି ପ୍ରଶ୍ନ କରିବା ସହ ଏହା ଏକ ଫ୍ଲପ୍ ଫିଲ୍ମ ହେବ ବୋଲି କହି ପିଟିଛନ୍ତି। ଏହି ସମୟରେ ସେଠାରେ ଦର୍ଶକ ପହଞ୍ଚି ଫିଲ୍ମର ପ୍ରଶଂସା କରିଛନ୍ତି। ଏହାପରେ ଅମିର୍‌ଙ୍କ ସ୍ୱର ବଦଳି ଯାଉଛି, ସେ ଦର୍ଶକଙ୍କ ହଁରେ ହଁ ମିଶାଇଛନ୍ତି। ବୀର ଓ ଅମିର୍‌ଙ୍କ ଏହି ପ୍ରମୋସନାଲ ଭିଡିଓ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଏହି ଫିଲ୍ମ ଆସନ୍ତା ଜାନୁଆରୀ ୧୬ରେ ପରଦାକୁ ଆସିବ। ଏଠାରେ ପ୍ରକାଶ ଥାଉ କି, ଅମିର୍‌ଙ୍କ ପ୍ରଡକ୍ସନ୍ ହାଉସ୍ ବେଶ୍ ଦମ୍‌ଦାର୍ କାହାଣୀ ପରଦାକୁ ଆଣିଥାଏ। 'ଲଗାନ୍', 'ତାରେ ଜମିନ୍ ପର', 'ଦଙ୍ଗଲ' ଓ 'ସିକ୍ରେଟ୍ ସୁପରଷ୍ଟାର୍' ପରେ ଅମିର୍‌ଙ୍କ ପ୍ରଡକ୍ସନ କମ୍ପାନି ଦର୍ଶକଙ୍କୁ 'ହ୍ୟାପି ପଟେଲ' ମାଧ୍ୟମରେ ଏକ ନୂଆ ଅନୁଭୂତି ଦେବାକୁ ଯାଉଛି। 'ଦିଲ୍ଲୀ ବେଲି' ପରେ ବୀର ଓ ଅମିର୍ ପୁଣି ଥରେ ଏକାଠି କାମ କରୁଛନ୍ତି।



## ବହି ଆମର ସାଥୀ





ସୁଜିତ କୁମାର ମିଶ୍ର

ସକଳ ଜ୍ଞାନ ଅର୍ଜନ ପାଇଁ
ବହି ଆମର ସାଥୀ,
ରଖିବା ତାକୁ ସାଇତି ଆମେ
ଅତି ଆଦରେ ନିତି ।
ସବୁ ସପନ ସଫଳ ହୁଏ
ଥିଲେ ପାଖରେ ବହି,
ମନ ଭିତର ବହୁ ପ୍ରଶ୍ନର
ଉତ୍ତର ଦିଏ କହି ।
ବହି ପଢ଼ିକି କଲାମ୍ ହେଲେ
ସଂସାରେ ବୈଜ୍ଞାନିକ,
ଚମକିଲେ ସେ ସାରା ବିଶ୍ୱରେ
ହୋଇଲେ ବଡ଼ଲୋକ ।
ଜଗାଏ ବହି ଆତ୍ମବିଶ୍ୱାସ
ସନ୍ଦେହ କରି ଦୂର,
ସଫଳକାମୀ ମଣିଷ ଗଢ଼େ
ଶ୍ରଦ୍ଧାରେ ନିରନ୍ତର ।
ବହିଟି ପରା ଜଣା ଅଜଣା
ନୀତିଶିକ୍ଷାରେ ଭରା,
ଆମ ଜୀବନ ଚଲାପଥରେ
ସିଏ ଆଲୋକ ଧାରା ।
ଦୁଃଖ ବେଳାରେ ଥାଏ ସେ ପାଶେ
ଆପଣା ଲୋକ ହୋଇ,
ପଢ଼ିଲେ ପିଲେ ସୁଖର ହସ
ପରାଣୁ ଝରୁଥାଇ ।
ନ ଥିଲେ କେହି ପାଖରେ କେବେ
ବହିଟି ଆଶାବାଡ଼ି,
ତା' ପାଇଁ ସିନା ଆମ ଜୀବନ
ଆଗକୁ ଯାଏ ମାଡ଼ି ।■

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ- ୭୬୮୩୮୬୭୭୪୨

## ଶୀତ ଆଗମନେ



ଚିତ୍ତରଞ୍ଜନ ମହାନ୍ତି

ଶୀତ ଆସେ ପାଦ ଥାପି
ପୌଷ,ମାଘ ମାସ ଦୁଇ
ଶୀତକୁ ଯାଉନା ଡରି
ବୋଉ କୋଳ ଭରସି ।।
ଶୀତ ଆସେ ମଠେଇ
ମାଘ ଧରେ ଜଡ଼େଇ
ବୋଉ ଖୋଜେ ରେଜେଇ
ଶୀତ ଖେଳେ ଲୁଚକାଳି ।।
ସବୁରି ପ୍ରିୟ ଶୀତ
ରେଜେଇ କମ୍ବଳ ଖୋଜ
ଘୋଡ଼େଇ ଦେଲେ ଦେହ
ଶୀତ ସାଥେ ହୁଏ ମିତ ।।
ଥିଲେ ବି ଶୀତର ଜାଡ଼
ଏଦୁନିଆ ଦିଏ ଶ୍ରେୟଷ
ଚାଷୀଭାଇ ଓଠେ ହସ
ଦେଖି ତା'ର ସୁନା କ୍ଷେତ ।।
ଶୀତରେ ପରବ ସକଳ
ପିଠାପଣାର ମହକ !
ତରୁ ଲତା ଫୁଲ ଫଳ
ପନି ପରିବା ସବୁଜ ।।
ଶୀତ ଏମିତିକା ଋତୁ
ଥକୁନା କାମ କରିଯାଉ
ପ୍ରକୃତି ଶୋଭା ଅପରୂପା
ବଢେ ଜିଇଁବାର ଆଶା ।।
ଶୀତ ଲୋଡ଼େ ଉଷ୍ମତା
ଗ୍ରୀଷ୍ମ ଲୋଡ଼େ ଶୀତଳତା
ଇଚ୍ଛାମତେ ସବୁ ମିଳେନା
ସବୁ ଈଶ୍ୱରଙ୍କ ରଚନା ।।■



ତଗିରା,ରାଣୀତାଲ, ଭଦ୍ରକ
ମୋ– ୯୪୩୮୬୭୦୧୫୦

## ପ୍ରହେଳିକା

- କେବେ କେବେ ଶୀତଦିନ ସକାଳେ
ସୂରୁଜ ନ ଦିଶେ ଆକାଶ କୋଳେ
ଅନ୍ଧାରୁଆ ଲାଗେ ବାଟ ଓ ଘାଟ
ଦେହକୁ ଲାଗଇ ଶୀତ ବହୁତ
ବୁନ୍ଦା ବୁନ୍ଦା ପାଣି ଝରି ପଡ଼ଇ
ବର୍ଷା ନୁହେଁ ସିଏ ଦେହକୁ ଭିଜାଏ
ପାରିବକି ତା'ର ନାମଟି କହି।

ଉତ୍ତର-କୁହୁଡ଼ି

- ଗରମ ପୋଷାକ ଅଟଇ ସିଏ
ଶୀତଦିନ ହେଲେ ସେ ଦେଖା ଦିଏ
ପିନ୍ଧିଲେ ଲାଗଇ ଭାରି ସୁନ୍ଦର
ତା'ପାଇଁ ନଥାଏ ଶୀତକୁ ଡର
ନାନା ରଙ୍ଗେ ମିଳେ ସିଏ
ପିଲାଠାରୁ ବୁଢ଼ା ସଭିଏଁ ପିନ୍ଧନ୍ତି
କୁହ ତା'ର ନାମ କିଏ।

ଉତ୍ତର-ସୁଇଟର୍

- ହେମାଳ ପବନ ଯେବେ ବହଇ
ମୁଣ୍ଡରେ ପିନ୍ଧନ୍ତି ଭଉଣୀ ଭାଇ
ମୁଣ୍ଡ କାନକୁ ସେ ଦିଏ ଘୋଡ଼େଇ
ଶୀତର କୋପକୁ ଦିଏ ଦୂରେଇ
କୋମଳ ଦରବଟିଏ
ଶୀତ କୁହୁଡ଼ିରୁ ରକ୍ଷା କରେ ସିଏ
କୁହ ତା'ର ନାମ କିଏ।

ଉତ୍ତର-ଶୀତ ଟୋପି

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ସୁମନ

## ଗୁରୁଙ୍କର ପରୀକ୍ଷା




ରମେଶ ଚନ୍ଦ୍ର ଦାଶ



ଭାଲୁର ବିଦ୍ୟାଳୟରେ ବିଲୁଆ, ଗୋଧି, ନେଉଳ, ଗଧ, ଅଜଗର ପ୍ରଭୃତି ପ୍ରାଣୀମାନେ ଛାତ୍ର ଥିଲେ। ସେ ବୁଢ଼ା ହୋଇଯିବାରୁ ଆଉ ପୂର୍ବଭଳି ପଢ଼ାଇ ପାରିଲା ନାହିଁ। ସେ ଅବସର ନେଇ ଘରେ ରହିଲା। ଦିନେ ସେ ଭାବିଲା- ମୁଁ ଏତେ ଛାତ୍ରଙ୍କୁ ପାଠ ପଢ଼ାଇଛି। ମୁଁ ସେମାନଙ୍କୁ କହି ମୋ ପାଇଁ ଗୋଟିଏ ଭଲ ଘରଟିଏ ତିଆରି କରାଇବି। ତେଣୁ ସେ ବିଲୁଆ, ଗୋଧି ଓ ନେଉଳଙ୍କୁ ଡାକି ତାର ମନକଥା କହିଲା। ସେମାନେ କହିଲେ-" ଏହା ଆମ ପାଇଁ ସାମାନ୍ୟ କଥା। ଆମେ ନିଶ୍ଚିତ ଭାବରେ ଖୁବ୍ ଶୀଘ୍ର ଆପଣଙ୍କ ରହିବା ପାଇଁ ଏମିତି ଘରଟିଏ ତିଆରି କରିଦେବୁ ଯେ ଯେମିତି ଅନ୍ୟମାନେ ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବେ।" ସେମାନଙ୍କ କଥାରେ ଭାଲୁର ମନ ଭାରି ଖୁସି ହୋଇଗଲା। ସେ ନୂଆଘରେ କେମିତି ରହିବ ସେହିକଥା ସଦାବେଳେ ଭାବିବାରେ ଲାଗିଲା। ପନ୍ଦରଦିନ ମଧ୍ୟରେ ଘର ତିଆରି କରିଦେବେ ବୋଲି ସ୍ଥିର ହେଲା। ତାପରେ ଯେ ଯେଉଁଆଡ଼େ ଚାଲିଗଲେ। ପନ୍ଦର ଦିନ ପୂରିଗଲା। ଘରକାମ ଆରମ୍ଭ ହେଲା ନାହିଁ। ଭାଲୁ ପଚାରିବାରୁ ବିଲୁଆ କହିଲା, "ଆପଣଙ୍କ ପାଇଁ ଯେତେବେଳେ ଘର ହେବ ତାହା ଗୋଟିଏ ଭଲଦିନ ଦେଖି ଆରମ୍ଭ କରାଯିବ। ଆମେ ସେହି ଭଲ ଦିନ ଅପେକ୍ଷାରେ ଅଛୁ।" ପୁଣି କିଛି ଦିନ ଗଲା। ଭାଲୁ ଗୋଧି ଦୁଆରେ ପହଞ୍ଚି ଘରକଥା ପଚାରିବାରୁ ସେ କହିଲା, "ବ୍ୟସ୍ତ ହୁଅନ୍ତୁ ନାହିଁ। ଆପଣଙ୍କର ଯଦି ବର୍ତ୍ତମାନ ରହିବାରେ ଅସୁବିଧା ହେଉଛି ତେବେ ଆମ ଘରେ ରହିପାରନ୍ତି। କିଛି ଅସୁବିଧା ନାହିଁ। ଆମେ ଖୁବ୍ ଶୀଘ୍ର ଆପଣଙ୍କ ଘର ତିଆରି ଆରମ୍ଭ କରୁଛୁ।" ସେ ଆଉ ନେଉଳ ପାଖକୁ ଗଲା ନାହିଁ। ନେଉଳ ବି ସେହିଭଳି କିଛି କହିବ ବୋଲି ଭାଲୁ ମନେକଲା।


କିନ୍ତୁ ନେଉଳ ଅନ୍ୟ କେତେକ ପ୍ରାଣୀଙ୍କୁ ନେଇ ଭାଲୁ ପାଇଁ ଘରଟିଏ ତିଆରି କରି ଦିନେ ଭାଲୁ ଦୁଆରେ ପହଞ୍ଚି ତାକୁ ଡାକିଲା। ଭାଲୁ ଏସବୁ ବାବଦରେ କିଛି ଜାଣି ନ ଥାଏ। ସେ ଯେତେବେଳେ ଶୁଣିଲା ଯେ ନେଉଳ ଏକାକୀ ତା' ପାଇଁ ଘର ତିଆରି କରିଛି ସେ କହିଲା, "ମୁଁ ରହିବା ପାଇଁ ଘର ଚାହୁଁନଥିଲି। ପ୍ରକୃତରେ ତୁମେମାନେ ମୋଠାରୁ କେତେ କର୍ତ୍ତବ୍ୟବୋଧ ଓ ଦାୟିତ୍ୱବୋଧ ଶିକ୍ଷା କରିଛ, ତାହା ଜାଣିବା ପାଇଁ ଏପରି କହିଥିଲି।" ଭାଲୁ ନେଉଳକୁ ଆଶୀର୍ବାଦ ଦେଇ କହିଲା, "ଯେଉଁମାନେ ନିଜ କଥା ଅନୁସାରେ କାମ କରନ୍ତି; ସେମାନେ ଦୁନିଆରେ କୌଣସି ପରିସ୍ଥିତିରେ ହାରନ୍ତି ନାହିଁ। ଯେଉଁମାନେ ଏପରି ନ କରି ଠକିବାର ବାହାନା କରନ୍ତି ସେମାନେ ନିଜକୁ ନିଜେ ଠକି ହୋଇଥାନ୍ତି।" ■

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ
ମୋ - ୯୭୭୬୨୩୮୫୨୨





ଇଭାଂଶୀ ମିଶ୍ର
ଦ୍ୱିତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ପ୍ରଶଂସା ତ୍ରିପାଠୀ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଉତ୍ତରବାଡ଼
ଭଣ୍ଡାରିପୋଖରୀ





କୀର୍ତ୍ତି କ୍ରିଷ୍ଟା ରାଉତ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା, ପୁରୀ





ସିଦ୍ଧ ମନୀଷ ସାହୁ
ପଞ୍ଚମ ଶ୍ରେଣୀ
ଗାଇଡାନ୍ସ ଇଂଲିଶ୍ ମିଡିୟମ୍ ସ୍କୁଲ
ଡୁମୁଡୁମା, ଭୁବନେଶ୍ୱର

## ଭାରତ-ଦକ୍ଷିଣ ଆଫ୍ରିକା ଶେଷ ଦିନିକିଆ ଆଜି


# ଟସ୍ ଓ କୁହୁଡ଼ି ହେବ ନିର୍ଣ୍ଣାୟକ

ବିଶାଖାପାଟଣା,୫ା୧୨(ଏଜେନ୍ସି)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୧୭ ରନ୍‌ରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୪ ୱିକେଟରେ ବିଜୟୀ ହେବା ଫଳରେ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ଏଠାରେ ଆସନ୍ତାକାଲି ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମୁକାବିଲା ହେବ। ଏଥିରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ୨-୧ ବ୍ୟବଧାନରେ ସିରିଜ୍ କବ୍‌ଜା କରିବ। ଏହା ପୂର୍ବରୁ ଖେଳାଯାଇଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଦକ୍ଷିଣ ଆଫ୍ରିକା ୨-୦ରେ କ୍ଲିନ୍ ସୁଇପ୍ କରିଥିଲା। ଏଣୁ ଏଠାରେ ଶେଷ ଦିନିକିଆରେ ବିଜୟୀ ହୋଇ ଭାରତ କ୍ରମାଗତ ଦୁଇଟି ସିରିଜ୍ ପରାଜୟ ଏଡ଼ାଇବାକୁ ସମସ୍ତ ପ୍ରକାର ଉଦ୍ୟମ କରିବ। ଏହି ମ୍ୟାଚ୍‌ରେ ଟସ୍ ଓ କୁହୁଡ଼ି ଯେ ମ୍ୟାଚ୍‌ରେ ଶେଷ ମୁକାବିଲାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ଏଥିରେ ସନ୍ଦେହ ନାହିଁ।

ରାୟପୁରରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ପ୍ରଥମେ ବ୍ୟାଟିଂ କରି ଭାରତ ୩୫୮ ରନ୍ କରିଥିଲେ ମଧ୍ୟ ଏହି ମୁକାବିଲାକୁ ହାରିଯାଇଥିଲା। ଭ୍ରମଣକାରୀ ଦଳର ବ୍ୟାଟିଂ ଲାଇନ୍ ଏତେ ଶକ୍ତିଶାଳୀ ଯେ, କ୍ୱାଲିଟୀ ବୋଲିଂ ନ ହେଲେ ଯେତେବଡ଼ ଟାର୍ଗେଟକୁ ହାସଲ କରିବାର ଦକ୍ଷତା ରଖିଛି। ଫ୍ଲାଟ ପିଚ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇବା ଭାରତ ଲାଗି କଷ୍ଟକର। ଘରୋଇ ମାଟିରେ ସ୍ପିନରଙ୍କୁ ଖେଳିବା ଭ୍ରମଣକାରୀ ଦଳ ଲାଗି ସହଜ ହୋଇଯାଇଛି। ଜାଡେଜା, ସୁନ୍ଦର ଓ କୁଲଦୀପଙ୍କୁ ନେଇ ଗଠିତ ଭାରତର ସ୍ପିନ୍ ବାହିନୀ ଆଦୌ ବିପଦ ସୃଷ୍ଟି କରୁନାହିଁ। ଏଣୁ ଭାରତ ବ୍ୟାଟିଂ ଉପରେ ନିର୍ଭର କରୁଛି। ଦଳ ଦିନିକିଆ ମ୍ୟାଚ୍‌ରେ କ୍ରମାଗତ ୧୯ଟି ଟସ୍ ହାରିଛି। ଭାରତରେ ଏବେ ପ୍ରବଳ କୁହୁଡ଼ି ପଡ଼ୁଛି।





ପଛରେ ବୋଲିଂ ଓ ଫିଲ୍ଡିଂ କରିବା କଷ୍ଟକର ହେଉଛି। ଏଣୁ ଆସନ୍ତାକାଲି ମ୍ୟାଚ୍‌ରେ ଯେଉଁ ଦଳ ଟସ୍ ଜିତିବ, ସେହିଦଳ ନିଶ୍ଚିତ ଭାବେ ପ୍ରତିପକ୍ଷ ଦଳକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିବ। କ୍ରମାଗତ ୨୦ତମ ମୁକାବିଲାରେ ଭାରତ ଯଦି ଟସ୍ ନ ଜିତେ ତେବେ ଏହି ସିରିଜ୍ ଜିତିବା ଦଳ ଲାଗି ସ୍ୱପ୍ନ ହୋଇ ରହିଯିବ। ଅନ୍ୟ ପକ୍ଷରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳୁଥିବାବେଳେ ଦକ୍ଷିଣ ଆଫ୍ରିକାର ଦୁଇଜଣ ଖେଳାଳି ତଥା ଫାଷ୍ଟ ବୋଲର ନାନ୍ଦ୍ରେ ବର୍ଗର ଓ ବ୍ୟାଟର ଟୋନି ଡି ଜୋର୍ଜିଙ୍କ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରୀ ହୋଇଛି। ଏମାନେ ଫିଟ୍ ହେବେ ବୋଲି ଆଶା କମ୍। ବର୍ଗରଙ୍କ ସ୍ଥାନରେ ଓଟନେଲ ବାର୍ଟମ୍ୟାନ୍ ଓ ଡି ଜୋର୍ଜିଙ୍କ ସ୍ଥାନରେ ରିୟାନ ରିକେଲଟନଙ୍କ ଖେଳିବା ସମ୍ଭାବନା ରହିଛି।

**ଖେଳ ଆରମ୍ଭ : ଦିନ ୧ଟା ୩୦**

**ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

**ସମ୍ଭାବ୍ୟ ଖେଳାଳି ଦଳ**

**ଭାରତ**: ଜୟସ୍ୱାଲ, ରୋହିତ, କୋହଲି, ଗାଏକ୍ୱାଡ୍, ରାହୁଲ (ଅଧିନାୟକ), ସୁନ୍ଦର, ଜାଡେଜା, ରାଣା, କୁଲଦୀପ, ଅର୍ଶଦୀପ ଓ ପ୍ରସିଦ୍ଧ କ୍ରିଷ୍ଣା। ବେଞ୍ଚ- ପନ୍ତ, ଜୁରେଲ, ରେଡ୍ଡୀ ଓ ବର୍ମା।

**ଦକ୍ଷିଣ ଆଫ୍ରିକା**: ମାରକ୍ରମ, ଡି କକ, ରିକେଲଟନ, ବଭୁମା (ଅଧିନାୟକ), ବ୍ରିଜ୍‌କେ, ବ୍ରେଭିସ୍, ଜାନ୍‌ସେନ, ବୋଶ୍, ମହାରାଜ, ଏନ୍‌ଗିଡି, ବାର୍ଟମ୍ୟାନ୍। ବେଞ୍ଚ- ହର୍ମନ, ଡି ଜୋର୍ଜି, ବର୍ଗର, ଏନ୍‌ଗିଡି, ସୁବ୍ରାୟେନ୍।

● ଏଫ୍‌ଆଇଏଚ୍ ଜୁନିଅର ହକି ବିଶ୍ୱକପ୍

## ସେମିରେ ଭାରତ-ବେଲଜିୟମ୍

ଚେନ୍ନାଇ,୫ା୧୨(ଏଜେନ୍ସି): ଭାରତ ଓ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ମଧ୍ୟରେ ଏଫ୍‌ଆଇଏଚ୍ ପୁରୁଷ ଜୁନିଅର ହକି ବିଶ୍ୱକପ୍‌ର ସେମିଫାଇନାଲ ମୁକାବିଲା ଡିସେମ୍ବର ୭ରେ ଖେଳାଯିବ। ଏହି ଦିନ ଅନ୍ୟ ଏକ ସେମିରେ ସ୍ପେନ୍ ସହ ଆର୍ଜେଣ୍ଟିନା ଖେଳିବ। ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ଉତ୍କଣ୍ଠାପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ଭାରତ ୪-୩ ପେନାଲ୍ଟି ସୁଟ୍‌ଆଉଟରେ ଶକ୍ତିଶାଳୀ ବେଲଜିୟମକୁ ପରାସ୍ତ କରିଥିଲା। ଉଭୟ ଦଳ ନିର୍ଦ୍ଧାରିତ ସମୟରେ ୨-୨ ଓ ପେନାଲ୍ଟି ସୁଟ୍‌ଆଉଟରେ ପ୍ରଥମ ୩ଟିରେ ଗୋଲ ସ୍କୋର କରିଥିଲେ। ଉଭୟ ଦଳର ଚତୁର୍ଥ ସଟ୍‌କୁ ଗୋଲକିପର ଅଟକାଇଦେଇଥିଲେ। ପଞ୍ଚମ ସଟ୍‌କୁ ମଧ୍ୟ ଭାରତୀୟ ଗୋଲରକ୍ଷକ ବିକ୍ରମଜିତ ସିଂ ଅଟକାଇ ଭାରତକୁ ଜିତିବା ଆଶା ଦେଇଥିଲେ। ପଞ୍ଚମ ସଟ୍ ମାରିଥିବା ଅଙ୍କିତ ପାଲ କାହାରିକୁ ନିରାଶ ନ କରି ଏହାକୁ ଗୋଲରେ ପରିଣତ କରିବା ସହ ଭାରତୀୟ ଶିବିରରେ ଆନନ୍ଦ ଖେଳାଇ ଦେଇଥିଲେ। ନିର୍ଦ୍ଧାରିତ ସମୟରେ ଶାରଦାନନ୍ଦ ତିୱାରୀ ଓ ଅଧିନାୟକ ରୋହିତ ଗୋଲ ଦେଇଥିଲେ। ଅନ୍ୟ କ୍ୱାର୍ଟର ଫାଇନାଲରେ ଜର୍ମାନୀ ୩-୧ ପେନାଲ୍ଟିରେ ଫ୍ରାନ୍ସକୁ, ସ୍ପେନ୍ ୪-୩ରେ ନ୍ୟୁଜିଲାଣ୍ଡକୁ ଓ ଆର୍ଜେଣ୍ଟିନା ୧-୦ ଗୋଲରେ ନେଦରଲାଣ୍ଡକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ।

**ମହିଳା ଦଳର ବୃହତ୍ ବିଜୟ**: ସାଣ୍ଟିଆଗୋଠାରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ଜୁନିଅର ହକି ବିଶ୍ୱକପ୍‌ରେ ଆଜି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୪-୦ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରି ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ଗ୍ରୁପ୍‌ରେ ଜର୍ମାନୀ ହ୍ୟାଟ୍ରିକ ବିଜୟ ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

● ଇନ୍ଦୋରରେ ହୋଟେଲ ଅଭାବ

## ଏସ୍ଏମ୍ଏଟି ନକ୍‌ଆଉଟ୍ ପୁଣେକୁ ସ୍ଥାନାନ୍ତରିତ

ମୁମ୍ବାଇ,୫ା୧୨(ଏଜେନ୍ସି): ଖେଳାଳିଙ୍କ ରହିବା ଲାଗି ଇନ୍ଦୋରରେ ଥିବା ହୋଟେଲ ଗୁଡିକରେ ରୁମ୍‌ର ଅଭାବ ଯୋଗୁଁ ଡିସେମ୍ବର ୧୨ରୁ ୧୮ ଯାଏ ଏଠାରେ ଖେଳାଯିବାକୁ ଥିବା ସୟଦ ମୁସ୍ତାକ ଅଲି ଟି-୨୦ (ଏସ୍ଏମ୍ଏଟି) ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ପୁଣେ ସ୍ଥାନାନ୍ତରିତ କରାଯାଇଛି। ନକ୍‌ଆଉଟରେ ୮ଟି ଦଳର କିଛି ସୁପରଷ୍ଟାରଙ୍କ ସମେତ ଶ୍ରେଷ୍ଠ ଖେଳାଳି ଅଂଶଗ୍ରହଣ କରିବେ। ଏହି ସମୟରେ ଅର୍ଥାତ୍ ଡିସେମ୍ବର ୯ରୁ ୧୨ ତାରିଖ ଯାଏ ଡାକ୍ତରମାନଙ୍କର ଏକ ବିଶ୍ୱ ସମ୍ମିଳନୀ ଆୟୋଜିତ ହେଉଥିବାରୁ ହୋଟେଲ ରୁମ୍ ଆଗୁଆ ବୁକ୍ ହୋଇଯାଇଛି।

## ବାରବାଟୀରେ ଟିକଟ କିଣିବା ପାଇଁ ସଂଘର୍ଷ











## ଭୁବନେଶ୍ୱରରେ ପହଞ୍ଚିଲେ ଦକ୍ଷିଣ ଆଫ୍ରିକା ଟି-୨୦ ଖେଳାଳି

ଭୁବନେଶ୍ୱର,୫ା୧୨(ସମିସ): କଟକର ବାରବାଟୀ ଷ୍ଟାଡିୟମ୍‌ରେ ଭାରତ ସହ ପ୍ରଥମ ଟି-୨୦ ମ୍ୟାଚ୍ ଖେଳିବାକୁ ଦକ୍ଷିଣ ଆଫ୍ରିକାର ୫ଜଣ ଖେଳାଳି ଏଠାରେ ଆଜି ଆସି ପହଞ୍ଚିଛନ୍ତି। ଏହି ଖେଳାଳିମାନେ ହେଲେ ଓପନର ରୀଜା ହେଣ୍ଡ୍ରିକ୍ସ, ୱିକେଟକିପର ଡୋନୋଭାନ ଫେରେରା, ଅଲରାଉଣ୍ଡର ଡେଭିଡ୍ ମିଲର, ସ୍ପିନର ଜର୍ଜ ଲିଣ୍ଡେ ଓ ଫାଷ୍ଟ ବୋଲର କ୍ୱେନା ମାଫକା। ଏମାନେ ଏଠାରେ ହୋଟେଲରେ ରହିବେ। ଡିସେମ୍ବର ୭ରେ ଦକ୍ଷିଣ ଆଫ୍ରିକା ଦଳର ଅବଶିଷ୍ଟ ଖେଳାଳି ଭୁବନେଶ୍ୱରରେ ପହଞ୍ଚିବେ। ଆଇଡେନ୍ ମାରକ୍ରମଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଏହି ଟି-୨୦ ସିରିଜ୍ ଖେଳିବ। ଆସନ୍ତାକାଲି ଭାରତୀୟ ଖେଳାଳି ସୂର୍ଯ୍ୟକୁମାର ଯାଦବ, ଯଶପ୍ରୀତ୍ ବୁମ୍‌ରା, ହାର୍ଦ୍ଦିକ ପାଣ୍ଡ୍ୟା, ଅଭିଷେକ ଶର୍ମା ଓ ସଞ୍ଜୁ ସାମସନଙ୍କ ପରି ୧୦ଜଣ ଖେଳାଳି ଆସିବାର କାର୍ଯ୍ୟକ୍ରମ ରହିଛି।

## ଓଡ଼ିଶା ବିପକ୍ଷରେ ଖେଳିବେ କୋହଲି

ନୂଆଦିଲ୍ଲୀ, ୫ା୧୨ (ଏଜେନ୍ସି): ବିସିସିଆଇର ଘରୋଇ ଲିଷ୍ଟ-ଏ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି ଡିସେମ୍ବର ୨୪ରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ତାରକା ଭାରତୀୟ ବ୍ୟାଟର୍ ବିରାଟ କୋହଲି ସମ୍ମତି ପ୍ରକାଶ କରିଛନ୍ତି। ଫଳରେ ଦୀର୍ଘ ୧୫ ବର୍ଷ ପରେ କୋହଲି ବିଜୟ ହଜାରେ ଟ୍ରଫି ଖେଳିବେ। କୋହଲି ଶେଷଥର ଲାଗି ୨୦୦୯-୧୦ ସିଜନରେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିଲେ। କୋହଲିଙ୍କ ଦଳ ଦିଲ୍ଲୀ ଏଥର ବିଜୟ ହଜାରେ ଟ୍ରଫିରେ ଗ୍ରୁପ୍-ଡି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଦିଲ୍ଲୀ ସମେତ ହରିୟାଣା, ଗୁଜରାଟ, ଓଡ଼ିଶା, ସର୍ଭିସେସ୍, ଆନ୍ଧ୍ର ପ୍ରଦେଶ ଓ ସୌରାଷ୍ଟ୍ର ଦଳ ସ୍ଥାନ ପାଇଛି। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହିକ୍ରମରେ ଡିସେମ୍ବର ୩୧ରେ ଓଡ଼ିଶା ଓ ଦିଲ୍ଲୀ ମଧ୍ୟରେ ବେଙ୍ଗାଲୁରୁର ଆଲୁରରେ ଅନୁଷ୍ଠିତ ହେବ। ଯେହେତୁ କୋହଲି ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ସମ୍ମତି ଜଣାଇଛନ୍ତି ତେଣୁ ଓଡ଼ିଶା ବିପକ୍ଷ ମ୍ୟାଚରେ ସେ ଖେଳିବା ଆଶା ଉଜ୍ଜ୍ୱଳ ରହିଛି।

## ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଅଗ୍ରଣୀ

ବ୍ରିସ୍‌ବେନ୍,୫ା୧୨(ଏଜେନ୍ସି): ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଜୋ ରୁଟ୍‌ଙ୍କ ଅପରାଜିତ ୧୩୪ ଓ ଜ୍ୟାକ୍ କ୍ରାଲୀଙ୍କ ୭୬ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ପ୍ରଥମ ଇନିଂସରେ ୩୩୪ ରନ୍ କରିଥିଲା। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୩୭୮ ରନ୍ କରିବା ସହ ୪୪ ରନ୍‌ରେ ଆଗୁଆ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ଆଲେକ୍ସ କ୍ୟାରୀ ୪୬ ଓ ମାଇକେଲ ନେସର ୧୫ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେକ୍ ୱିଦରାଲ୍ଡ ୭୨, ମାର୍ନସ ଲାବୁସେନ ୬୫ ଓ ଷ୍ଟିଭେନ୍ ସ୍ମିଥ୍ ୬୧, କାମେରନ ଗ୍ରୀନ୍ ୪୫ ଓ ଟ୍ରାଭିସ୍ ହେଡ୍ ୩୩ ରନ୍ କରିଥିଲେ।

**୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ**

## ଡବଲ୍ ଫାଇନାଲରେ ତନ୍‌ଭୀ

ଭୁବନେଶ୍ୱର, ୫ା୧୨ (ସମିସ)



ଓଡ଼ିଶାର ନଂ-୧ ଖେଳାଳି ତନ୍‌ଭୀ ପତ୍ରୀ, ସ୍ୱାତୀ ନାୟକ ଓ ନିମିଶା ଓଝାଙ୍କ ଯୋଡି କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୧୫ ଓ ୧୭ ବର୍ଷରୁ କମ୍ ୩୭ତମ ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପର ଫାଇନାଲ ଖେଳିବାକୁ ଯୋଗ୍ୟତା କରିଛନ୍ତି। ତନ୍‌ଭୀ ଉଭୟ ବିଭାଗର ଏକକ ଏବଂ ସ୍ୱାତୀ- ନିମିଶାଙ୍କ ଯୋଡି ୧୫ ବର୍ଷରୁ କମ୍ ବାଳିକା ବିଭାଗର ଯୁଗଳ କାଟାଗୋରୀର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଆସନ୍ତାକାଲି ହେବାକୁ ଥିବା ୧୫ ବର୍ଷରୁ କମ୍ ଫାଇନାଲରେ ୧୪ତମ ତନ୍‌ଭୀଙ୍କ ସହ ତେଲଙ୍ଗାନାର ଅବନି ବିକ୍ରମ ଗୋବିନ୍ଦଙ୍କର ମୁକାବିଲା ହେବ। ସେହିପରି ୧୭ ବର୍ଷରୁ କମ୍ ବିଭାଗରେ ଟାଇଟଲ ଲାଗି ତାମିଲନାଡୁର ଦୀକ୍ଷା ଏସ୍ଆର୍ ସହ ଲଢ଼େଇ କରିବେ। ସେହିପରି ୧୫ ବର୍ଷରୁ କମ୍ ବାଳିକା ଯୁଗଳ ଟାଇଟଲ ଲାଗି ଓଡ଼ିଶାର ସ୍ୱାତୀ-ନିମିଶାଙ୍କ ସହ ମହାରାଷ୍ଟ୍ରର ସରାୟୁ ରଞ୍ଜନେ ଓ ସୋୟାରା ସେଲାରଙ୍କ ଯୋଡି ସହ ମୁକାବିଲା ହେବ। ବାଳକ ବିଭାଗ ୧୫ ବର୍ଷରୁ କମ୍ ବିଭାଗରେ ପୁଷ୍କର ସାଇଙ୍କ ସହ ହର୍ଷିତ ଖତ୍ରୀଙ୍କର ଓ ୧୭ ବର୍ଷରୁ କମ୍ ବିଭାଗରେ ଟପ୍ ସିଡ ଜଗସେର ସିଂହଙ୍କ ସହ ବିରାଜ ଶର୍ମାଙ୍କର ମୁକାବିଲା ହେବ।

■ **ଡବଲ ଫାଇନାଲ ମୁକାବିଲା**

ଓଡ଼ିଶାର ତାରକା ଖେଳାଳି ତନ୍‌ଭୀ ଆଜି ପ୍ରଥମେ ୧୫ ବର୍ଷରୁ କମ୍ ବାଳିକା ଏକକ ସେମିଫାଇନାଲ ଖେଳିଥିଲେ। ଏଥିରେ ସେ ୨୧-୧୨, ୨୧-୧୯ରେ ତେଲଙ୍ଗାନାର ହାମସିନୀ ଚଦରମଙ୍କ ପରାସ୍ତ କରି ଫାଇନାଲକୁ ଉନ୍ନିତ ହୋଇଥିଲେ। ଅନ୍ୟ ଏକ ସେମିଫାଇନାଲରେ ତେଲଙ୍ଗାନାର ଅବନୀ ବିକ୍ରମ ଗୋବିନ୍ଦ ୨-୦ରେ ପଞ୍ଜାବର ଇନାୟତ ଗୁଲାଟିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ୧୭ ବର୍ଷରୁ କମ୍ ବାଳିକା ଏକକ ସେମି ଫାଇନାଲରେ ତନ୍‌ଭୀ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ୨୧-୧୧, ୨୧-୪ରେ ଏକତରଫା ଭାବେ ଆନ୍ଧ୍ରର ହସାନା ଶ୍ରୀଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ତାମିଲନାଡୁର ଦୀକ୍ଷା ଏସ୍ଆରଙ୍କ ସହ ମୁକାବିଲା ହେବ।

### ସ୍ୱାତୀ- ନିମିଶାଙ୍କ ପ୍ରଥମ ଫାଇନାଲ

୧୫ ବର୍ଷରୁ କମ୍ ବାଳିକା ବିଭାଗ ଯୁଗଳ ସେମି ଫାଇନାଲରେ ବିଜୟୀ ହୋଇ ପ୍ରଥମଥର ଜାତୀୟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଯୋଡି ସ୍ୱାତୀ ନାୟକ ଓ ନିମିଶା ଓଝା। ସେମି ଫାଇନାଲରେ ତାମିଲନାଡୁର ନୟନିକା ଏ. ଏବଂ ଧନ୍ୟା ଏସ୍‌ଜେଙ୍କ ଯୋଡିଙ୍କୁ ୨୧-୧୬, ୯-୨୧, ୨୧-୧୨ ସେଟ୍‌ରେ ପରାସ୍ତ କରି ସ୍ୱାତୀ- ନିମିଶା ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଫାଇନାଲରେ ମହାରାଷ୍ଟ୍ରର ସରାୟୁ ରଞ୍ଜନେ- ସୋୟାରା ସେଲାରଙ୍କ ଯୋଡି ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ସ୍ୱାତୀ-ନିମିଶାଙ୍କ ସହ ସରାୟୁ-ସୋୟାରା ଯୋଡି ମଧ୍ୟରେ ଫାଇନାଲ ମୁକାବିଲା ହେବ।



ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ
୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com
ଇମେଲ୍ ଯୋଗେ ଆବେଦନ କରିପାରିବେ।

ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS